# ଅଧ୍ୟାୟ II

# ଅନୁପାଳନ ସମୀକ୍ଷା


# ଯୋଜନା ଓ ଅଭିସରଣ ବିଭାଗ

## 2.1 ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲୁଓଡିସି) ଦ୍ୱାରା ବିକାଶ

### 2.1.1 ଉପକ୍ରମ

ପଶ୍ଚିମ ଓଡ଼ିଶାରେ ତ୍ୱରିତ ବିକାଶମୂଳକ କାର୍ଯ୍ୟକ୍ରମ ଦ୍ୱାରା କ୍ଷେତ୍ରୀୟ ଅସମାନତା ଦୂରକରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲୁଓଡିସି) ଗଠନ କରିଥିଲେ (ନଭେମ୍ବର 1998) । ଡବ୍ଲୁଓଡିସିର ପରିସୀମା 10 ଟି ଜିଲ୍ଲାର 89 ବ୍ଲକ[1]ରେ ପରିବ୍ୟାପ୍ତ ଥିଲା, ଯାହାକି ନିମ୍ନରେ ଥିବା ମାନଚିତ୍ରରେ ଦର୍ଶାଯାଇଛି :

*ମାନଚିତ୍ର 2.1.1: ଡବ୍ଲୁଓଡିସି ର ପରିସୀମା ଭିତରେ ଥିବା ଜିଲ୍ଲାସମୂହ*




ଡବ୍ଲୁଓଡିସିର ଉଦ୍ଦେଶ୍ୟ, କ୍ଷମତା ଏବଂ କାର୍ଯ୍ୟାବଳୀ ତଥା ସାଙ୍ଗଠନିକ ସଂରଚନାର ବ୍ୟାଖ୍ୟା କରି ଓଡ଼ିଶା ସରକାର ଡବ୍ଲୁଓଡିସି ଅଧିନିୟମ, 2000 ପ୍ରଣୟନ କରିଥିଲେ । ଡବ୍ଲୁଓଡିସିର କାର୍ଯ୍ୟକାରିତା ଉପରେ ଏକ କାର୍ଯ୍ୟ ସଂପାଦନ ସମୀକ୍ଷା, ମାର୍ଚ୍ଚ 2005 ରେ ସମାପ୍ତ ବର୍ଷ ପାଇଁ ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ (ସିଭିଲ୍) ରେ ଅନ୍ତର୍ଭୁକ୍ତ ହୋଇଥିଲା । ସମୀକ୍ଷା ମନ୍ତବ୍ୟ ଓ ଜବାବରେ ସରକାର ଉନ୍ନୟନଜନିତ ଅସମାନତାଗୁଡ଼ିକର ଆକଳନ କରିବା, ଅସମାନତା ଦୂର କରିବା ପାଇଁ ଦୀର୍ଘମିଆଦି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଏବଂ ଶେଷ ହୋଇଥିବା ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ ଓ ପ୍ରଭାବ ଅଧ୍ୟୟନ କରିବାକୁ


[1] 10 ଟି ଜିଲ୍ଲା ଯଥା ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଦେଓଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଏବଂ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ସବ୍‌ଡିଭିଜନ

ସୁନିଶ୍ଚିତ କରିଥିଲେ (ନଭେମ୍ବର 2005) । ଏବେ ସୁଦ୍ଧା ରିପୋର୍ଟ ପିଏସିର ଆଲୋଚନା ଅପେକ୍ଷାରେ ଅଛି । ତେବେବି, ସମୀକ୍ଷାରୁ ଜଣାଗଲା ଯେ ପୂର୍ବ ସମୀକ୍ଷା ପ୍ରତିବେଦନରେ ଦର୍ଶାଯାଇଥିବା କମିଗୁଡ଼ିକ ଏବେ ମଧ ଜାରି ରହିଅଛି ଯାହା ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି:

### 2.1.2 ସାଂଗଠନିକ ବ୍ୟବସ୍ଥା

ଯୋଜନା ଓ ଅଭିସରଣ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଡବ୍ଲୁଓଡିସି କାର୍ଯ୍ୟ କରୁଅଛି । ଡବ୍ଲୁଓଡିସିର ପ୍ରଶାସନିକ ଦାୟିତ୍ୱ ରାଜ୍ୟ ସରକାରଙ୍କ ଦ୍ୱାରା ଚୟନ କରାଯାଇଥିବା 26 ଜଣିଆ ସଦସ୍ୟ[2]ଙ୍କୁ ନେଇ ଗଠିତ ପରିଷଦ ହାତରେ ନ୍ୟସ୍ତ କରାଯାଇଛି । ପରିଷଦର ମୂଖ୍ୟ ହିସାବରେ ଡବ୍ଲୁଓଡିସିର କାର୍ଯ୍ୟକାରୀ ଯୋଜନାଗୁଡ଼ିକ ପ୍ରସ୍ତୁତ କରିବା ଚେୟାରମ୍ୟାନଙ୍କ ଦାୟିତ୍ୱ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଦୈନନ୍ଦିନ ବ୍ୟାପାର ଗୁଡ଼ିକ ପାଇଁ ଦାୟିତ୍ୱବାନ ଅଟନ୍ତି । ଡବ୍ଲୁଓଡିସି ଏହାର ବିକାଶମୂଳକ କାର୍ଯ୍ୟଗୁଡ଼ିକ ସଂପୃକ୍ତ ସହବିଭାଗ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ସମ୍ପାଦନ କରିଥାନ୍ତି । ନିମ୍ନ ଚାର୍ଟରେ ସାଂଗଠନିକ ବ୍ୟବସ୍ଥାର ଚିତ୍ରଣ କରାଯାଇଛି:

***ଚାର୍ଟ 2.1.1: ଡବ୍ଲୁଓଡିସିର ସାଂଗଠନିକ ବ୍ୟବସ୍ଥାର ଚିତ୍ରଣ***




2015-18 ଅବଧିକୁ ଅନ୍ତର୍ଭୁକ୍ତ କରି ଏକ ସମୀକ୍ଷା ଅପ୍ରେଲ ରୁ ଅଗଷ୍ଟ 2018 ମଧରେ କରାଯାଇଥିଲା । ସମୀକ୍ଷାରେ ପି ଆଣ୍ଡ ସି ବିଭାଗ, ଡବ୍ଲୁଓଡିସି, ସମସ୍ତ 10 ଜିଲ୍ଲାର ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ୟୁନିଟ୍ (ଡିପିଏମ୍ୟୁ) ଏବଂ 216 ସହ ବିଭାଗ/ ବ୍ଲକ ମଧ୍ୟରୁ 47 ଟିର ନଥିପତ୍ର ନମୁନା ଯାଞ୍ଚ କରାଯାଇଥିଲା । ଏହିସବୁ ୟୁନିଟଗୁଡ଼ିକ ଅନିୟତ ସ୍ତର ନମୁନା ସଂଗ୍ରହ ପଦ୍ଧତି[3] ଭିତ୍ତିରେ ଚୟନ କରାଯାଇଥିଲା । ସମୀକ୍ଷାରେ 9,151 ପ୍ରକଳ୍ପ[4] ମଧରୁ 943 ଟି (10

---

[2] ମନୋନୀତ ସଦସ୍ୟଗଣ: ଡବ୍ଲୁଓଡିସି ଅଞ୍ଚଳ ମଧରେ ଥିବା ନିର୍ବାଚନ ମଣ୍ଡଳୀରୁ ଜଣେ ଚେୟାରମ୍ୟାନ, 2 ଲୋକ ସଭା ସଦସ୍ୟ, 11 ବିଧାନସଭା ସଦସ୍ୟ, 10 ବିଶେଷଜ୍ଞ ସଦସ୍ୟଗଣ ଏବଂ ରାଜସ୍ୱ ବିଭାଜନ କମିଶନର (ଉତ୍ତରାଞ୍ଚଳ) ।

[3] 87 ବ୍ଲକ୍ ମଧ୍ୟରୁ 20, 30 ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ମଧ୍ୟରୁ ଛଅ, 13 ଗୃହ ଏବଂ ରାସ୍ତା ବିଭାଜନରୁ ଛଅ, 20 ପବ୍ଲିକ ସେକ୍ଟର ଅଣ୍ଡରଟେକିଂ (ପିଏସ୍‌ୟୁ) ରୁ ତିନି, ପାଞ୍ଚ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରୁ ଦୁଇ, 11 ଗ୍ରାମ୍ୟ ଉନ୍ନୟନ ବିଭାଜନରୁ ଦୁଇ, ନଅ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଜନରୁ ଦୁଇ, 16 ବିଦ୍ୟୁତ୍ ବିଭାଜନରୁ ଦୁଇ, ସାତ ଜଳସେଚନ ବିଭାଜନ ରୁ ଦୁଇ ଏବଂ ଚାରି ଜନ ସ୍ୱାସ୍ଥ୍ୟ ବିଭାଜନରୁ ଦୁଇ ।

[4] 1 ଅପ୍ରେଲ 2015 ସୁଦ୍ଧା କାର୍ଯ୍ୟକ୍ଷମ ଥିବା ପ୍ରକଳ୍ପ ଗୁଡ଼ିକର ସଂଖ୍ୟା: 786 ଏବଂ 2015 ରୁ 2018 ମଧରେ ଅନୁମୋଦନ ହୋଇଥିବା ପ୍ରକଳ୍ପ ସଂଖ୍ୟା: 8365

ପ୍ରତିଶତ) ପ୍ରକଳ୍ପର ନମୁନା ଯାଞ୍ଚ କରାଯାଇଥିଲା । ପ୍ରତ୍ୟାଶିତ ପରିମାଣ ତୁଳନାରେ ସଫଳତା ଜାଣିବାକୁ 943 ନମୁନା ଯାଞ୍ଚ ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ 456 (48 ପ୍ରତିଶତ) ପ୍ରକଳ୍ପର ମିଳିତ ସରଜମିନ ତଦନ୍ତ କରାଯାଇଥିଲା ।

### 2.1.3 ଅଭାବି ଯୋଜନା ଓ ଆନୁଷ୍ଠାନିକ ବ୍ୟବସ୍ଥା

#### *2.1.3.1 ଅଭାବି ଯୋଜନା*

ସରକାର, ଡବ୍ଲୁଓଡିସି ଅଞ୍ଚଳରେ ବିକାଶ ମୂଳକ ଯୋଜନାଗୁଡ଼ିକରେ ଥିବା ବ୍ୟବଧାନକୁ ପୂରଣ ଲକ୍ଷ୍ୟରେ ଡବ୍ଲୁଓଡିସିକୁ ପାଣ୍ଠି ବଣ୍ଟନର ନିର୍ଦ୍ଦେଶ ଦେଇଥିଲେ (ନଭେମ୍ବର 2013) । ତଦନୁସାରେ, ଡବ୍ଲୁଓଡିସି ବିଭିନ୍ନ ସେକ୍ଟରଗୁଡ଼ିକ ପାଇଁ 5 ରୁ 40 ପ୍ରତିଶତ ପାଣ୍ଠି ବଣ୍ଟନ କରିବାକୁ ରୀତି ସ୍ଥିର କରିଥିଲେ (ଅଗଷ୍ଟ 2013) । ରୀତି ଅନୁଯାୟୀ ପ୍ରତି ସେକ୍ଟରକୁ ପାଣ୍ଠି ବଣ୍ଟନର ଶତକଡ଼ା ହିସାବ ଏବଂ 2015 ରୁ 2018 ମଧ୍ୟରେ ପ୍ରତ୍ୟେକ ସେକ୍ଟରରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକର ସଂଖ୍ୟା ସହିତ ପ୍ରକୃତ ପାଣ୍ଠି ବଣ୍ଟନ ସାରଣୀ ***2.1.1*** ରେ ଦର୍ଶାଗଲା **:**

***ସାରଣୀ 2.1.1: 2015-18 ମଧ୍ୟରେ ପ୍ରତି ସେକ୍ଟରକୁ ପାଣ୍ଠି ବଣ୍ଟନ***

| ସେକ୍ଟର | ଅନୁମୋଦିତ ପ୍ରକଳ୍ପ ସଂଖ୍ୟା | ଅନୁମୋଦିତ ମୂଲ୍ୟ ( କୋଟିରେ) | ରୀତି ଅନୁଯାୟୀ ବଣ୍ଟନ (ଶତକଡ଼ାରେ) | ପ୍ରକୃତ ବଣ୍ଟନ (ଶତକଡ଼ାରେ) |
|---|---|---|---|---|
| ଅନ୍ୟାନ୍ୟ ପ୍ରକଳ୍ପ | 3173 | 159.41 | 10 | 38.90 |
| ରାସ୍ତା ଓ ଯୋଗାଯୋଗ | 1965 | 94.35 | 15 | 23.03 |
| ଶିକ୍ଷା | 1351 | 89.14 | 15 | 21.76 |
| ଜଳସେଚନ | 1395 | 48.33 | 40 | 11.80 |
| ପାନୀୟ ଜଳ | 307 | 9.42 | 10 | 2.30 |
| ବିଦ୍ୟୁତିକରଣ | 147 | 6.62 | 5 | 1.62 |
| ସ୍ୱାସ୍ଥ୍ୟ | 27 | 2.45 | 5 | 0.60 |
| ମୋଟ | **8365** | **409.72**[5] | | |

***(ଉତ୍ସ: ଡବ୍ଲୁଓଡିସି ଦ୍ୱାରା ପ୍ରଦତ୍ତ ସୂଚନା)***

ଉପର ଲିଖିତ ପ୍ରସଙ୍ଗରେ ସମୀକ୍ଷା ଦ୍ୱାରା ନିମ୍ନଲିଖିତ ମନ୍ତବ୍ୟ ଦିଆଗଲା:

#### *2.1.3.2 ଅଗ୍ରାଧିକାର ସେକ୍ଟର ଗୁଡ଼ିକୁ ପର୍ଯ୍ୟାପ୍ତ ପାଣ୍ଠି ଆବଣ୍ଟନ କରା ନଯିବା*

ଜଳସେଚନ ସେକ୍ଟରକୁ ସର୍ବାଧିକ ଅଗ୍ରାଧିକାର ଦିଆଯିବାକୁ ଡବ୍ଲୁଓଡିସିର ନିଷ୍ପତ୍ତି (ଅଗଷ୍ଟ 2013) ସ୍ଥଳେ ଜଳସେଚନ ସେକ୍ଟରକୁ ଅଗ୍ରାଧିକାର ଦିଆଯାଇ ନଥିଲା । ପୁନଶ୍ଚ ଅନ୍ୟ ସମସ୍ତ ସେକ୍ଟରଗୁଡ଼ିକୁ ମଧ୍ୟ ରୀତି ଅନୁଯାୟୀ ପାଣ୍ଠି ଆବଣ୍ଟନ ହୋଇନଥିଲା । "ଅନ୍ୟ ପ୍ରକଳ୍ପଗୁଡ଼ିକୁ" ସର୍ବାଧିକ ଅଗ୍ରାଧିକାର ଦିଆଗଲା ଏବଂ 159.41 କୋଟି (39 ପ୍ରତିଶତ) ପାଣ୍ଠି ବଣ୍ଟନ କରାଗଲା ଯାହାକି ସେହି କ୍ଷେତ୍ରର ଉନ୍ନତି ପାଇଁ ଅତ୍ୟାବଶ୍ୟକ ନଥିଲା । ଦୃଷ୍ଟାନ୍ତ ସ୍ୱରୂପ, 2015-18 ମଧ୍ୟରେ ରାଉରକେଲା ମ୍ୟୁନିସିପାଲ କର୍ପୋରେସନ(ଆର୍ଏମ୍ସି) ଅଞ୍ଚଳରେ 77 ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରିବାକୁ 3.03 କୋଟି ଟଙ୍କା ଅନୁମୋଦନ ହୋଇଥିଲା ଯଦିଓ ସେହି ସହର "ସ୍ମାର୍ଟ ସିଟି" ଭାବରେ ବିକଶିତ ହୋଇଥିଲା ଏବଂ ଡବ୍ଲୁଓଡିସି ରୁ ଅନୁଦାନ ଆବଶ୍ୟକ କରୁନଥିଲା । ପୁନଶ୍ଚ ଆରଏମ୍ସି ଅଞ୍ଚଳରେ ସାତଟି ପ୍ରତିମୂର୍ତ୍ତୀ ସ୍ଥାପନ କରିବା ପାଇଁ 0.32 କୋଟି ଟଙ୍କା ଅନୁମୋଦନ (2014-15) ହୋଇଥିଲା, ଯାହାକି ନିହାତି ଆବଶ୍ୟକ କାର୍ଯ୍ୟ ନଥିଲା ଏବଂ ନଭେମ୍ବର 2013 ରେ ଜାରି ହୋଇଥିବା ସରକାରଙ୍କ ଅନୁଦେଶକୁ ଉଲ୍ଲଙ୍ଘନ କରୁଥିଲା । ପାଣ୍ଠିର ଅଭାବ ହେତୁ ଶେଷ ହୋଇପାରୁନଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକରେ ଏହି ପାଣ୍ଠି ବିନିଯୋଗ ହୋଇପାରିଥାନ୍ତା ।

5 2015 ରୁ 2018 ମଧ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଦିଆଯାଇଥିବା ଅନୁଦାନ ରାଶି 300 କୋଟି ଟଙ୍କା ଓ ଅବଶିଷ୍ଟ 109.72 କୋଟି ଟଙ୍କା ପୂର୍ବ ବର୍ଷଗୁଡ଼ିକରେ ଖର୍ଚ୍ଚ ହୋଇନଥିବା ଅର୍ଥ ଓ ସୁଧକୁ ପ୍ରତିନିଧିତ୍ୱ କରେ ।

6 ଯଥା କମ୍ୟୁନିଟି ସେଣ୍ଟର, କଲ୍ୟାଣ ମଣ୍ଡପ, କୀର୍ତ୍ତନ ମଣ୍ଡପ, ମହିମା ଆଶ୍ରମ, ଧାର୍ମିକ ଅନୁଷ୍ଠାନ, ପ୍ରତିମୂର୍ତ୍ତି ସ୍ଥାପନ ଇତ୍ୟାଦି

ପିଆଣ୍ଡସି ବିଭାଗ ବ୍ୟକ୍ତ କରିଥିଲେ (ଅକ୍ଟୋବର 2018) ଯେ ସେହି ପ୍ରକଳ୍ପଗୁଡ଼ିକ ଜନସାଧାରଣଙ୍କ ଦାବୀ ଅନୁଯାୟୀ ମଞ୍ଜୁର କରାଯାଇଥିଲା । ଏକଥା ସତ୍ୟ ଯେ ପାଣ୍ଠି ଆବଣ୍ଟନରେ ଡବ୍ଲୁଓଡିସି ଦ୍ୱାରା ଅନୁମୋଦିତ ହୋଇଥିବା ସେକ୍ଟର ଭିତ୍ତିକ ଆବଣ୍ଟନ ରୀତି ପାଳନ ହୋଇନଥିଲା ।

### *2.1.3.3 ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନଗୁଡ଼ିକର ଅଣମୂଲ୍ୟାୟନ ଓ ବାର୍ଷିକ/ ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତି ନହେବା*

ଡବ୍ଲୁଓଡିସି ଅଧିନିୟମର ଧାରା 11 ଅନୁଯାୟୀ ଡବ୍ଲୁଓଡିସି ଦ୍ୱାରା ଦୀର୍ଘ ମିଆଦୀ/ ସ୍ୱଳ୍ପ ମିଆଦୀ ଯୋଜନାଗୁଡ଼ିକର ପ୍ରସ୍ତୁତି ଓ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବ ମୂଲ୍ୟାୟନ ଅଧ୍ୟୟନ କାର୍ଯ୍ୟ ସଂଚାଳନ କରିବାକୁ ଥିଲା । ପିଆଣ୍ଡସି ବିଭାଗ ଜଟିଳ ବ୍ୟବଧାନଗୁଡ଼ିକର ମୂଲ୍ୟାଙ୍କନ ଓ ପଶ୍ଚିମ ଓଡ଼ିଶାର ସାମାଜିକ ଅର୍ଥନୀତି, ସାଂସ୍କୃତିକ ଏବଂ ଶିକ୍ଷାଗତ ବିକାଶ ପାଇଁ ପ୍ରତିକାରାତ୍ମକ ଉପାୟର ପ୍ରସ୍ତାବ ଦେବାକୁ ଦାରିଦ୍ର୍ୟ ଓ ମାନବ ବିକାଶ ପରିଚାଳନା ଏଜେନ୍ସି (ପିଏଚଡିଏମ୍ଏ)[7] କୁ ଚୟନ କରିଥିଲା (ନଭେମ୍ବର 2013) । ଡବ୍ଲୁଓଡିସି ଏହି ଉଦ୍ଦେଶ୍ୟରେ ସଂଯୋଜନା ଏବଂ ପିଏଚ୍ଡିଏମ୍ଏ ସହିତ ଚୁକ୍ତିନାମା କାର୍ଯ୍ୟକାରୀ କରିବାକୁ ସିଇଓ ଙ୍କୁ ସ୍ୱୀକୃତି ପ୍ରଦାନ କରିଥିଲା (ଡିସେମ୍ବର 2013) । ସିଇଓ ତଥାପି ପିଏଚ୍ଡିଏମ୍ଏ ସହିତ ଏହି ଦିଗରେ କୌଣସି କାର୍ଯ୍ୟକରିନଥିଲେ କିମ୍ବା ପିଆଣ୍ଡସି ବିଭାଗ ଏ ବାବଦରେ କୌଣସି ପଦକ୍ଷେପ ନେଇ ନଥିଲେ । ଫଳସ୍ୱରୂପ, କୌଣସି ବାର୍ଷିକ/ ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ ହୋଇପାରି ନଥିଲା ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନଗୁଡ଼ିକୁ ଅଣଦେଖା କରି ସାଂସଦ, ବିଧାୟକ, ସିଇଓ ଓ ଡବ୍ଲୁଓଡିସି ର ଅନ୍ୟ ସଦସ୍ୟଙ୍କ ସୁପାରିଶ ଅନୁଯାୟୀ ପ୍ରକଳ୍ପଗୁଡ଼ିକ ଅନୁମୋଦନ କରାଯାଇଥିଲା । ଏହା ବ୍ୟତୀତ, ମାର୍ଚ୍ଚ 2018 ସୁଦ୍ଧା ସମାପ୍ତି ହୋଇଥିବା 26,690 ପ୍ରକଳ୍ପଗୁଡ଼ିକ ସମ୍ବନ୍ଧରେ ଡବ୍ଲୁଓଡିସି ଦ୍ୱାରା କୌଣସି ପ୍ରଭାବ ଅଧ୍ୟୟନ/ ମୂଲ୍ୟାଙ୍କନ କରାଯାଇ ନଥିଲା । ଯୋଜନା ବିନା ମନୋନୀତ ଏବଂ ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ନଥିବା ପ୍ରକଳ୍ପ ଗୁଡ଼ିକର କିଛି ଉଦାହରଣ ନିମ୍ନରେ ଦିଆଗଲା:

- ଡବ୍ଲୁଓଡିସି, ଚାରୋଟି[8] କାର୍ଯ୍ୟନିର୍ବାହୀ ଏଜେନ୍ସୀ (ଇଏ) ଦ୍ୱାରା 29.22 ଲକ୍ଷ ଟଙ୍କା ରେ 39 ଟି ନଳକୂପ ଖୋଳିବାକୁ ଅନୁମୋଦନ କରିଥିଲା । ଏଗୁଡ଼ିକ ମଧ୍ୟରୁ 10 ରୁ 40 ଲିଟର ପାନୀୟ ଜଳ ଯୋଗାଣ ହେଉଥିବା ଅଞ୍ଚଳ ଅର୍ଥାତ୍ ଅଣ-ପରିସରଭୁକ୍ତ ଅଞ୍ଚଳରେ ଖୋଳାଯିବା ପରିବର୍ତ୍ତେ ମୁଣ୍ଡ ପିଛା 40 ଲିଟରରୁ ଅଧିକ ପାନୀୟ ଜଳ ଯୋଗାଣ ହେଉଥିବା ଅଞ୍ଚଳ ଅର୍ଥାତ୍ ସଂପୂର୍ଣ୍ଣ ପରିସରଭୁକ୍ତ ଅଞ୍ଚଳରେ 10 ଟି ନଳକୂପ ଖୋଳା ଯାଇଥିଲା । ଏହା ବ୍ୟତୀତ, ଠିକାଦାରମାନଙ୍କ ସହିତ ହୋଇଥିବା ଚୁକ୍ତିନାମା ଅନୁଯାୟୀ ଆବଶ୍ୟକ ରାସାୟନିକ ପରୀକ୍ଷା କରାଯିବା କଥା ଏବଂ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସନ୍ତୁଷ୍ଟି ହେତୁ କାର୍ଯ୍ୟର ସଫଳ ପରୀକ୍ଷଣ ପରେ ଠିକାଦାରମାନଙ୍କୁ ଚୂଡ଼ାନ୍ତ ଦେୟ ପ୍ରଦାନ କରିବାର ଥିଲା । ଅବଶ୍ୟ ଇଏ କୌଣସି ରାସାୟନିକ ପରୀକ୍ଷା ନକରି ଠିକାଦାରମାନଙ୍କୁ ଚୂଡ଼ାନ୍ତ ଦେୟ ପ୍ରଦାନ କରିଥିଲେ । ରାସାୟନିକ ପରୀକ୍ଷଣ ବିନା ଏହିସବୁ ଅଞ୍ଚଳରେ ନିରାପଦ ପାନୀୟ ଜଳ ଯୋଗାଣ ଭରସା ଯୋଗ୍ୟ ନଥିଲା ।

- ***ଅସ୍ୱୀକୃତ ସହାୟତା :*** ସରକାରୀ ନିର୍ଦ୍ଦେଶ (ନଭେମ୍ବର 2013) ଅନୁଯାୟୀ, ଅନ୍ୟାନ୍ୟ କାର୍ଯ୍ୟକ୍ରମ/ ଯୋଜନା ଅଧିନରେ ପାଣ୍ଠି ପାଇବାକୁ ଯୋଗ୍ୟ ଥିବା ପ୍ରକଳ୍ପଗୁଡ଼ିକ ପାଇଁ ଡବ୍ଲୁଓଡିସି ପାଣ୍ଠି ଆବଣ୍ଟନ କରାଯିବା ଉଚିତ୍ ନୁହେଁ । ଅଧିକନ୍ତୁ, ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆର୍ଥିକ ସହାୟତା ଓଡ଼ିଶା ଶିକ୍ଷା ଅଧିନିୟମ, 1969 ଅନୁଯାୟୀ ପରିଚାଳିତ ହେଉଅଛି । ଏହି ଅଧିନିୟମର ଧାରା 7 (ସି) (4) ଧାର୍ଯ୍ୟ କରିଛି ଯେ ଏହି ଅଧିନିୟମ ଅନୁଯାୟୀ କରାଯାଇଥିବା ଆଦେଶ କିମ୍ବା ନିୟମ ବ୍ୟତୀତ କୌଣସି ଶିକ୍ଷାନୁଷ୍ଠାନକୁ ସହାୟତା ଅନୁଦାନ ପ୍ରଦାନ କରାଯିବ ନାହିଁ । ଏହି ସବୁ ନିର୍ଦ୍ଦେଶଗୁଡ଼ିକୁ ଅଣଦେଖାକରି ଡବ୍ଲୁଓଡିସି 2014-15 ରୁ 2017-18 ମଧ୍ୟରେ କେତେକ (193) ବେସରକାରୀ ଶିକ୍ଷାନୁଷ୍ଠାନକୁ 9.11 କୋଟି ଟଙ୍କା ପ୍ରଦାନ କରିଥିଲେ । ଏହି ଅନୁଷ୍ଠାନଗୁଡ଼ିକର ପରିଚାଳନା / ଟ୍ରଷ୍ଟିମାନେ ଛାତ୍ରମାନଙ୍କଠାରୁ ଶିକ୍ଷା ପ୍ରଦାନ କରିବା ପାଇଁ ଦେୟ ଆଦାୟ କରିଥିଲେ । ଏହି ସହାୟତା ଡବ୍ଲୁଓଡିସି ଦ୍ୱାରା ଅନୁମତି ପ୍ରାପ୍ତ

[7] ପି ଆଣ୍ଡ ସି ବିଭାଗର ପ୍ରଶାସନିକ ଅଧିନରେ କାର୍ଯ୍ୟ କରୁଥିବା ଏକ ସଂସ୍ଥା

[8] ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଜନ, ବରଗଡ଼ ଓ ବୌଦ୍ଧ: ନିର୍ବାହୀ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଜନ: ରାଉରକେଲା ଓ ସମ୍ବଲପୁର

ନୁହେଁ ଯେହେତୁ ଏହି ପ୍ରକଳ୍ପଗୁଡ଼ିକ ଏମ୍‌ପିଲ୍ୟାଡ୍/ ଏମ୍‌ଏଲଏଲ୍ୟାଡ୍ ଯୋଜନା ଅଧିନରେ ଅନ୍ତର୍ଭୁକ୍ତ ଥିଲା । ପୁନଶ୍ଚ, ଓଡ଼ିଶା ଶିକ୍ଷା ଅଧିନିୟମ ଅନୁଯାୟୀ କୌଣସି ନିର୍ଦ୍ଦିଷ୍ଟ ଆଦେଶ/ ନିୟମର ଅନୁପସ୍ଥିତିରେ ଏହିପରି ଆର୍ଥିକ ସହାୟତା ଯୋଗାଇବା ଅନିୟମିତ ଥିଲା ।


ପିଆଣ୍ଡସି ବିଭାଗ ଜଣାଇଲେ (ଅକ୍ଟୋବର 2018) ଯେ ଗୁଣାତ୍ମକ ଶିକ୍ଷା ଯୋଗାଇବା ପାଇଁ ଏମ୍‌ପି/ଏମ୍‌ଏଲ୍‌ଏ ଲ୍ୟାଡ୍ ଅଧିନରେ ପ୍ରଦାନ କରାଯାଉଥିବା ଅର୍ଥ ପର୍ଯ୍ୟାପ୍ତ ନଥିବାରୁ, ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ସହାୟତା ପ୍ରଦାନ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ଦୂର କରିବା ପାଇଁ ପ୍ରୟାସର ଏକ ଅଂଶ ଥିଲା । ବିଭାଗ ମଧ୍ୟ ଏହି କ୍ଷେତ୍ରର ଆବଶ୍ୟକତାକୁ ଆକଳନ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ଗୁଡ଼ିକୁ ଚିହ୍ନଟ କରିବାକୁ ନିଷ୍ପତ୍ତି କରିଛି । ଏହି ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ଓଡ଼ିଶା ଶିକ୍ଷା ଅଧିନିୟମ, 1969 ର ଧାରା 7-ସି (4) ଅନୁଯାୟୀ ଅଧିନିୟମ ଅନୁସାରେ କରାଯାଇଥିବା ଆଦେଶ କିମ୍ବା ନିୟମ ବ୍ୟତୀତ କୌଣସି ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକୁ କୌଣସି ଅର୍ଥ ପ୍ରଦାନ କରାଯିବାର ନଥିଲା । ଏହିପରି ଆର୍ଥିକ ସହାୟତା ଯୋଗାଇଦେବା ପାଇଁ କୌଣସି ଆଦେଶ କିମ୍ବା ନିୟମ ପ୍ରଣୟନ କରାଯାଇ ନଥିଲା ।

***ସୁପାରିଶ: ଡବ୍ଲୁଓଡିସି ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ବିକାଶର ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନଗୁଡ଼ିକୁ ଚିହ୍ନଟ କରିବା ଏବଂ କାର୍ଯ୍ୟାନ୍ୱୟନ ପାଇଁ ଏହି ବ୍ୟବଧାନଗୁଡ଼ିକୁ ଦୂର କରିବାକୁ ଦୀର୍ଘ/ ସ୍ୱଳ୍ପ ମିଆଦି ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ।***

### 2.1.3.4 ପଛୁଆ ଓ ଅତି ପଛୁଆ ଅଞ୍ଚଳ ପାଇଁ ପର୍ଯ୍ୟାପ୍ତ ପ୍ରାଥମିକତା ନଦେବା

ଡବ୍ଲୁଓଡିସି ଅଧିନରେ ଆସୁଥିବା 89 ବ୍ଲକ୍ ମଧ୍ୟରୁ 34 ବ୍ଲକ( 38 ପ୍ରତିଶତ) ପଛୁଆ ଓ 25 ବ୍ଲକ (28 ପ୍ରତିଶତ) ଅତି ପଛୁଆ[9] ଥିଲା । ଅତି ପଛୁଆ ଏବଂ ପଛୁଆ ବ୍ଲକଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେବାକୁ ଓଡ଼ିଶା ସରକାର ନିର୍ଦ୍ଦେଶ ଦେଇଥିଲେ (ଜୁନ୍ 2013) । 2015 ରୁ 2018 ମଧ୍ୟରେ ବିଭିନ୍ନ ବର୍ଗର ବ୍ଲକ୍ ଗୁଡ଼ିକୁ ଆବଣ୍ଟନ ହୋଇଥିବା ପାଣ୍ଠି ନିମ୍ନରେ ଥିବା ***ଚାର୍ଟ 2.1.2*** ରେ ଚିତ୍ରିତ କରାଗଲା:

***ଚାର୍ଟ 2.1.2 ବର୍ଷ 2015-18 ମଧ୍ୟରେ ବିଭିନ୍ନ ବର୍ଗ ଅନୁସାରେ ବଣ୍ଟନ ହୋଇଥିବା ପାଣ୍ଠି (କୋଟିରେ)***




ମୋଟ ଖର୍ଚ୍ଚ 409.72 କୋଟି ଟଙ୍କା ମଧ୍ୟରୁ ବର୍ଷ 2015-18 ମଧ୍ୟରେ ବିକାଶ ତଥା ବିକଶିତ ବ୍ଲକଗୁଡ଼ିକ ପାଇଁ 183.41 କୋଟି ଟଙ୍କା (45 ପ୍ରତିଶତ) ଆବଣ୍ଟିତ ହୋଇଥିବା ବେଳେ ଅତି ପଛୁଆ ବ୍ଲକ ଗୁଡ଼ିକ ପାଇଁ କେବଳ 128.79 କୋଟି ଟଙ୍କା (31 ପ୍ରତିଶତ) ଏବଂ ପଛୁଆ ବ୍ଲକ ଗୁଡ଼ିକ ପାଇଁ 97.52 କୋଟି ଟଙ୍କା (24

[9] ଘଡେଇ କମିଟି ରିପୋର୍ଟ 1991 ଅନୁଯାୟୀ, ଅତି ପଛୁଆ: 34, ପଛୁଆ: 25, ବିକାଶଶୀଳ: 25 ଏବଂ ବିକଶିତ: 5 ବ୍ଲକ୍

ପ୍ରତିଶତ) ଆବଣ୍ଟନ କରାଯାଇଥିଲା । ଏହି ପ୍ରକାରେ, ପଛୁଆ ଏବଂ ଅତି ପଛୁଆ ବ୍ଲକଗୁଡ଼ିକୁ ପାଣ୍ଠି ଆବଣ୍ଟନରେ ପ୍ରାଧାନ୍ୟ ଦିଆଯାଇ ନଥିଲା ।

ଯୋଜନା ଓ ଅଭିସରଣ ବିଭାଗ ପ୍ରକୃତ ଘଟଣା ସ୍ୱୀକାର କରି ଜଣାଇଲେ (ଅକ୍ଟୋବର 2018)ଯେ କେତେକ ବିକଶିତ ବ୍ଲକଗୁଡ଼ିକରେ ପଛୁଆ ବା ଅତି ପଛୁଆ ଅଞ୍ଚଳ ରହିଛି ଯାହାର ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ଦିଆଯାଇଥିଲା । ତେବେ ବି ପ୍ରକୃତ ଘଟଣା ଏହା ଥିଲା ଯେ, କେଉଁ ଆଧାରରେ ଘଡ଼ାଇ କମିଟି ରିପୋର୍ଟକୁ ଅଣଦେଖା କରି ସେହି ସବୁ ଅଞ୍ଚଳଗୁଡ଼ିକୁ ପଛୁଆ ଅଞ୍ଚଳ ଭାବେ ପରିଗଣିତ କରାଯାଇଥିଲା ତାହାର କୌଣସି ଅଧ୍ୟୟନ କିମ୍ବା ରିପୋର୍ଟ ନଥିଲା ।

***ସୁପାରିଶ: ପାଣ୍ଠି ଆବଣ୍ଟନରେ ଅତି ପଛୁଆ ଏବଂ ପଛୁଆ ବ୍ଲକଗୁଡ଼ିକୁ ପ୍ରାଧାନ୍ୟ ଦିଆଯିବା ଉଚିତ୍, ଯାହାଦ୍ୱାରା ବିକଶିତ ବ୍ଲକଗୁଡ଼ିକ ସହିତ ଏହି ବ୍ଲକଗୁଡ଼ିକର ସମାନତା ଆଣିହେବ ।***

### *2.1.3.5 ସମ୍ଭାବ୍ୟତା ଦୃଷ୍ଟିରେ ନରଖି ପ୍ରକଳ୍ପଗୁଡ଼ିକର ଅନୁମୋଦନ*

ଡବ୍ଲୁଓଡିସି, ପ୍ରକଳ୍ପ ଗୁଡ଼ିକର ସମ୍ଭାବ୍ୟତା/ ଆବଶ୍ୟକତାର ଯାଞ୍ଚ କରିବା ପାଇଁ, ଏକ ପ୍ରକଳ୍ପ ସ୍କ୍ରିନିଂ କମିଟି ଗଠନ କରିଥିଲା (ଅଗଷ୍ଟ 2014) । କମିଟି ଗଠନ ସତ୍ତ୍ୱେ ଏହା ଲକ୍ଷ୍ୟ କରାଯାଇଥିଲା ଯେ ସମ୍ଭାବ୍ୟତା/ ଆବଶ୍ୟକତା ଯାଞ୍ଚ ନ କରି ପ୍ରକଳ୍ପଗୁଡ଼ିକ ଅନୁମୋଦିତ ହୋଇଥିଲା । ଫଳସ୍ୱରୂପ, 2004-2018 ମଧ୍ୟରେ 27,910 ମଧ୍ୟରୁ 1,009 ପ୍ରକଳ୍ପ (4 ପ୍ରତିଶତ) ପାଇଁ 61.15 କୋଟି ଟଙ୍କା ଖର୍ଚ୍ଚ ଅନୁମୋଦିତ ହୋଇଥିଲା ଯାହାକି ଅନାବଶ୍ୟକ ବୋଲି ଜଣାଗଲା, ଯେହେତୁ ଅନ୍ୟାନ୍ୟ ଯୋଜନା ଅଧିନରେ ଉକ୍ତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯାଇଥିଲା । ଏହି ପ୍ରକଳ୍ପଗୁଡ଼ିକ ଡିସେମ୍ବର 2013 ରୁ ମାର୍ଚ୍ଚ 2018 ମଧ୍ୟରେ ବାତିଲ୍ କରାଯାଇଥିଲା ଏବଂ ସେହି ସ୍ଥାନରେ ସମାନ/ ଭିନ୍ନ ପ୍ରକୃତିର 1,033 ନୂତନ ପ୍ରକଳ୍ପ ସହିତ କାର୍ଯ୍ୟକାରୀ କରାଯାଇଥିଲା ।

ପି ଆଣ୍ଡ ସି ବିଭାଗ ଉକ୍ତ ତଥ୍ୟକୁ ସ୍ୱୀକାର କରି ବ୍ୟକ୍ତ କଲେ (ଅକ୍ଟୋବର 2018 ) ଯେ ଡବ୍ଲୁଓଡିସି ପାଖରେ ବୈଷୟିକ ମାନବ ସମ୍ବଳ ଉପଲବ୍ଧ ନଥିବା ଯୋଗୁଁ ସମ୍ଭାବ୍ୟ ଅଧ୍ୟୟନର ପରିଚାଳନା କରାଯାଇ ପାରିନଥିଲା । କିନ୍ତୁ ଏହା ସତ୍ୟ ଯେ ଉପରୋକ୍ତ ସମୟ ମଧ୍ୟରେ ବୈଷୟିକ ବ୍ୟକ୍ତି ମାନେ ଡବ୍ଲୁଓଡିସି ରେ ବିଶେଷଜ୍ଞ ସଦସ୍ୟ ଭାବରେ ନିଯୁକ୍ତ ହୋଇଥିଲେ ।

### *2.1.3.6 ଅନୁପଯୁକ୍ତ ଯୋଜନା ହେତୁ ସମ୍ବଳର ଉପଯୋଗ ନହେବା*

ଡବ୍ଲୁଓଡିସି ଦ୍ୱାରା ନିଆଯାଇଥିବା ପ୍ରକଳ୍ପଗୁଡ଼ିକ ଠିକ୍ ସମୟରେ ସମାପ୍ତ ହେବା ପାଇଁ ସଂପୂର୍ଣ୍ଣ ଅର୍ଥ ପ୍ରଦାନ ନିଶ୍ଚିତ କରିବାକୁ ଓଡ଼ିଶା ସରକାର ନିର୍ଦ୍ଦେଶ ଦେଇଥିଲେ (ଅପ୍ରେଲ 2011) । ଏହା ଲକ୍ଷ୍ୟ କରାଯାଇଥିଲା ଯେ ସହଯୋଗୀ ଭିତ୍ତିଭୂମି ନିର୍ମାଣ ପାଇଁ ମୋଟ ପାଣ୍ଠିର ଆବଶ୍ୟକତାକୁ ବିଚାର ନ କରି ଡବ୍ଲୁଓଡିସି ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରିଥିଲା । ଫଳସ୍ୱରୂପ, ସହଯୋଗୀ ଭିତ୍ତିଭୂମି ନଥିବାରୁ ପ୍ରକଳ୍ପଗୁଡ଼ିକ ବ୍ୟବହାର କରାଯାଇ ପାରିନଥିଲା ଯାହାକି ଯୁଗ୍ମ ସରଜମିନ ତଦନ୍ତ (ଜେପିଆଇ) (ଜୁନ୍/ ଜୁଲାଇ 2018) ସମୟରେ ଜଣାପଡ଼ିଥିଲା । ଏହିପରି କିଛି ଉଦାହରଣ ନିମ୍ନରେ ଆଲୋଚନା କରାଗଲା ।

***ସାରଣୀ 2.1.2 ସହଯୋଗୀ ଭିତ୍ତିଭୂମି ସୃଷ୍ଟି ନହେବା କାରଣରୁ ପ୍ରକଳ୍ପଗୁଡ଼ିକ ବ୍ୟବହାର ନହୋଇ ପଡ଼ିରହିବା***

| ପ୍ରକଳ୍ପର ନାମ (ସମାପ୍ତ ବର୍ଷ) | ପ୍ରକଳ୍ପ ମୂଲ୍ୟ (କୋଟି ଟଙ୍କାରେ) | ଅଡିଟ୍ ମନ୍ତବ୍ୟ |
|---|---|---|
| ବରପାଲି ମହାବିଦ୍ୟାଳୟ, ବରଗଡ଼ ଠାରେ ନିର୍ମିତ ଗଙ୍ଗାଧର ମେହେର ମେମୋରିଆଲ ଅଡିଟୋରିୟମ କମ୍ ରିସର୍ଚ୍ଚ ସେଣ୍ଟର ଏବଂ ଲାଇବ୍ରେରୀ ହଲର ନିର୍ମାଣ(ସେପ୍ଟେମ୍ବର 2016) | 1.08 | ଆବଶ୍ୟକ ଆସବାବପତ୍ର ଏବଂ ଉପକରଣର ଅଭାବ ପାଇଁ ଏହି କୋଠାକୁ ଜୁଲାଇ 2018 ସୁଦ୍ଧା ବ୍ୟବହାର କରାଯାଇପାରି ନଥିଲା । |

| ପ୍ରକଳ୍ପର ନାମ (ସମାପ୍ତ ବର୍ଷ) | ପ୍ରକଳ୍ପ ମୂଲ୍ୟ (କୋଟି ଟଙ୍କାରେ) | ଅଡିଟ୍ ମନ୍ତବ୍ୟ |
|---|---|---|
| ଲାଲା ଲଜପତ୍ ରାୟ ଆଇନ୍ ମହା ବିଦ୍ୟାଳୟ, ସମ୍ବଲପୁର ଠାରେ 120 ଆସନ ବିଶିଷ୍ଟ ମହିଳା ହଷ୍ଟେଲ ନିର୍ମାଣ (ମାର୍ଚ୍ଚ 2018) | 2.21 | ହଷ୍ଟେଲ କାର୍ଯ୍ୟକାରିତା ପାଇଁ ଆବଶ୍ୟକ ଶଯ୍ୟା, ଟେବୁଲ ଏବଂ ଚେୟାର ଇତ୍ୟାଦି ପାଇଁ ଅଟକଳରେ ବ୍ୟବସ୍ଥା କରାଯାଇ ନଥିଲା । ମିଳିତ ସରଜମିନ୍ ତଦନ୍ତ ସମୟରେ ମହାବିଦ୍ୟାଳୟର ଅଧକ୍ଷ ଦର୍ଶାଇଲେ (ଜୁନ୍ 2018) ଯେ ଆସବାବପତ୍ର ଏବଂ ଉପକରଣ କ୍ରୟ ପାଇଁ କଲେଜରେ ପର୍ଯ୍ୟାପ୍ତ ସମ୍ବଳ ନଥିଲା । |
| ସମ୍ବଲପୁରରେ ପଶ୍ଚିମ ଓଡ଼ିଶା ଫ୍ରିଡମ୍ ଫାଇଟର ମେମୋରିଆଲ ହଲ ଏବଂ ସଂଗ୍ରହାଳୟ ନିର୍ମାଣ (ଜୁନ୍ 2016) | 0.84 | ଆଭ୍ୟନ୍ତରୀଣ ସାଜସଜ୍ଜା[10]ର ଅଭାବ ହେତୁ ଉକ୍ତ କୋଠାକୁ ବ୍ୟବହାର କରାଯାଇପାରି ନଥିଲା । |
| **ମୋଟ** | **4.13** | |

*(ଉତ୍ସ: ନମୁନା କାର୍ଯ୍ୟନିର୍ବାହୀକାରୀ ସଂସ୍ଥାଗୁଡ଼ିକର ନଥି ସମୂହ)*

ତେଣୁ, ଆବଶ୍ୟକ ଆସବାବପତ୍ର ଏବଂ ଉପକରଣ କ୍ରୟ ନହେବା ହେତୁ 4.13 କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଭିତ୍ତିଭୂମି ବ୍ୟବହାର ନହୋଇ ପଡ଼ି ରହିଥିଲା । ଆବଶ୍ୟକତା ଗୁଡ଼ିକର ସାମଗ୍ରିକ ମୂଲ୍ୟାଙ୍କନ କରିବାକୁ ଏବଂ ଭିତ୍ତିଭୂମିର ଉପଯୁକ୍ତ ଉପଯୋଗ ପାଇଁ ପାଣ୍ଠି ଆବଣ୍ଟନ କରିବାକୁ ବିଭାଗ ନିଶ୍ଚିତ କରିଥିଲେ (ଅକ୍ଟୋବର 2018) ।

### *2.1.3.7 ଅଭାବି ଆନୁଷ୍ଠାନିକ ବ୍ୟବସ୍ଥା*

ଡବ୍ଲୁଓଡିସି ଅଧିନିୟମ, 2000 ର ଧାରା 4 ଅନୁଯାୟୀ ଡବ୍ଲୁଓଡିସି ଅଧିନରେ ଆସୁଥିବା ଅଞ୍ଚଳରୁ ଦୁଇ ଜଣ ସାଂସଦ ଓ 11 ଜଣ ବିଧାୟକ ଦୁଇ ବର୍ଷ ପାଇଁ ପର୍ଯ୍ୟାୟ କ୍ରମେ ମନୋନୀତ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରାଧିକାର ଦେଇଅଛି । ଡବ୍ଲୁଓଡିସି ଅଧିନିୟମ ଧାରା 4(ସି) ରେ ଦର୍ଶାଯାଇଛି ଯେ ବିଭିନ୍ନ[11] କ୍ଷେତ୍ରରେ ବିଶେଷ ଜ୍ଞାନ ଥିବା 10 ଜଣ ବ୍ୟକ୍ତିଙ୍କୁ ବିଶେଷଜ୍ଞ ସଦସ୍ୟ ଭାବରେ ପାଞ୍ଚ ବର୍ଷ ପାଇଁ ଡବ୍ଲୁଓଡିସିକୁ ମନୋନୀତ କରାଯିବ । ଏହି ପରିପ୍ରେକ୍ଷୀରେ ଅଡିଟ୍ ନିମ୍ନଲିଖିତ ତଥ୍ୟ ଅବଲୋକନ କଲା:

- ***ପରିଷଦର ଖାଲି ପଦଗୁଡ଼ିକ ପୂରଣ ନହେବା :*** ଦୁଇ ଜଣ ସାଂସଦ ଏବଂ 11 ଜଣ ବିଧାୟକଙ୍କ କାର୍ଯ୍ୟକାଳ 18 ଜୁନ୍ 2016 ରେ ଶେଷ ହୋଇଯାଇଥିଲା ଯାହା ମାର୍ଚ୍ଚ 2018 ପର୍ଯ୍ୟନ୍ତ ଖାଲି ରହିଥିଲା । ତେଣୁ ପରିଷଦର ନିବେଶ, ପରାମର୍ଶ ଏବଂ ଅଂଶ ଗ୍ରହଣକାରୀ ପ୍ରକୃତି ଧାର୍ଯ୍ୟ କରାଯାଇଥିବା ମତେ ହୋଇପାରି ନଥିଲା । ସଂପୃକ୍ତ ବିଭାଗ ଦର୍ଶାଇଥିଲା (ଅକ୍ଟୋବର 2018) ଯେ 11 ଜଣ ବିଧାୟକ ଏବଂ ଦୁଇ ଜଣ ସାଂସଦଙ୍କୁ ଡବ୍ଲୁଓଡିସିକୁ ମନୋନୀତ କରାଯାଇଥିଲା (ଅଗଷ୍ଟ 2018) । କିନ୍ତୁ ଏହା ସତ୍ୟ ଯେ ଖାଲିଥିବା ସ୍ଥାନଗୁଡ଼ିକ ଦୁଇ ବର୍ଷରୁ ଅଧିକ ସମୟ ଧରି ପୂରଣ ହୋଇନଥିଲା ।

- ***ବିଶେଷଜ୍ଞ ସଦସ୍ୟ ମନୋନୀତ କରିବାରେ ସ୍ୱଚ୍ଛତା ଅବଲମ୍ବନ ନକରିବା :*** ଡବ୍ଲୁଓଡିସି ପାଇଁ ଆଠ ଜଣ ବିଶେଷଜ୍ଞ ସଦସ୍ୟଙ୍କୁ ପାଞ୍ଚ ବର୍ଷ ପାଇଁ ଓଡ଼ିଶା ସରକାର ମନୋନୀତ କରିଥିଲେ (ମଇ 2015 ଏବଂ ମାର୍ଚ୍ଚ 2018) । ସଦସ୍ୟମାନଙ୍କର ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଏବଂ ସେମାନଙ୍କ ଚୟନର

10 ଫଲସ୍ ସିଲିଙ୍ଗ, ବିଭାଜନ, ପ୍ରାଚୀନ କଳାକୃତିକୁ ରଖିବା ପାଇଁ ଥାକ, ବିଦ୍ୟୁତିକରଣ ଏବଂ ଆଲୋକ

11 ଯୋଜନା, ଅର୍ଥ ଏବଂ ସରକାରଙ୍କ ଆକାଉଣ୍ଟ, ସାଧାରଣ ପ୍ରଶାସନ କିମ୍ବା ସାମାଜିକ ସେବାରେ ବ୍ୟାପକ ଅଭିଜ୍ଞତା, ଆଇନ୍ ସହିତ ଶିକ୍ଷା, ବୈଷୟିକ ଶିକ୍ଷା ଏବଂ ଧନ୍ଦାମୂଳକ ତାଲିମ, କୃଷି, ଶିଳ୍ପ, ଜଳସେଚନ, ଜନସ୍ୱାସ୍ଥ୍ୟ, ଜଙ୍ଗଲ, ଖଣି, ବିଭିନ୍ନ କ୍ଷେତ୍ରରେ ବିଶେଷ ଜ୍ଞାନର ଅଭିଜ୍ଞତା, ଚାକିରି କିମ୍ବା ଜନସାଧାରଣଙ୍କ ସମସ୍ୟାର ପରିଚାଳନା

ଆଧାର ମଧ୍ୟ ରେକର୍ଡରେ ଲିପିବଦ୍ଧ ନଥିଲା । ଏଣୁ, ଡବ୍ଲୁଓଡିସିରେ ବିଶେଷଜ୍ଞ ସଦସ୍ୟଙ୍କ ମନୋନୟନରେ ସ୍ୱଚ୍ଛତା ନଥିଲା । ପ୍ରସ୍ଥାନ ସମ୍ମିଳନୀରେ ଉନ୍ନୟନ କମିଶନରଙ୍କୁ ଏହି ବିଷୟରେ ଅବଗତ କରାଯାଇଥିଲା ଏବଂ ସେ ପରିସ୍ଥିତିକୁ ସୁଧାରିବା ପାଇଁ ନିଶ୍ଚିତ କରିଥିଲେ ।

ମହତ୍ୱପୂର୍ଣ୍ଣ ଜଟିଳ ବ୍ୟବଧାନ ଗୁଡ଼ିକର ନିର୍ଦ୍ଧାରଣ ଏବଂ ପରିପ୍ରେକ୍ଷଣ ଯୋଜନା/ ବାର୍ଷିକ ଯୋଜନା ଗୁଡ଼ିକର ପ୍ରସ୍ତୁତି ନହେବା ଯୋଗୁଁ ପ୍ରକଳ୍ପଗୁଡ଼ିକର ଚୟନ ସଦସ୍ୟ ମାନଙ୍କ ସୁପାରିଶ ଉପରେ ଆଧାରିତ ଥିଲା । ତେଣୁ, ସଦସ୍ୟମାନଙ୍କ ପଦବୀ ଖାଲି ପଡ଼ିଥିବା ପରିପ୍ରେକ୍ଷୀରେ ପରିଷଦ ସଭ୍ୟମାନଙ୍କ ଠାରୁ ସ୍ୱଳ୍ପ ନିବେଶ, ପ୍ରକଳ୍ପର ଭୁଲ୍ ଚୟନ (ଅଭିଜ୍ଞତାର ଅଭାବ) ଏବଂ ବିଭିନ୍ନ ବ୍ଲକ୍ ଗୁଡ଼ିକ ମଧ୍ୟରେ ଅଯୌକ୍ତିକ ଆବଣ୍ଟନ ଭଳି ସ୍ଥିତି ସୃଷ୍ଟି ହୋଇଥିଲା ।

***ସୁପାରିଶ: ପରିଷଦର ସଦସ୍ୟ ପଦବୀ ଠିକ୍ ସମୟରେ ପୂରଣ କରାଯିବା ଏବଂ ବିଶେଷଜ୍ଞ ସଦସ୍ୟ ଚୟନରେ ସ୍ୱଚ୍ଛତା ଏବଂ ଡବ୍ଲୁଓଡିସି ପାଇଁ ପାରଦର୍ଶୀତା କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳର ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରୁ ପର୍ଯ୍ୟାୟ କ୍ରମେ ଚୟନ କରାଯିବା ଆବଶ୍ୟକ ।***

### 2.1.4 ଆର୍ଥିକ ପରିଚାଳନା

ବିଭିନ୍ନ ବିକାଶମୂଳକ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଡବ୍ଲୁଓଡିସି କୁ 2008-09 ବର୍ଷ ଠାରୁ ପ୍ରତି ବର୍ଷ 100 କୋଟି ଟଙ୍କା ଓଡ଼ିଶା ସରକାର ଯୋଗାଇ ଆସୁଥିଲେ । 2015-18 ବର୍ଷ ମଧ୍ୟରେ ପାଣ୍ଠିର ବର୍ଷୱାରୀ ପ୍ରାପ୍ତି ଏବଂ ବିନିଯୋଗ **ସାରଣୀ 2.1.3** ରେ ଦର୍ଶାଗଲା:

***ସାରଣୀ 2.1.3 : 2015-18 ବର୍ଷ ମଧ୍ୟରେ ପ୍ରାପ୍ତି ପାଣ୍ଠି ଏବଂ ଏହାର ବିନିଯୋଗର ସବିଶେଷ ତଥ୍ୟ***

***(ଟଙ୍କା କୋଟିରେ)***

| ବର୍ଷ | ପ୍ରାରମ୍ଭିକ ଜମା | ସହାୟତା ଅନୁଦାନ | ଅନ୍ୟାନ୍ୟ ପ୍ରାପ୍ତି[12] | ମୋଟ | କାର୍ଯ୍ୟକାରୀ ସଂସ୍ଥାକୁ ପ୍ରଦାନ | ଅବଶେଷ ଜମା | ବିନିଯୋଗ ପ୍ରତିଶତରେ |
|---|---|---|---|---|---|---|---|
| 2015-16 | 89.66 | 100.00 | 8.67 | 198.33 | 123.77 | 74.56 | 62.41 |
| 2016-17 | 74.56 | 100.00 | 9.73 | 184.29 | 140.57 | 43.72 | 76.28 |
| 2017-18 | 43.72 | 100.00 | 7.46 | 151.18 | 135.21 | 15.97 | 89.44 |
| ମୋଟ | | **300** | **25.86** | | **399.55** | | |

***(ଉତ୍ସ: ଡବ୍ଲୁଓଡିସି ଦ୍ୱାରା ପ୍ରଦତ୍ତ ତଥ୍ୟ)***

#### *2.1.4.1 ବ୍ୟୟ ହୋଇନଥିବା ପାଣ୍ଠି*

ଯୋଜନା ଓ ଅଭିସରଣ ବିଭାଗର ମଞ୍ଜୁରୀ ଆଦେଶର ସର୍ତ୍ତ ଅନୁସାରେ ମଞ୍ଜୁର ହୋଇଥିବା ବର୍ଷରେ ପାଣ୍ଠି ବିନିଯୋଗ ହେବା ଦରକାର । ଏହା ପରିବର୍ତ୍ତେ ମାର୍ଚ୍ଚ 2018 ସୁଦ୍ଧା 15.97 କୋଟି ଟଙ୍କା ଡବ୍ଲୁଓଡିସି ନିକଟରେ ବ୍ୟୟ ନ ହୋଇ ପଡ଼ିରହିଥିଲା । ଏହା ମଧ୍ୟ ଦେଖାଗଲା ଯେ ମାର୍ଚ୍ଚ 2018 ସୁଦ୍ଧା 135.71 କୋଟି[13] ଟଙ୍କା ଖର୍ଚ୍ଚ ନ ହୋଇ 10 ଟି ଜିଲ୍ଲା ଯୋଜନା ଏବଂ ପର୍ଯ୍ୟାଲୋଚନା ୟୁନିଟ୍ (ଡିପିଏମ୍‌ୟୁ) ଏବଂ 46 ଟି ନମୁନା ଯାଞ୍ଚ୍ କାର୍ଯ୍ୟକାରୀ ସଂସ୍ଥା ନିକଟରେ ପଡ଼ିରହିଥିଲା । ସମୀକ୍ଷା ବିଶ୍ଳେଷଣ ପ୍ରକାଶ କଲା ଯେ 151.68 କୋଟି ଟଙ୍କା ମଧ୍ୟରୁ 57.20 କୋଟି ଟଙ୍କା 1 ରୁ 14 ବର୍ଷ[14] ହେଲା ବ୍ୟବହୃତ ନ ହୋଇ ପଡ଼ିରହିଥିଲା ।

---

12 କାର୍ଯ୍ୟ ନିର୍ବାହୀ ସଂସ୍ଥାଠାରୁ ସୁଧ ଓ ପାଣ୍ଠିର ଫେରସ୍ତ ଗ୍ରହଣ

13 10 ଡିପିଏମ୍‌ୟୁ (78.35 କୋଟି ଟଙ୍କା) ଏବଂ 46 କାର୍ଯ୍ୟ ନିର୍ବାହୀ ସଂସ୍ଥା (57.36 କୋଟି ଟଙ୍କା)

14 ଏକ ରୁ ତିନି ବର୍ଷ (46.85 କୋଟି ଟଙ୍କା), ଚାରି ରୁ ପାଞ୍ଚ ବର୍ଷ (5.45 କୋଟି ଟଙ୍କା), ପାଞ୍ଚ ବର୍ଷରୁ ଅଧିକ (4.90 କୋଟି ଟଙ୍କା)

ଯୋଜନା ଓ ଅଭିସରଣ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2018) ଯେ ଜିଲ୍ଲାପାଳମାନଙ୍କୁ ଅର୍ଥର ବ୍ୟବହାରକୁ ତ୍ୱରାନ୍ୱିତ କରିବା ପାଇଁ ଉପଯୁକ୍ତ ନିର୍ଦ୍ଦେଶ ଦିଆଯାଇଥିଲା ।

### *2.1.4.2 ପାଣ୍ଠିର ଅନ୍ୟତ୍ର ବିନିଯୋଗ*

19 ଟି ଗୋଷ୍ଠୀ କେନ୍ଦ୍ର ଏବଂ 11 ଟି ଅନ୍ୟ ପ୍ରକଳ୍ପ ନିର୍ମାଣ ପାଇଁ 1.40 କୋଟି ଟଙ୍କା ଡବ୍ଲୁଓଡିସି ମଞ୍ଜୁର କରିଥିଲା । କିନ୍ତୁ 16 ଟି କାର୍ଯ୍ୟକାରୀ ସଂସ୍ଥା ଉକ୍ତ ପାଣ୍ଠିକୁ ମନ୍ଦିର ନିର୍ମାଣ (62.83 ଲକ୍ଷ ଟଙ୍କା), ଅନ୍ୟାନ୍ୟ ସମ୍ପତ୍ତି ପାଇଁ[15] (62.61 ଲକ୍ଷ ଟଙ୍କା) ଏବଂ ଦରମା ପ୍ରଦାନ ପାଇଁ (17 ଲକ୍ଷ ଟଙ୍କା) ଖର୍ଚ୍ଚ କରିଥିଲେ ଯାହା ଡବ୍ଲୁଓଡିସି ଦ୍ୱାରା ଅନୁମୋଦିତ ହୋଇନଥିଲା । ଯୋଜନା ଓ ଅଭିସରଣ ବିଭାଗ ବ୍ୟକ୍ତ କଲା (ଅକ୍ଟୋବର 2018) ଯେ ସଂପୃକ୍ତ ଜିଲ୍ଲାପାଳ ମାନଙ୍କୁ ଭୁଲ କରିଥିବା ଅଧିକାରୀ/ କାର୍ଯ୍ୟକାରୀ ସଂସ୍ଥାଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା ।

### *2.1.4.3 ବିନିଯୋଗ ପ୍ରମାଣ ପତ୍ର ଦାଖଲ ନକରିବା*

ଓଡ଼ିଶା ସରକାର ଆର୍ଥିକ ନିୟମ (ଓଜିଏଫ୍ଆର) ର ଧାରା 173 ତଥା ଯୋଜନା ଓ ଅଭିସରଣ ବିଭାଗର ମଞ୍ଜୁରୀ ଆଦେଶର ସର୍ତ୍ତ ଅନୁଯାୟୀ ବଣ୍ଟନ କରାଯାଇଥିବା ବର୍ଷର ବିନିଯୋଗ ପତ୍ର ପରବର୍ତ୍ତୀ ବର୍ଷର 30 ଜୁନ ସୁଦ୍ଧା ବିଭାଗକୁ ପ୍ରେରଣ କରିବା ଉଚିତ୍ । ମାର୍ଚ୍ଚ 2005 ରେ ସମାପ୍ତ ବର୍ଷ ପାଇଁ ସିଏଜିଙ୍କ ଅଡିଟ୍ ରିପୋର୍ଟ (ସିଭିଲ୍) ର ଅନୁଚ୍ଛେଦ 3.5.2 ରେ କାର୍ଯ୍ୟକାରୀ ସଂସ୍ଥାଙ୍କ ଠାରୁ ଡବ୍ଲୁଓଡିସି ବିନିଯୋଗ ପ୍ରମାଣ ପତ୍ର ପ୍ରାପ୍ତ କରିନଥିବା ବିଷୟରେ ଏକ ଟିପ୍ପଣୀ ଦିଆଯାଇଥିଲା । ଡବ୍ଲୁଓଡିସି ଦ୍ୱାରା ବିନିଯୋଗ ପତ୍ର ଜମା କରିବା ସ୍ଥିତିର ଯାଞ୍ଚରୁ ଜଣାଗଲା ଯେ ବର୍ଷ 2001-02 ରୁ 2017-18 ମଧ୍ୟରେ ଡବ୍ଲୁଓଡିସି 200.01 କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର ଦାଖଲ କରିନଥିଲା, ଯଦିଓ ଉକ୍ତ ଅର୍ଥ ଖର୍ଚ୍ଚ କରାଯାଇଥିଲା । ପୁନଶ୍ଚ, ନମୁନା ଯାଞ୍ଚ୍ ଚାରିଟି[16] କାର୍ଯ୍ୟକାରୀ ସଂସ୍ଥା ମାମଲାରେ, ଅର୍ଥ ଖର୍ଚ୍ଚ ନକରି 2.13 କୋଟି ଟଙ୍କାର ବିନିଯୋଗ ପତ୍ର ପ୍ରଦାନ କରିଥିଲେ ଯାହାକି ଏକ ଗୁରୁତର ଅନିୟମିତତା ଥିଲା । ଯୋଜନା ଏବଂ ଅଭିସରଣ ବିଭାଗ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ (ଅକ୍ଟୋବର 2018) ।

### *2.1.4.4 ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା*

- ***ବିନା ଟେଣ୍ଡରରେ ସାମଗ୍ରୀ କ୍ରୟ :*** ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା (ଓପିଡବ୍ଲୁଡି) ଅନୁଯାୟୀ 50,000 ଟଙ୍କା ରୁ ଉର୍ଦ୍ଧ୍ୱ ସାମଗ୍ରୀର କ୍ରୟ ଖୋଲା ଟେଣ୍ଡର ମାଧ୍ୟମରେ କରାଯିବା ଉଚିତ୍ । ନମୁନା ଯାଞ୍ଚ୍ 416 ଟି ମାମଲା ମଧ୍ୟରୁ 350 ଟି (84 ପ୍ରତିଶତ) କାର୍ଯ୍ୟ ବିଭାଗ ଦ୍ୱାରା ସମ୍ପାଦିତ ହୋଇଥିଲା । ସମସ୍ତ 350 ମାମଲାରେ 5.33 କୋଟି ଟଙ୍କାର ନିର୍ମାଣକାରୀ ଦ୍ରବ୍ୟ ଖୋଲା ଟେଣ୍ଡର ବିନା କ୍ରୟ କରାଯାଇଥିଲା । ସଂପୃକ୍ତ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକ ଦ୍ରବ୍ୟକୁ ପଞ୍ଜୀକୃତ ହୋଇନଥିବା ସ୍ଥାନୀୟ ଯୋଗାଣକାରୀଙ୍କ ଠାରୁ ହାତଲେଖା ରସିଦ୍ ଦ୍ୱାରା କ୍ରୟ କରିଥିଲେ । ଆହୁରି ମଧ୍ୟ, ପ୍ରାପ୍ତ ହୋଇଥିବା ଦ୍ରବ୍ୟର ପ୍ରାପ୍ତି ଏବଂ ଉପଯୋଗର ସଠିକ ହିସାବ ସୁନିଶ୍ଚିତ କରିବା ପାଇଁ ସାଇଟ୍ ଆକାଉଣ୍ଟରେ ଦ୍ରବ୍ୟର ଏଣ୍ଟ୍ରି କରାଯାଉ ନଥିଲା । ଯୋଜନା ଏବଂ ଅଭିସରଣ ବିଭାଗ ବ୍ୟକ୍ତ କଲା (ଅକ୍ଟୋବର 2018) ଯେ ସଂପୃକ୍ତ ଜିଲ୍ଲାପାଳଙ୍କୁ ଏହି ବିଷୟରେ ଅନୁସନ୍ଧାନ କରି ତଥ୍ୟ ଦେବାକୁ କୁହାଯାଇଛି ।

- ***କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ ପାଇଁ ଜରିମାନା ଅସୁଲ ନହେବା :*** ଠିକା ଚୁକ୍ତିନାମା ଅନୁଯାୟୀ, କାର୍ଯ୍ୟ ସମ୍ପାଦନ କରିବାରେ ଆନୁପାତିକ ଅଗ୍ରଗତି ହାସଲ ନକଲେ/ କାର୍ଯ୍ୟ ସମାପ୍ତ

---

15 ବ୍ୟାଡମିଣ୍ଟନ କୋର୍ଟ, କ୍ରସଡ ନାଳ, ପାଚେରୀ କାନ୍ଥ, ବୃଦ୍ଧାଶ୍ରମର ମରାମତି, ମହାବିଦ୍ୟାଳୟ ଓ ପାଠାଗାରର ସଂପ୍ରସାରଣ, ବିଦ୍ୟୁତ୍ ଟ୍ରାନ୍ସଫର୍ମରର ଉଦ୍‌ଘାଟନ, ସାଗତ ଫାଟକ ଇତ୍ୟାଦି

16 ବିଡିଓ ଲାଠିକଟା: 2.03 କୋଟି ଟଙ୍କା; ବିଡିଓ ଜମନକିରା: 0.03 କୋଟି ଟଙ୍କା; ବିଡିଓ ଉଲୁଣ୍ଡା: 0.02 କୋଟି ଟଙ୍କା ଏବଂ ବିଡିଓ କନ୍ଧମାଳ: 0.05 କୋଟି ଟଙ୍କା;

କରିବାରେ ବିଳମ୍ବ କଲେ ଠିକାଦାରଙ୍କ ଠାରୁ ଅଟକଳ ମୂଲ୍ୟର 10 ପ୍ରତିଶତ (ସର୍ବାଧିକ) ଜରିମାନା ହିସାବରେ ଅସୁଲ କରିବାର ଥିଲା । 66 ଟି ନମୁନା ଯାଞ୍ଚ କାର୍ଯ୍ୟ ମଧ୍ୟରୁ 55 ଟି (83 ପ୍ରତିଶତ) କାର୍ଯ୍ୟରେ ଠିକାଦାର ମାନେ ଆନୁପାତିକ ଅଗ୍ରଗତି ହାସଲ କରିନଥିଲେ ଏବଂ 1.2 ମାସରୁ ଚାରି ବର୍ଷ ପର୍ଯ୍ୟନ୍ତ ବିଳମ୍ବ କରିଥିଲେ । ଠିକାଦାରମାନେ 13.35 କୋଟି ଟଙ୍କା ଅଟକଳ ମୂଲ୍ୟ ମଧ୍ୟରୁ କେବଳ 3.48 କୋଟି ଟଙ୍କା ମୂଲ୍ୟର କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ କରିପାରିଥିଲେ । ଏହି ସବୁ କାର୍ଯ୍ୟଗୁଡ଼ିକ ଠିକାଦାରମାନଙ୍କ ଯୋଗୁଁ ବିଳମ୍ବ ହୋଇଥିଲା ଏବଂ କୌଣସି ସମୟ ବୃଦ୍ଧି ଅନୁମୋଦିତ ହୋଇନଥିଲା । ଆନୁପାତିକ ଅଗ୍ରଗତି ହାସଲ କରିବାରେ ବିଫଳ ହେବା / କାର୍ଯ୍ୟ ସମ୍ପାଦନ କରିବାରେ ବିଳମ୍ବ ହେତୁ ଠିକାଦାରମାନଙ୍କଠାରୁ 0.98 କୋଟି ଟଙ୍କାର ଜୋରିମାନା ଅସୁଲ ହେବାର ଥିଲା । କିନ୍ତୁ କାର୍ଯ୍ୟନିର୍ବାହୀ ସଂସ୍ଥା ଠିକାଦାର ମାନଙ୍କ ଠାରୁ ଏହା ଅସୁଲ କରିନଥିଲେ । ଏହିପରି ଭାବରେ ଠିକାଦାରମାନଙ୍କୁ 0.98 କୋଟି ଟଙ୍କାର ଅହେତୁକ ଅନୁକମ୍ପା ପ୍ରଦାନ କରାଯାଇଥିଲା । କାର୍ଯ୍ୟ ସଂପାଦନ କରିବାରେ ବିଳମ୍ବ କରିଥିବା ଠିକାଦାରମାନଙ୍କ ଠାରୁ ଏହି ଅର୍ଥ ଅସୁଲ ନକରିବା ପାଇଁ କାର୍ଯ୍ୟନିର୍ବାହୀ ସଂସ୍ଥାମାନେ ଦାୟୀ ଥିଲେ ।

ଯୋଜନା ଓ ଅଭିସରଣ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2018) ଯେ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ଆବଶ୍ୟକୀୟ ଅସୁଲ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା (ସେପ୍ଟେମ୍ବର 2018) ।

### 2.1.5 ଅଭିଳଷିତ ଉଦ୍ଦେଶ୍ୟ ହାସଲ ପାଇଁ ଯୋଜନା ସଂପାଦନର ଦକ୍ଷତା ଏବଂ ପ୍ରଭାବଶୀଳତା

ଡବ୍ଲୁଓଡିସି ଦ୍ୱାରା ଅନୁମୋଦିତ ପ୍ରକଳ୍ପ ଗୁଡ଼ିକ ଯୋଜନା ଏବଂ ଅଭିସରଣ ବିଭାଗରେ ଦାଖଲ କରାଯାଇଥିଲା । ଅନୁମୋଦନ ପରେ ଡବ୍ଲୁଓଡିସି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ କାର୍ଯ୍ୟନିର୍ବାହୀ ସଂସ୍ଥା (ଇଏ) ଚୟନ କଲେ ଏବଂ କାର୍ଯ୍ୟକାରୀ ସଂସ୍ଥାକୁ ଜିଲ୍ଲାପାଳଙ୍କ ଜରିଆରେ ଅର୍ଥ ପଇଠ କଲେ । କାର୍ଯ୍ୟକାରୀ ସଂସ୍ଥାମାନେ ଜିଲ୍ଲାପାଳଙ୍କ ଜରିଆରେ ଡବ୍ଲୁଓଡିସିକୁ ବିନିଯୋଗ ପ୍ରମାଣ ପତ୍ର ଦାଖଲ କରିବାର ଥିଲା । 2015-18 ବର୍ଷ ମଧ୍ୟରେ ଅନୁମୋଦିତ ପ୍ରକଳ୍ପ ଏବଂ ମାର୍ଚ୍ଚ 2018 ସୁଦ୍ଧା ସେଗୁଡ଼ିକର ସମାପ୍ତିର ସ୍ଥିତି **ସାରଣୀ 2.1.4** ରେ ଦର୍ଶାଗଲା:

***ସାରଣୀ 2.1.4: ବର୍ଷ 2015-18 ମଧ୍ୟରେ ମଞ୍ଜୁରୀ ପ୍ରାପ୍ତ ପ୍ରକଳ୍ପର ସବିଶେଷ ତଥ୍ୟ***

| ବର୍ଷ | ମଞ୍ଜୁର ହୋଇଥିବା ପ୍ରକଳ୍ପ | | ମାର୍ଚ୍ଚ 2018 ସୁଦ୍ଧା ସ୍ଥିତି | | |
|---|---|---|---|---|---|
| | ସଂଖ୍ୟା | ବ୍ୟୟ (କୋଟି ଟଙ୍କାରେ) | କାର୍ଯ୍ୟ ସଂପୂର୍ଣ୍ଣ (ପ୍ରତିଶତରେ) | ଚାଲୁଥିବା କାର୍ଯ୍ୟ ( ପ୍ରତିଶତରେ) | ଆରମ୍ଭ ହୋଇନଥିବା (ପ୍ରତିଶତ) |
| 2015-16 | 2806 | 116.42 | 2328 | 289 | 189 |
| 2016-17 | 3052 | 149.39 | 1964 | 735 | 353 |
| 2017-18 | 2507 | 143.91 | 650 | 855 | 1002 |
| ମୋଟ | **8365** | **409.72** | **4942 (59)** | **1879 (22)** | **1544 (18)** |

***(ଉତ୍ସ: ଡବ୍ଲୁଓଡିସି ଦ୍ୱାରା ପ୍ରଦତ୍ତ ତଥ୍ୟ)***

ଅଡିଟ୍ 943 ଟି ପ୍ରକଳ୍ପ[17] ର ନମୁନା ଯାଞ୍ଚ୍ କରିଥିଲା ଏବଂ 456 (48 ପ୍ରତିଶତ) ପ୍ରକଳ୍ପର ମିଳିତ ସରଜମିନ୍ ତଦନ୍ତ କରିଥିଲା । ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଦେଖାଯାଇଥିବା ତ୍ରୁଟିଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା :


#### *2.1.5.1 ସଡ଼କ ଓ ଗମନାଗମନ କ୍ଷେତ୍ର*

ସଡ଼କ ଏବଂ ଗମନାଗମନ ସଂପର୍କିତ 1965 ପ୍ରକଳ୍ପରୁ 285 ଟି ପ୍ରକଳ୍ପ ଅଡିଟ୍ ନମୁନା ଯାଞ୍ଚ୍ କରିଥିଲା ଏବଂ ନିମ୍ନଲିଖିତ ତ୍ରୁଟି ଅବଲୋକନ କରିଥିଲା:

[17] 2015-18 ମଧ୍ୟରେ ସଂପାଦିତ ପ୍ରକଳ୍ପ: 659 ଏବଂ ପୂର୍ବର: 284

- ***ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ଅନୁପଯୁକ୍ତ ସର୍ବେକ୍ଷଣ :*** ଇନ୍ଦ୍ରାବତୀ ଜଳ ଭଣ୍ଡାର ନିକଟରେ ସାନ ନଦୀ[18] ଉପରେ ଏକ ସେତୁ ଏବଂ ଦୁଇଗୋଟି ନଳା 2 କୋଟି ଟଙ୍କାରେ ନିର୍ମାଣ କରିବାକୁ ଡବ୍ଲୁଓଡିସି ଅନୁମୋଦନ କରିଥିଲେ (ମାର୍ଚ୍ଚ 2016) । ପ୍ରକଳ୍ପ ରିପୋର୍ଟ ଅନୁଯାୟୀ 16 ଟି ଗ୍ରାମ ଯାହାର ଜନସଂଖ୍ୟା 5000 ରୁ ଅଧିକ ଥିଲା ଏବଂ ସେମାନେ ବ୍ଲକ ମୁଖ୍ୟାଳୟକୁ ଯିବା ପାଇଁ ବର୍ଷ ସାରା ଡଙ୍ଗା ଉପରେ ନିର୍ଭର କରୁଥିଲେ । ଏହି କାର୍ଯ୍ୟଟି ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ, ଥୁଆମୂଳ, ରାମପୁର ଦ୍ୱାରା ସମ୍ପାଦିତ ହୋଇଥିଲା ଏବଂ 1.80 କୋଟି ଟଙ୍କାରେ ସଂପୂର୍ଣ୍ଣ ହୋଇଥିଲା (15 ଜୁନ୍ 2018) । ନଥି ଯାଞ୍ଚ ଏବଂ ମିଳିତ ସରଜମିନ ତଦନ୍ତ (5 ଜୁଲାଇ 2018) ରୁ ଅଡିଟ୍ ଅବଲୋକନ କଲା ଯେ ସେହି ଏକ ମାତ୍ର ସେତୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଗ୍ରାମବାସୀଙ୍କ ଗମନାଗମନ ପାଇଁ ଯଥେଷ୍ଟ ନୁହେଁ ଯେହେତୁ ସଡ଼କ ସଂଯୋଗୀକରଣ ସଂପୂର୍ଣ୍ଣ କରିବା ପାଇଁ ଅନ୍ୟ ନଦୀ ଉପରେ ଆଉ ଏକ ସେତୁର ନିର୍ମାଣ ଆବଶ୍ୟକ ଥିଲା (ଫଟୋ ଗ୍ରାଫ୍) ।

***ସାନ ନଦୀ ବାଲି ଉପରେ ପୋଲ ନିର୍ମାଣର ଦୃଶ୍ୟର ଫଟୋଗ୍ରାଫ୍***




କିନ୍ତୁ ଡବ୍ଲୁଓଡିସି ଜୁଲାଇ 2018 ସୁଦ୍ଧା ଦ୍ୱିତୀୟ ପୋଲ ନିର୍ମାଣ କରିବାକୁ କୌଣସି ଯୋଜନା ପ୍ରସ୍ତୁତ କରିନଥିଲା । ଏଣୁ 1.80 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ସୁଦ୍ଧା ଗ୍ରାମବାସୀଙ୍କୁ କୌଣସି ରାସ୍ତାର ସଂଯୋଗୀକରଣ କରାଯାଇପାରି ନଥିଲା । ବିଭାଗ ଏହି ସତ୍ୟକୁ ସ୍ୱୀକାର କରି ବ୍ୟକ୍ତ କଲେ (ଅକ୍ଟୋବର 2018) ଯେ ଏହାକୁ ସଂଯୋଗ କରିବା ପାଇଁ ଏକ ପୋଲ ନିର୍ମାଣ କରିବା ନିମନ୍ତେ ରାଜ୍ୟ ବଜେଟରୁ 5.88 କୋଟି ଟଙ୍କା ମଞ୍ଜୁର କରାଯାଇଥିଲା (ସେପ୍ଟେମ୍ବର 2018) ।

- ***ନିକୃଷ୍ଟମାନର ରାସ୍ତା କାର୍ଯ୍ୟ :*** ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଡବ୍ଲୁଓଡିସି ଦ୍ୱାରା ପ୍ରସ୍ତୁତ କରାଯାଇଥିବା (ଡିସେମ୍ବର 2015) ମଡେଲ ଯୋଜନା ଏବଂ ଅଟକଳ ଅନୁଯାୟୀ 2.60 ମିଟର ଚଉଡ଼ା ଚଟାଣରେ 0.10 ମିଟରର ମେଟାଲ କଂକ୍ରିଟ୍ (ସିସି 1:3:6) ବିଛାଯିବ । ମେଟାଲ କଂକ୍ରିଟ୍ ଉପରେ 3.05 ମିଟର ଚଉଡ଼ାର 0.10 ମିଟରର



ସିନାପାଲି ବ୍ଲକର ଜାମଗାଁ ଠାରୁ ମିସ୍ତ୍ରୀପଡ଼ା ଯାଏ ନିକୃଷ୍ଟ ମାନର ରାସ୍ତା କାର୍ଯ୍ୟ

[18] କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର ତେନ୍ତୁଳିପଦର ଠାରୁ କେ.ଚେପ୍‌ଟା ଘାଟ ଗ୍ରାମ

ଗେଟି କଂକ୍ରିଟ୍ (ସିସି 1:2:4) ବିଛାଯିବ । ଏହି ଅନୁଯାୟୀ ଅଟକଳ ପ୍ରସ୍ତୁତ କରାଯାଇଥିଲା ଏବଂ କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କୁ ପାଣ୍ଠି ପ୍ରଦାନ କରାଯାଇଥିଲା । ଏହାସତ୍ତ୍ୱେ ନମୁନା ଯାଞ୍ଚ୍ 156 ରୁ 102 ଟି ସିସି ରାସ୍ତା 4.92 କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା, ଯେଉଁ ଗୁଡ଼ିକ କମ୍ ମୋଟେଇ ଯଥା 0.125 (5") ଓ 0.195 ମି (7.7" ) ମଧ୍ୟରେ ହୋଇଥିବାର ଦେଖାଯାଇଥିଲା । ମିଳିତ ସରଜମିନ ତଦନ୍ତରୁ ଦେଖାଗଲା ଯେ (ମଇ ରୁ ଅଗଷ୍ଟ 2018) ଯେହେତୁ ମାନଦଣ୍ଡ ଅନୁଯାୟୀ ନିର୍ମାଣର ଗୁଣବତ୍ତାକୁ ସୁନିଶ୍ଚିତ କରାଯାଇ ନଥିଲା, 17 ଟି ସିମେଣ୍ଟ କଂକ୍ରିଟ୍ ରାସ୍ତାରେ ଫାଟ/ ନଷ୍ଟ ହୋଇଯାଇଥିଲା ।

ଯୋଜନା ଓ ଅଭିସରଣ ବିଭାଗ ଦର୍ଶାଇଲେ (ଅକ୍ଟୋବର 2018) ଯେ ସେମାନେ ସଂପୃକ୍ତ ଇଏ ମାନଙ୍କ ଠାରୁ କୈଫିୟତ ମାଗିଛନ୍ତି ।

### *2.1.5.2 ସେଚନ କ୍ଷେତ୍ର*

ସେଚ଼ନ କ୍ଷେତ୍ର ସମ୍ପର୍କିତ 1395 ପ୍ରକଳ୍ପରୁ ଅଡିଟ୍ 217[19] ନମୁନା ଯାଞ୍ଚ୍ କରିଥିଲା ଏବଂ ନିମ୍ନଲିଖିତ ଅସାମଞ୍ଜସ୍ୟ ଗୁଡ଼ିକ ଅବଲୋକନ କରିଥିଲା:

**(କ) 7.17 କୋଟି ଟଙ୍କାର ନିଷ୍ଫଳ ଖର୍ଚ୍ଚ**

- ଲାଞ୍ଜିଗଡ଼ ବ୍ଲକର ତିନିଟି[20] ଗ୍ରାମରେ 2001-02 ଅବଧି ମଧ୍ୟରେ 1.74 କୋଟି ଟଙ୍କା ବ୍ୟୟରେ 140 ହେକ୍ଟର ଜମିରେ ସେଚନ ସୁବିଧା ଯୋଗାଇ ଦେବା ପାଇଁ ମାଲିଗୁଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍ଆଇପି) କୁ ହାତକୁ ନିଆଯାଇଥିଲା । ନଭେମ୍ବର 2009 ସୁଦ୍ଧା ଡବ୍ଲୁଓଡିସି ପ୍ରଦାନ କରିଥିବା 85.00 ଲକ୍ଷ ଟଙ୍କାରୁ କାର୍ଯ୍ୟନିର୍ବାହୀ ସଂସ୍ଥା 84.55 ଲକ୍ଷ ଟଙ୍କା ବିନିଯୋଗ କରିଥିଲେ । ନଭେମ୍ବର 2012 ଓ ସେପ୍ଟେମ୍ବର 2015 ରେ ନିର୍ବାହୀ ଯନ୍ତ୍ରୀଙ୍କ ଅନୁରୋଧ ସତ୍ତ୍ୱେ ଡବ୍ଲୁଓଡିସି ବଳକା ଟଙ୍କା ପ୍ରଦାନ କରିନଥିଲା ଯାହାର କାରଣ କୌଣସି ନଥିରେ ଲିପିବଦ୍ଧ ନଥିଲା । ଯାହାଫଳରେ ବଳକା କାର୍ଯ୍ୟ[21] ସଂପାଦନ କରାଯାଇନଥିଲା । ଖର୍ଚ୍ଚ ହୋଇଥିବା 84.55 ଲକ୍ଷ ଟଙ୍କା ଅପବ୍ୟୟ ହେଲା ଓ ସେଚନ ସୁବିଧା ଯୋଗାଇ ଦିଆଯାଇପାରି ନଥିଲା ।
- 30 ଚେକ୍ ଡ୍ୟାମ୍ କ୍ଷେତ୍ରରେ, ବିତରଣ କେନାଲର ନିର୍ମାଣ ପାଇଁ ଅଟକଳରେ ବ୍ୟବସ୍ଥା ନଥିଲା । ମିଳିତ ସରଜମିନ ତଦନ୍ତରେ ଦେଖାଗଲା ଯେ 24 ଚେକ୍ ଡ୍ୟାମ୍ର ଉପରଭାଗ ମାଟିରେ ପୂର୍ଣ୍ଣ ହୋଇଥିଲା । ସ୍ରୋତ କବାଟ ଗୁଡ଼ିକ ଅନାକୃତ/ ଭାଙ୍ଗିଯାଇଥିଲା ଏବଂ ଦୁଇଟି ଚେକ୍ ଡ୍ୟାମର କାନ୍ଥ ଗୁଡ଼ିକ ଭାଙ୍ଗିଯାଇଥିଲା । ଯାହାଫଳରେ 4.81 କୋଟି ଟଙ୍କା ବ୍ୟୟରେ ନିର୍ମିତ 24 ଟି ଚେକ୍ ଡ୍ୟାମ୍ ଲକ୍ଷ୍ୟ ରଖାଯାଇଥିବା 764.09 ହେକ୍ଟର ଜମିର ସେଚନ ସୁବିଧା ଯୋଗାଇବାରେ ବିଫଳ ହୋଇଥିଲା ।
- ଡବ୍ଲୁଓଡିସି ପ୍ରଦାନ କରିଥିବା 97.26 ଲକ୍ଷ ଟଙ୍କାରୁ 56.91 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ତିନିଟି[22] ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲା । ଡବ୍ଲୁଓଡିସି ଅନୁମୋଦନ କରିଥିବା ଅନ୍ୟ ଚେକ୍ ଡ୍ୟାମ୍ ପାଇଁ ବଳକା 40.35 ଲକ୍ଷ ଟଙ୍କା ଇଏ ଦ୍ୱାରା ଖର୍ଚ୍ଚ କରାଯାଇଥିଲା । ଯାହାଫଳରେ ତିନିଟି ପ୍ରକଳ୍ପ ଅସଂପୂର୍ଣ୍ଣ ରହିଯାଇଥିଲା । ଅନ୍ୟ ତିନିଟି[23] କ୍ଷେତ୍ରରେ ପର୍ଯ୍ୟାପ୍ତ ପାଣ୍ଠି ନଥିବା ଯୋଗୁ 78.29 ଲକ୍ଷ ଟଙ୍କା

---

19 କ୍ଷୁଦ୍ର ଜଳସେଚନ ପ୍ରକଳ୍ପ/ ଚେକ୍ ଡ୍ୟାମ୍/ ଉଠା ଜଳସେଚନ ପ୍ରକଳ୍ପ:98 ଏବଂ ବନ୍ଧ/କଟା/ଟ୍ୟାଙ୍କ: 119

20 କନ୍ଧମା, ବନ୍ଧିଲେ ଓ ମୁଷାନାଳ

21 କେନାଲ ପଦ୍ଧତିର ସମାପ୍ତି, ବହିର୍ଗମନ ପଥର ନିର୍ମାଣ, ସାଇଫୋନ୍, ଗ୍ରାମ୍ୟ ରାସ୍ତା କ୍ରସିଙ୍ଗ୍, ଶାଖା କେନାଲର ନିର୍ମାଣ ଇତ୍ୟାଦି

22 ଥୁଆମୂଳ ରାମପୁର ବ୍ଲକର ଲାଟିଗୁଡ଼ା ଚେକ୍ ଡ୍ୟାମ୍, ଡେବ୍ରିଗୁଡା ଚେକ୍ ଡ୍ୟାମ୍ ଏବଂ ଜୁନାଗଡ଼ ବ୍ଲକର ବଳରାମପୁର ଚେକ୍ ଡ୍ୟାମ୍

23 ଏମ୍ ରାମପୁର ବ୍ଲକର ପିଅରମାନଜି ନାଳ ଉପରେ ଚେକ୍ ଡ୍ୟାମ୍, ଭବାନିପାଟଣା ବ୍ଲକର ସାଲେପାଲିଠାରେ ସତିଜୋର ନାଳ ଉପରେ ଚେକ୍ ଡ୍ୟାମ୍ ଏବଂ ଭେଡେନ୍ ବ୍ଲକର କେଶରାଜପୁର ଗ୍ରାମ ନିକଟ ମୋହରାଜୋର ଉପରେ ଚେକ୍ ଡ୍ୟାମ୍

ବିନିଯୋଗ ପରେ ମଧ୍ୟ ଚେକ୍ ଡ୍ୟାମ୍ ଗୁଡ଼ିକ ଅସଂପୂର୍ଣ୍ଣ ରହିଯାଇଥିଲା । ଯାହାଫଳରେ ଏହି ଛଅଟି ଅସଂପୂର୍ଣ ପ୍ରକଳ୍ପ 240 ହେକ୍ଟର ଜମିରେ ସେଚନ ସୁବିଧା ଯୋଗାଯାଇପାରି ନଥିଲା ।

- ବିଦ୍ୟୁତ୍ ସଂଯୋଗ ହୋଇ ନପାରିବା, ଭାଙ୍ଗିଯାଇଥିବା ଉଠାଜଳ ସେଚନ ପଏଣ୍ଟ (ଏଲ୍ଆଇପି) ଯୋଗୁ ତିନିଟି[24] ନମୁନା ଯାଞ୍ଚ୍ ଇଏଙ୍କ ଦ୍ୱାରା 16.26 ଲକ୍ଷ ଟଙ୍କାରେ ମରାମତି/ ପୁନରୁଦ୍ଧାର ହୋଇଥିବା 24 ଟି ଏଲ୍ଆଇପି ଅଚଳ ହୋଇ ପଡ଼ିରହିଥିଲା । ଯାହାଫଳରେ ଲକ୍ଷ୍ୟ ରଖାଯାଇଥିବା 480 ହେକ୍ଟର ଜମିରେ ସେଚନ ସୁବିଧା ଯୋଗାଇ ଦିଆଯାଇପାରି ନଥିଲା ।

ତେଣୁ, 55 ଟି ପ୍ରକଳ୍ପରେ 7.17 କୋଟି ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ, ବିତରଣ କେନାଲ ନିର୍ମାଣ ନହେବାରୁ, ପ୍ରକଳ୍ପ କାର୍ଯ୍ୟ ସମାପ୍ତି ନହେବାରୁ, ନିର୍ମିତ ଗଢଣ ଗୁଡ଼ିକ ଭାଙ୍ଗି ଯାଇଥିବା ଇତ୍ୟାଦି ଯୋଗୁ 1624.09 ହେକ୍ଟର ଜମିରେ ସେଚନ ସୁବିଧାର ବ୍ୟବସ୍ଥା ହୋଇପାରି ନଥିଲା । ସିଇଓ, ଡବ୍ଲୁଓଡିସିଙ୍କ ଦ୍ୱାରା ଅତିରିକ୍ତ ପାଣ୍ଠି ଅନୁମୋଦନ ନହେବା, ଇଏମାନଙ୍କ ଦ୍ୱାରା ଅନୁପଯୁକ୍ତ ଅଟକଳ ଏବଂ ରକ୍ଷଣାବେକ୍ଷଣ ଫଳରେ ନିଷ୍ଫଳ ବ୍ୟୟ ହେଲା ।

ପିଆଣ୍ଡସି ବିଭାଗ ଦର୍ଶାଇଲେ (ଅକ୍ଟୋବର 2018) ଯେ ଚେକ୍ ଡ୍ୟାମର ମୁଖ୍ୟ ଉଦ୍ଦେଶ୍ୟ ହେଲା ମୃତ୍ତିକା ସଂରକ୍ଷଣକୁ ରୋକିବା ଓ ଭୂମିତଳ ଜଳକୁ ବୃଦ୍ଧି କରିବା । ଏହା ସତ୍ୟ ଯେ ଚେକ୍ ଡ୍ୟାମ୍ ଗୁଡ଼ିକ ମୁଖ୍ୟତଃ ସେଚନ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିଲା । ଅଚଳ ଏଲ୍ଆଇପି ବିଷୟରେ ସଂଶୋଧନ ପଦକ୍ଷେପ ନିଆଯିବ ବୋଲି ବିଭାଗ ଆଶ୍ୱାସନା ଦେଲା ।

### *2.1.5.3 ସ୍ୱାସ୍ଥ୍ୟ କ୍ଷେତ୍ର*

ସ୍ୱାସ୍ଥ୍ୟ କ୍ଷେତ୍ରରେ ଆରମ୍ଭ କରାଯାଇଥିବା 27 ଟି ପ୍ରକଳ୍ପ ମଧ୍ୟରୁ ଅଡିଟ୍ ପାଞ୍ଚଟିର ନମୁନା ଯାଞ୍ଚ୍ କରି ନିମ୍ନଲିଖିତ ଅଭାବଗୁଡ଼ିକ ଅବଲୋକନ କଲା:

#### *(କ) ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ(ଏମ୍ସିଏଚ୍) ର କାର୍ଯ୍ୟାରମ୍ଭ ନ ହେବା/ କାର୍ଯ୍ୟ ଅଧାରୁ ବନ୍ଦ ହେବା*

ବଲାଙ୍ଗୀର, କଳାହାଣ୍ଡି ଓ ରାଉରକେଲା ଠାରେ ତିନୋଟି ଭେଷଜ ମହାବିଦ୍ୟାଳୟ ସ୍ଥାପନା ପାଇଁ ଭେଷଜ, ଶିକ୍ଷାରେ ଅଭିଜ୍ଞତା ଥିବା ଟ୍ରଷ୍ଟ/ ଅନୁଷ୍ଠାନ ଗୁଡ଼ିକରୁ ଡବ୍ଲୁଓଡିସି ଇଚ୍ଛାପତ୍ର ପାଇଁ ଆହ୍ୱାନ କରିଥିଲା (ଫେବୃଆରୀ 2003) । ତଦନୁସାରେ, ତିନୋଟି ବେସରକାରୀ ସଂସ୍ଥା ସହିତ ଡବ୍ଲୁଓଡିସି ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ । ଡବ୍ଲୁଓଡିସି ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ ଥିଲା । ବୁଝାମଣାପତ୍ର(ଏମ୍ଓୟୁ)ର ସବିଶେଷ ତଥ୍ୟ ଏବଂ ଯୋଗାଇ ଦିଆଯାଇଥିବା ସହାୟତାର ସବିଶେଷ ତଥ୍ୟ ନିମ୍ନ ସାରଣୀରେ ଦିଆଗଲା:

***ସାରଣୀ 2.1.5: ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର (ଏମ୍ସିଏଚ୍) ସ୍ଥିତି***

| ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ନାମ | ବେସରକାରୀ ସଂସ୍ଥାର ନାମ/ବୁଝାମଣା ପତ୍ରର ସ୍ୱାକ୍ଷର ତାରିଖ | ଓଡ଼ିଶା ସରକାର/ ଡବ୍ଲୁଓଡିସି ଦ୍ୱାରା ଯୋଗାଇ ଦିଆଯାଇ ଥିବା ସୁବିଧା | ବର୍ତ୍ତମାନର ସ୍ଥିତି |
|---|---|---|---|
| **ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ, ଜାରିଙ୍ଗ, କଳାହାଣ୍ଡି** | ସାଲେଭାମ୍ ଏଜୁକେସନାଲ୍ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟ (ଏସ୍ଇସିଟି), | ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରିମିୟମ ମୁକ୍ତ 25 ଏକର ଜମି ଏବଂ ଡବ୍ଲୁଓଡିସି ଦ୍ୱାରା 10 | 2013-14 ରେ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ପ୍ରଥମ ଦଫାରେ 100 ଛାତ୍ର ନାମ ଲେଖାଇଥିଲେ । ଶିକ୍ଷକ ଅଭାବ ଏବଂ ଭିତ୍ତିଭୂମି[25] ଉପଲବ୍ଧ ନଥିବାରୁ |

[24] ନିର୍ବାହୀ ଯନ୍ତ୍ରୀ, ଓଡ଼ିଶା ଉଠା ଜଳସେଚନ ନିଗମ ଲିମିଟେଡ୍, ସୁନ୍ଦରଗଡ଼, ରାଉରକେଲା ଏବଂ ଭବାନୀପାଟଣା ବିଭାଜନ

[25] ରକ୍ତ ଭଣ୍ଡାର, କେନ୍ଦ୍ରୀୟ ଅମ୍ଳଜାନ ଯୋଗାଣ, କେନ୍ଦ୍ରୀୟ ଲାଇବ୍ରାରୀ, ହଷ୍ଟେଲ ସୁବିଧା ଇତ୍ୟାଦି

| ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ନାମ | ବେସରକାରୀ ସଂସ୍ଥାର ନାମ/ବୁଝାମଣା ପତ୍ରର ସ୍ୱାକ୍ଷର ତାରିଖ | ଓଡ଼ିଶା ସରକାର/ ଡବ୍ଲୁଓଡିସି ଦ୍ୱାରା ଯୋଗାଇ ଦିଆଯାଇ ଥିବା ସୁବିଧା | ବର୍ତ୍ତମାନର ସ୍ଥିତି |
|---|---|---|---|
| | ତାମିଲନାଡୁ/30 ଜାନୁଆରୀ 2004 | କୋଟି ଟଙ୍କା | 2014-15 ବର୍ଷ ଠାରୁ ମେଡିକାଲ କାଉନସିଲ୍ ଅଫ୍ ଇଣ୍ଡିଆ ଅନୁମତି ପ୍ରଦାନ କରିନଥିଲା । ପରବର୍ତ୍ତୀ ସମୟରେ, 2014-15 ଠାରୁ ଉକ୍ତ ଏମ୍‌ସିଏଚ୍ କାର୍ଯ୍ୟକ୍ଷମ ହୋଇପାରି ନଥିଲା । |
| **ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ, ବଲାଙ୍ଗୀର** | ଡିସେମ୍ବର 2003 ରୁ ଅକ୍ଟୋବର 2006 ମଧ୍ୟରେ ତିନିଟି[26] ବେସରକାରୀ ସଂସ୍ଥା | ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରିମିୟମ ମୁକ୍ତ 25 ଏକର ଜମି ଏବଂ ଡବ୍ଲୁଓଡିସି ଦ୍ୱାରା 27 ଲକ୍ଷ ଟଙ୍କା | ପ୍ରାରମ୍ଭରୁ ଡବ୍ଲୁଡିସି, ବଲାଙ୍ଗୀର ଠାରେ ଏମ୍‌ସିଏଚ୍ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ 27 ଲକ୍ଷ ଟଙ୍କା ବିନିମୟରେ ପ୍ରଶାସନିକ କୋଠାଘର ନିର୍ମାଣ କରିଥିଲେ (ଡିସେମ୍ବର 2001) । ପୂର୍ବ ଆବଶ୍ୟକତା[27] ଗୁଡ଼ିକର ପୂରଣ ନହେବାରୁ ଏମ୍‌ସିଏଚ୍ କାର୍ଯ୍ୟକାରୀ ହୋଇପାରିନଥିଲା । ପରବର୍ତ୍ତୀ ସମୟରେ ଉକ୍ତ ଏମ୍‌ସିଏଚ୍ ନିର୍ମାଣ ପାଇଁ ଡବ୍ଲୁଓଡିସି, ତିନିଟି ବେସରକାରୀ ସଂସ୍ଥା ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ । କିନ୍ତୁ ବେସରକାରୀ ସଂସ୍ଥା ଗୁଡିକ ଏମ୍‌ସିଏଚ୍‌ରେ ଭିତ୍ତିଭୂମି ସମ୍ବନ୍ଧୀୟ ମାନଦଣ୍ଡକୁ ପୂରଣ କରିବାରେ ବିଫଳ ହୋଇଥିଲେ । ଡିସେମ୍ବର 2004, ଅପ୍ରେଲ 2006 ଓ ଅଗଷ୍ଟ 2008 ରେ ଡବ୍ଲୁଓଡିସି, ବୁଝାମଣା ପତ୍ର ଗୁଡ଼ିକ ବାତିଲ୍ କରିଦେଇଥିଲା । ଜୁଲାଇ 2018 ସୁଦ୍ଧା ପ୍ରଶାସନିକ କୋଠାଘରଟି ଅବ୍ୟବହୃତ ହୋଇପଡ଼ି ରହିଥିଲା । |
| **ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ, ରାଉରକେଲା** | ବିଜ୍ଞାନ ଭାରତୀ ଚାରିଟେବୁଲ୍ ଟ୍ରଷ୍ଟ(ଭିବିସିଟି) ଭୁବନେଶ୍ୱର/ 4 ଜୁଲାଇ 2008 | ଓଡ଼ିଶା ସରକାରଙ୍କ ଦ୍ୱାରା 25 ଏକର ପ୍ରିମିୟମ ମୁକ୍ତ ଜମି ଏବଂ ଡବ୍ଲୁଓଡିସି ଦ୍ୱାରା 7.98 କୋଟି ଟଙ୍କା | 2012-13 ରୁ 2016-17 ମଧ୍ୟରେ ଏମ୍‌ସିଆଇ 100 ଛାତ୍ରଙ୍କ ନାମଲେଖାଇବା ପାଇଁ ଅନୁମତି ଦେଇଥିଲା । ଭିତ୍ତିଭୂମି ମାନଦଣ୍ଡକୁ ଏବଂ ଭିବିସିଟି ପୂରଣ କରିବାରେ ବିଫଳ ହୋଇଥିଲା ଯାହାଫଳରେ 2017-18 ଠାରୁ ଏମ୍‌ସିଆଇ ନାମଲେଖା ପ୍ରକ୍ରିୟା ଉପରେ କଟକଣା ଲଗାଇଥିଲା । |

***(ଉତ୍ସ: ଡବ୍ଲୁଓଡିସିର ନଥିପତ୍ର)***

26 ମେସର୍ସ ଜିଏସ୍‌ଏଲ୍ ଟ୍ରଷ୍ଟ, ରାଜାମହେନ୍ଦ୍ରୀ, ଆନ୍ଧ୍ରପ୍ରଦେଶ, ମେସର୍ସ ଜସର ମେଡିକାଲ ଏଜୁକେସନ ହେଲ୍‌ଥ ଫାଉଣ୍ଡେସନ, ଉତ୍ତର ପ୍ରଦେଶ ଏବଂ ବାଲାଜୀ ଏଜୁକେସନ ଓ ଚାରିଟେବୁଲ ଟ୍ରଷ୍ଟ, ପୁଦୁଚେରୀ ଯଥାକ୍ରମେ ଡିସେମ୍ବର 2003, ଅଗଷ୍ଟ 2005 ଓ ଅକ୍ଟୋବର 2006 ରେ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ବୁଝାମଣା ପତ୍ର ଗୁଡ଼ିକ ଯଥାକ୍ରମେ ଡିସେମ୍ବର 2004, ଅପ୍ରେଲ 2006 ଏବଂ ଅଗଷ୍ଟ 2008 ରେ ବାତିଲ୍ କରାଯାଇଥିଲା

27 ଏମ୍‌ସିଆଇର ଅନୁମତି ପାଇବା ପାଇଁ ସଂପୃକ୍ତ ସହବନ୍ଧ ବିଶ୍ୱ ବିଦ୍ୟାଳୟରୁ ସମ୍ମତି/ ଅନାପତ୍ତି ପ୍ରମାଣପତ୍ର ଏବଂ ଜମିର ମାଲିକାନା ଥିବା ପ୍ରମାଣ ପତ୍ର

ଏହି ସମ୍ବନ୍ଧରେ ଅଡିଟ୍ ନିମ୍ନଲିଖିତ ତଥ୍ୟ ଅବଲୋକନ କଲା:



*ସର୍ଦ୍ଦାର ରାଜା ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ, ଜାରିଙ୍ଗ, କଳାହାଣ୍ଡିର ଫଟୋଗ୍ରାଫ୍*

- ଭେଷଜ ମହାବିଦ୍ୟାଳୟର ପରିଚାଳନାରେ ଅଭିଜ୍ଞତା ନଥିବାରୁ ବେସରକାରୀ ଭାଗିଦାରୀ ଚୟନ ପାଇଁ ସରକାରଙ୍କ ଦ୍ୱାରା ସଂସ୍ଥାପିତ (ମାର୍ଚ୍ଚ 2003) ଉଚ୍ଚ ସ୍ତରୀୟ କମିଟି, ଏସ୍‌ଇସିଟିକୁ ଅନୁମୋଦନ ପ୍ରଦାନ କରିନଥିଲେ । ପରବର୍ତ୍ତୀ କାଳରେ, ଡବ୍ଲୁଓଡିସିର ସୁପାରିଶ (ଜାନୁଆରୀ 2004) ଅନୁଯାୟୀ ଏସ୍‌ଇସିଟିକୁ ସରକାର କଳାହାଣ୍ଡି ଠାରେ ଥିବା ଏସ୍‌ସିଏଚ୍ ର ସ୍ଥାପନା ଓ ପରିଚାଳନା ପାଇଁ ବେସରକାରୀ ଭାଗିଦାରୀ ଭାବରେ ଅନୁମୋଦନ କରିଥିଲେ । ଏଣୁ, ଯଥୋଚିତ ଉଦ୍ୟମ ନକରି ବେସରକାରୀ ଭାଗିଦାରୀ ଚୟନ ଏବଂ ପୃଷ୍ଠଭୂମି/ ଅଭିଜ୍ଞତାକୁ ବିଚାରକୁ ନ ନେଇ କଳାହାଣ୍ଡି ଠାରେ ଏସ୍‌ସିଏଚ୍ ର ସ୍ଥାପନା ହୋଇଥିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରି ନଥିଲା ।

- ରାଉରକେଲା ଓ କଳାହାଣ୍ଡିରେ ଭେଷଜ ମହାବିଦ୍ୟାଳୟ ସହ ଜଡ଼ିତ ଥିବା ବେସରକାରୀ ସଂସ୍ଥାଗୁଡ଼ିକ ବୁଝାମଣା ପତ୍ରରେ ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ବିପିଏଲ୍ ପରିବାରକୁ ମାଗଣା ଚିକିତ୍ସା ଯୋଗାଇ ନଥିଲେ ।

- ବୁଝାମଣା ପତ୍ରର ସର୍ତ୍ତାବଳୀ ଅନୁଯାୟୀ, ଏମ୍‌ସିଆଇ ଦ୍ୱାରା ବିହୀତ ସର୍ତ୍ତାବଳୀଗୁଡ଼ିକ ପୂରଣ କରି ନ ପାରିବା କ୍ଷେତ୍ରରେ ବେସରକାରୀ ଅଂଶୀଦାରଙ୍କ ଠାରୁ ବାର୍ଷିକ 10 ପ୍ରତିଶତ ସୁଧ ସହିତ ଦିଆଯାଇଥିବା ସହାୟତା ରାଶି ଅସୁଲ କରିବାର ଥିଲା । ଯେହେତୁ ଉଭୟ ସଂସ୍ଥା ଏମ୍‌ସିଆଇର ସର୍ତ୍ତାବଳୀ ପୂରଣ କରିବାରେ ବିଫଳ ହୋଇଥିଲେ, ସେମାନେ 17.98 କୋଟି ଟଙ୍କାର ସହାୟତା ରାଶି ଏବଂ 15.41 କୋଟି ଟଙ୍କାର ସୁଧ ଆଇନ୍ ଅନୁଯାୟୀ ଫେରସ୍ତ କରିବାର ଥିଲା । ଯଦିଓ ଡବ୍ଲୁଓଡିସି ଅଗଷ୍ଟ 2015 ରେ ଏହି ପରିମାଣ ଫେରସ୍ତ ପାଇଁ ଦାବି କରିଥିଲା, ଜୁଲାଇ 2018 ସୁଦ୍ଧା ବେସରକାରୀ ସଂସ୍ଥାଗୁଡ଼ିକ ଏହାକୁ ଫେରସ୍ତ କରିନଥିଲେ ।

  ଏହିପରି, ଭେଷଜ ମହାବିଦ୍ୟାଳୟ ପରିଚାଳନାରେ ଅଭିଜ୍ଞତା ନଥିବା ଏବଂ ଏମ୍‌ସିଆଇ ର ମାନାଦର୍ଶ ପୂରଣ କରି ନପାରିବା ସତ୍ତ୍ୱେ ଏସ୍‌ଇସିଟି ର ମନୋନୟନ ଯୋଗୁଁ କଳାହାଣ୍ଡି ଏମ୍‌ସିଏଚ୍ ବନ୍ଦ ହୋଇଯାଇଥିଲା । ସେହିପରି, ଏମ୍‌ସିଆଇ ର ମାନାଦର୍ଶ ପୂରଣ କରିବାରେ ବିଫଳ ହେବାରୁ, 2017-19 ବର୍ଷ ପାଇଁ ଏମ୍‌ସିଏଚ୍ ରାଉରକେଲାରେ ଛାତ୍ରମାନଙ୍କର ନାମଲେଖା ପାଇଁ ଅନୁମତି ମିଳିନଥିଲା । ଅଧିକନ୍ତୁ, ବଲାଙ୍ଗିର ଏମ୍‌ସିଏଚ୍ ବେସରକାରୀ ସଂସ୍ଥାଗୁଡ଼ିକ କାର୍ଯ୍ୟାରମ୍ଭ ନକରିବାରୁ ଚାଲୁ ହୋଇପାରି ନଥିଲା । ଯାହାଫଳରେ ଡବ୍ଲୁଓଡିସି ଲୋକମାନଙ୍କୁ ମେଡିକାଲ ସୁବିଧା ଯୋଗାଇବାର ଉଦ୍ଦେଶ୍ୟ ହାସଲ ହୋଇପାରି ନଥିଲା ।

  ବିଭାଗ ଦର୍ଶାଇଲେ (ଅକ୍ଟୋବର 2018) ଯେ କଳାହାଣ୍ଡି ଏମ୍‌ସିଏଚ୍ ମାମଲାରେ ଅସୁଲି ପ୍ରକ୍ରିୟା ଆରମ୍ଭ ହୋଇଅଛି ଏବଂ ରାଉରକେଲା ଏମ୍‌ସିଏଚ୍ ମାମଲାରେ ପରବର୍ତ୍ତୀ କିସ୍ତିର ଦେୟ ବନ୍ଦ କରାଯାଇଅଛି । ଏମ୍‌ସିଏଚ୍, ବଲାଙ୍ଗୀର ପାଇଁ ନିର୍ମାଣ ହୋଇଥିବା ସମ୍ପଳର ବ୍ୟବହାର କରାନଯିବା ବିଷୟରେ ପିଆଣ୍ଡସି ବିଭାଗ କୌଣସି ଉତ୍ତର ଦେଇନଥିଲେ ।

### *(ଖ) ଚକ୍ଷୁ ଚିକିତ୍ସାଳୟ ସ୍ଥାପନାର ଅଭିଳଷିତ ଉଦ୍ଦେଶ୍ୟ ହାସଲ ନହେବା*

କଳାହାଣ୍ଡି ଜିଲ୍ଲାରେ ଜୁନାଗଡ଼ ଠାରେ ସରକାରୀ-ବେସରକାରୀ ଭାଗିଦାରୀ (ପିପିପି) ଢଙ୍ଗରେ ଏକ 30 ଶଯ୍ୟା ବିଶିଷ୍ଟ ଚକ୍ଷୁ ଚିକିତ୍ସାଳୟ ସ୍ଥାପନା ପାଇଁ ଲେପ୍ରା ସୋସାଇଟି, ଭୁବନେଶ୍ୱର ସହ ଡବ୍ଲୁଓଡିସି ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ (4 ଜାନୁଆରୀ 2014) । 60 ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଏମ୍ଓୟୁରେ ଡବ୍ଲୁଓଡିସି ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା 74.72 ଲକ୍ଷ ଟଙ୍କା ପ୍ରଦାନ କରିଥିଲା । ଚିକିତ୍ସାଳୟଟି ବର୍ଷକୁ 10,000 ମୋତିଆବିନ୍ଦୁ ଅପରେସନ କରିବାରଥିଲା । ବିପିଏଲ୍ ରୋଗୀମାନଙ୍କ ମୋତିଆବିନ୍ଦୁ ଅପରେସନ ବିନା ଦେୟରେ କରିବାର ଥିଲା ।

ଅଡିଟ୍‌ରେ ଦେଖାଗଲା ଯେ ଚକ୍ଷୁ ଚିକିତ୍ସାଳୟଟି ଜଣେ ଡାକ୍ତର, ନଅଟି ବେଡ୍ ଏବଂ ଗୋଟିଏ ଗାଡ଼ିରେ ସେପ୍ଟେମ୍ବର 2016 ଠାରୁ କାର୍ଯ୍ୟ କରିଆସୁଥିଲା ଯଦିଓ ଏହି ଚିକିତ୍ସାଳୟରେ 30 ଟି ବେଡ୍ ଓ ପାଞ୍ଚଟି ଗାଡ଼ି ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ଚିକିତ୍ସାଳୟଟି ଗତ ଦୁଇ ବର୍ଷରେ ମାର୍ଚ୍ଚ 2018 ସୁଦ୍ଧା, 174 ଟି ମୋତିଆ ବିନ୍ଦୁ ଅପରେସନ (0.87 ପ୍ରତିଶତ) କରିପାରିଥିଲା । ଏହିପରି ଚକ୍ଷୁ ଚିକିତ୍ସାଳୟର ସ୍ଥାପନା ପାଇଁ ଡବ୍ଲୁଓଡିସି 74.72 ଲକ୍ଷ ଟଙ୍କା ସହାୟତା ରାଶି ବେସରକାରୀ ଭାଗିଦାରୀଙ୍କୁ ଯୋଗାଇ ଦେବା ସତ୍ତ୍ୱେ, ପର୍ଯ୍ୟାପ୍ତ ମାନବ ସମ୍ବଳ ଓ ଭିତ୍ତିଭୂମି ଅଭାବରୁ ଅଭିଳଷିତ ଉଦ୍ଦେଶ୍ୟ ହାସଲ ହୋଇପାରି ନଥିଲା । ବିଭାଗ ଦର୍ଶାଇଲେ (ଅକ୍ଟୋବର 2018) ଯେ ଏହି କାର୍ଯ୍ୟରେ ବିହିତ ପଦକ୍ଷେପ ନେବା ପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

### *2.1.5.4 ଅନ୍ୟ କ୍ଷେତ୍ରଗୁଡ଼ିକରେ ପ୍ରକଳ୍ପର କାର୍ଯ୍ୟାନ୍ୱୟନ*

ଅନ୍ୟ କ୍ଷେତ୍ର (ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଓ ରାସ୍ତା ଏବଂ ଗମନାଗମନ ବ୍ୟତୀତ) ଅଧୀନରେ କାର୍ଯ୍ୟାରମ୍ଭ ହୋଇଥିବା 3173 ପ୍ରକଳ୍ପ ମଧ୍ୟରୁ 289 ଟିର ନମୁନା ଯାଞ୍ଚ୍ କରି ଅଡିଟ୍ ନିମ୍ନଲିଖିତ ଅଭାବ ଥିବା ଅବଲୋକନ କଲା:

***(କ) ଅନୁମୋଦିତ ନକ୍ସା ର ବିଚ୍ୟୁତି ଯୋଗୁଁ ପ୍ରକଳ୍ପ ଗୁଡ଼ିକ ଅସଂପୂର୍ଣ୍ଣ ରହିବା :*** 2008-18 ମଧ୍ୟରେ 20 ଟି ଇଏ ମାନଙ୍କ ଦ୍ୱାରା 10.95 କୋଟି ଟଙ୍କା ମୂଲ୍ୟରେ କାର୍ଯ୍ୟ ଆରମ୍ଭ କରାଯାଇଥିବା 115 ଟି ପ୍ରକଳ୍ପ[28] ଜୁଲାଇ 2018 ସୁଦ୍ଧା ଅସମ୍ପୂର୍ଣ୍ଣ ରହିଥିଲା ଯାହାର ସାରମର୍ମ ନିମ୍ନରେ ଦର୍ଶାଗଲା:

***ସାରଣୀ 2.1.6: ନକ୍ସାର ବିଚ୍ୟୁତି ଯୋଗୁଁ ପ୍ରକଳ୍ପ ଗୁଡ଼ିକର ସଂପୂର୍ଣ୍ଣ ନହେବାର ବିବରଣୀ***

| ପ୍ରକଳ୍ପ ସଂଖ୍ୟା | ସଂପାଦନର ଅବଧି | ବ୍ୟୟ (କୋଟି ଟଙ୍କାରେ) | ସଂପୂର୍ଣ୍ଣ ନହେବାର କାରଣ |
|---|---|---|---|
| 66[29] | 2008-09 ରୁ 2017-18 | 3.51 | କାର୍ଯ୍ୟ ସଂପାଦନ ସମୟରେ ଡବ୍ଲୁଓଡିସି ଦ୍ୱାରା ଅନୁମୋଦିତ ନିର୍ଦ୍ଦିଷ୍ଟ ଅଟକଳ/ ଆଦର୍ଶ ଅଟକଳକୁ 10 ଟି ଇଏ ଅନୁସରଣ କରିନଥିଲେ । ସେମାନେ ଅନୁମୋଦିତ ଭିତ୍ତିମୂଳ ଠାରୁ ଅଧିକ ଭିତ୍ତିମୂଳ ରହି କୋଠାଗୁଡ଼ିକ ନିର୍ମାଣ କରିଥିଲେ । ଯାହାଫଳରେ କୋଠାଗୁଡ଼ିକ ଅତିରିକ୍ତ ପାଣ୍ଠି ଆବଶ୍ୟକ ଯୋଗୁଁ ଅସମ୍ପୂର୍ଣ୍ଣ ରହିଲା ।  ***2014-15 ଠାରୁ ଭେଡେନ୍ ବ୍ଲକର ପ୍ରଧାନ ଟିକିରା ଠାରେ ଥିବା କଲ୍ୟାଣ ମଣ୍ଡପ ଅସମ୍ପୂର୍ଣ୍ଣ ଅଛି*** |

28 ଗୋଷ୍ଠୀ କେନ୍ଦ୍ର, କଲ୍ୟାଣ ମଣ୍ଡପ, ବିଦ୍ୟାଳୟ/ ମହାବିଦ୍ୟାଳୟ ପାଇଁ ଅତିରିକ୍ତ ଶ୍ରେଣୀଗୃହ ଏବଂ କଲଭର୍ଟ ଇତ୍ୟାଦିର ନିର୍ମାଣ

29 ଗୋଷ୍ଠୀ କେନ୍ଦ୍ର,: 32 ( 92.39 ଲକ୍ଷ ଟଙ୍କା), କଲ୍ୟାଣ ମଣ୍ଡପ: 18 (125.68 ଲକ୍ଷ ଟଙ୍କା), ବିଦ୍ୟାଳୟ/ ମହାବିଦ୍ୟାଳୟ ପାଇଁ ଅତିରିକ୍ତ ଶ୍ରେଣୀଗୃହ: 10 ( 95.89 ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ: 6 (36.98 ଲକ୍ଷ ଟଙ୍କା)

| ପ୍ରକଳ୍ପ ସଂଖ୍ୟା | ସଂପାଦନର ଅବଧି | ବ୍ୟୟ (କୋଟି ଟଙ୍କାରେ) | ସଂପୂର୍ଣ୍ଣ ନହେବାର କାରଣ |
|---|---|---|---|
| 38[30] | 2011-12 ରୁ 2017-18 | 1.95 | 38 ଟି ପ୍ରକଳ୍ପ ପାଇଁ ପ୍ରକୃତ ଦରକାର ପାଣ୍ଠିର ମୂଲ୍ୟ ନିର୍ଦ୍ଧାରଣ ନକରି ଡବ୍ଲୁଓଡିସି 2.41 କୋଟି ଟଙ୍କା ପ୍ରଦାନ କରିଥିଲା । ଇଏ ଗୁଡ଼ିକ ପାଣ୍ଠି ଅଭାବରୁ କାର୍ଯ୍ୟଗୁଡ଼ିକୁ ସଂପୂର୍ଣ୍ଣ କରିପାରି ନଥିଲେ । ଯାହାଫଳରେ ସମ୍ପତ୍ତିଗୁଡ଼ିକ ଅସମ୍ପୂର୍ଣ୍ଣ ରହିଗଲା । |
| 11[31] | 2009-10 ରୁ 2017-18 | 2.23 | ଆଠଟି ଇଏ ନକ୍ସାର ପରିବର୍ତ୍ତନ ଯୋଗୁଁ, ଗୋଟିଏ ଇଏ ଜମି ବିବାଦ ଯୋଗୁଁ ଏବଂ ଦୁଇଟି ଇଏ ନିମ୍ନମାନର କାର୍ଯ୍ୟ ଯୋଗୁଁ କାର୍ଯ୍ୟଗୁଡ଼ିକ ସଂପୂର୍ଣ୍ଣ କରିପାରି ନଥିଲେ । |

*(ଉତ୍ସ: ନମୁନା ଇଏ ଗୁଡ଼ିକର ନଥି)*

ଦିଆଯାଇଥିବା କାର୍ଯ୍ୟ/ ପ୍ରକଳ୍ପର ବିଚ୍ୟୁତି ପାଇଁ ଇଏ ମାନେ ଦାୟୀ । ପ୍ରକଳ୍ପ ଗୁଡ଼ିକ ଅସଂପୂର୍ଣ୍ଣ ରହିବା ଫଳରେ ଅଭିଳଷିତ ଉଦ୍ଦେଶ୍ୟ ପୂରଣ ହୋଇପାରି ନଥିଲା ଏବଂ 7.69 କୋଟି ଟଙ୍କା ବ୍ୟୟ ଫଳପ୍ରଦ ହୋଇପାରି ନଥିଲା ।

ବିଭାଗ ଏହି ତଥ୍ୟକୁ ସ୍ୱୀକାର କରି ବ୍ୟକ୍ତ କଲେ (ଅକ୍ଟୋବର 2018 ) ଯେ ସେହି ଉଦ୍ଦେଶ୍ୟରେ ଅତିରିକ୍ତ ପାଣ୍ଠି ଯୋଗାଇ ଦିଆଯାଇ ପ୍ରକଳ୍ପଗୁଡ଼ିକ ସଂପୂର୍ଣ୍ଣ କରାଯିବ ।

***(ଖ) ଅଭିଳଷିତ ଉଦ୍ଦେଶ୍ୟ ପାଇଁ ସମ୍ପଳର ଅନୁପଯୋଗ/ ଅପବ୍ୟବହାର :*** 2015-17 ଅବଧି ମଧ୍ୟରେ 1.31 କୋଟି ଟଙ୍କା ବ୍ୟୟରେ ନିର୍ମିତ 12ଟି ପ୍ରକଳ୍ପ ଉପଯୋଗ ହୋଇପାରି ନଥିଲା ଯାହାକି ***ପରିଶିଷ୍ଟ 2.1.1*** ରେ ବର୍ଣ୍ଣନା କରାଯାଇଛି । ଗୋଟିଏ ମାମଲାରେ, ଅକ୍ଟୋବର 2016 ରେ 11.43 ଲକ୍ଷ ଟଙ୍କା ବ୍ୟୟରେ ଏକ ମହାବିଦ୍ୟାଳୟ ପାଇଁ ନିର୍ମିତ ଶ୍ରେଣୀ ଗୃହଟି ଉଦ୍‌ଘାଟନ ହୋଇ ନଥିବାରୁ ବ୍ୟବହାର ହୋଇପାରି ନଥିଲା । ଅନ୍ୟ ଏକ ମାମଲାର ଏକ ଗୋଷ୍ଠୀ କେନ୍ଦ୍ର ଏକ ରାଜନୈତିକ ଦଳ ଦ୍ୱାରା ବ୍ୟବହୃତ ହେଉଥିଲା ।

ବିଭାଗ ଦର୍ଶାଇଲେ (ଅକ୍ଟୋବର 2018) ଯେ ଉକ୍ତ ବିଷୟରେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## 2.1.6 ଡବ୍ଲୁଓଡିସି ଅଞ୍ଚଳ ପାଇଁ ପୋଷନୀୟ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)

ୟୁଏନ୍‌ଏସ୍‌ଡିଜି ଅଧିନରେ ନିର୍ଦ୍ଧାରିତ ବିଭିନ୍ନ ପୋଷନୀୟ ବିକାଶ ଲକ୍ଷ୍ୟର (ଏସ୍‌ଡିଜି) ଅଗ୍ରଗତିକୁ ଭାରତ ସରକାରଙ୍କ ନୀତି ଆୟୋଗ ପର୍ଯ୍ୟାଲୋଚନା କରିଥାଏ । ଲକ୍ଷ୍ୟ ହାସଲର ମାତ୍ରାକୁ ଆଧାର କରି ପ୍ରତ୍ୟେକ ଲକ୍ଷ୍ୟକୁ ନେଇ ନୀତି ଆୟୋଗ ଏକ ସୂଚକ ପତ୍ର ପ୍ରସ୍ତୁତ କରିଥାଏ ଏବଂ ସଫଳତାକୁ ଉଚ୍ଚାଭିଳାଷୀ (0-49), ପର୍ଫର୍ମର (50-64), ଫ୍ରଣ୍ଟରନର (65-99) ଏବଂ ହାସଲକାରୀ (100) ଭାବେ ସ୍ଥିର କରିଥାଏ ।

ମିଶ୍ର ଏସ୍‌ଡିଜି ସୂଚକ ପତ୍ର ଅନୁଯାୟୀ ଓଡ଼ିଶା 58 (ଫ୍ରଣ୍ଟ ରନର) ଅଙ୍କ ପ୍ରାପ୍ତ କରିଥିଲା ।

ଏହା ଅବଲୋକନ କରାଗଲା ଯେ, ଏସ୍‌ଡିଜିଗୁଡ଼ିକର ଉଦ୍ଦେଶ୍ୟ ସାଧନ ପାଇଁ ଆବଶ୍ୟକୀୟ ଗତିପ୍ରଦାନ କରିବାରେ ଡବ୍ଲୁଓଡିସି ତରଫରୁ ଅନେକ ତ୍ରୁଟି ରହିଯାଇଥିଲା ଯାହାକି ନିମ୍ନରେ ବର୍ଣ୍ଣନା କରାଗଲା:

- ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଅନ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ଯେଉଁ ଅଞ୍ଚଳଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇ ନଥିଲା, ତାହାକୁ ପ୍ରାଧାନ୍ୟ ଦିଆଯାଇ ନଥିଲା ଯାହାକି ***ଅନୁଚ୍ଛେଦ 2.1.3.3*** ରେ ବର୍ଣ୍ଣନା କରାଯାଇଛି ।

[30] ଗୋଷ୍ଠୀ କେନ୍ଦ୍ର: 8 (23.97 ଲକ୍ଷ ଟଙ୍କା), କଲ୍ୟାଣ ମଣ୍ଡପ: 12 ( 47.21 ଲକ୍ଷ ଟଙ୍କା), ବିଦ୍ୟାଳୟ/ ମହାବିଦ୍ୟାଳୟ ପାଇଁ ଅତିରିକ୍ତ ଶ୍ରେଣୀଗୃହ: 6 (44.61 ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ: 12 ( 79.39 ଲକ୍ଷ ଟଙ୍କା)

[31] ଗୋଷ୍ଠୀ କେନ୍ଦ: 1 (0.86 ଲକ୍ଷ ଟଙ୍କା), କଲ୍ୟାଣ ମଣ୍ଡପ: 1 (17.33 ଲକ୍ଷ ଟଙ୍କା), ବିଦ୍ୟାଳୟ/ ମହାବିଦ୍ୟାଳୟ ପାଇଁ ଅତିରିକ୍ତ ଶ୍ରେଣୀଗୃହ: 3 (12.47 ଲକ୍ଷ ଟଙ୍କା) ଏବଂ ଅନ୍ୟାନ୍ୟ: 6 ( 192.45 ଲକ୍ଷ ଟଙ୍କା)

- ସମୁଦାୟ 409.72 କୋଟି ଟଙ୍କାରୁ ଡବ୍ଲୁଓଡିସି 128.79 କୋଟି ଟଙ୍କା (31 ପ୍ରତିଶତ) ଅତ୍ୟଧିକ ଅନୁନ୍ନତ ବ୍ଲକ୍ ଏବଂ 97.52 କୋଟି ଟଙ୍କା (24 ପ୍ରତିଶତ) ଅନୁନ୍ନତ ବ୍ଲକକୁ ଆବଣ୍ଟନ କରିଥିଲେ । ଏଣୁ, ପାଣ୍ଠି ଆବଣ୍ଟନରେ ଅନୁନ୍ନତ ଏବଂ ଅତ୍ୟଧିକ ଅନୁନ୍ନତ ବ୍ଲକ୍ ଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଇ ନଥିଲା (***ଅନୁଚ୍ଛେଦ 2.1.3.4***) ।
- ଏକତ୍ରିତ ଭିତ୍ତିଭୂମି ନିର୍ମାଣ ହୋଇ ନଥିବାରୁ ଡବ୍ଲୁଓଡିସି ଦ୍ୱାରା ନିର୍ମିତ ସଂପତ୍ତିଗୁଡିକ ବ୍ୟବହୃତ ହୋଇପାରି ନଥିଲା । ଏହାଫଳରେ ଏହି ଅଞ୍ଚଳର ଉନ୍ନତି ତ୍ୱରାନ୍ୱିତ ହେବାର ଉଦ୍ଦେଶ୍ୟ ସାଧିତ ହୋଇପାରିନଥିଲା (***ଅନୁଚ୍ଛେଦ 2.1.5.2***) ।
- କଳାହାଣ୍ଡି, ରାଉରକେଲା ଓ ବଲାଙ୍ଗୀର ଠାରେ ଥିବା ଏମ୍‌ସିଏଚ୍ ଗୁଡ଼ିକ କାର୍ଯ୍ୟକ୍ଷମ ନହେବା ଯୋଗୁଁ ଏହି ଅଞ୍ଚଳରେ ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇପାରି ନଥିଲା । ଏହାଦ୍ୱାରା ଡବ୍ଲୁଓଡିସି ଅଞ୍ଚଳର ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାର ଉଦ୍ଦେଶ୍ୟ ସଫଳ ହୋଇପାରି ନଥିଲା ***(ଅନୁଚ୍ଛେଦ 2.1.5.3)*** ।


ଏପରିକି କାର୍ଯ୍ୟାନ୍ୱୟନ ହେବାର 12 ବର୍ଷ ପରେ ମଧ୍ୟ, ଡବ୍ଲୁଓଡିସି ଅଞ୍ଚଳର ସମନ୍ୱିତ ବିକାଶକୁ ସୁନିଶ୍ଚିତ କରିବା ଏବଂ ସମାଲୋଚନାତ୍ମକ ସମସ୍ୟାକୁ ଚିହ୍ନଟ ଓ ସମାଧାନ କରିବା ପାଇଁ ଡବ୍ଲୁଓଡିସି ଉପଯୁକ୍ତ ଯୋଜନା ସୁନିଶ୍ଚିତ କରିବାରେ ଅସମର୍ଥ ଥିଲା ।

***ସୁପାରିଶ : ଅଡିଟ୍ ସୁପାରିଶ କରୁଛି ଯେ ମାନବୀୟ ଉନ୍ନତି ଯେପରିକି ପାନୀୟ ଜଳ, ଅନୁନ୍ନତ ଅଞ୍ଚଳରେ ପୋଷଣୀୟ କୃଷି, ସ୍ୱାସ୍ଥ୍ୟ ଇତ୍ୟାଦି ପାଇଁ ସାଧନ ଆବଣ୍ଟନ କ୍ଷେତ୍ରରେ ସଫଳତା ଲକ୍ଷ୍ୟ ସ୍ଥିର କରାଯିବା ଉଚିତ୍ ।***

### 2.1.7 ପର୍ଯ୍ୟାଲୋଚନା ପଦ୍ଧତି

ଯୋଜନା ଓ ଅଭିସରଣ ବିଭାଗ, ଜିଲ୍ଲାସ୍ତରୀୟ ପର୍ଯ୍ୟାଲୋଚନା କମିଟି (ଡିଏଲ୍‌ଏମ୍‌ସି) ସେପ୍ଟେମ୍ବର 2011ରେ ଗଠନ କରିଥିଲେ ଯାହାର ପ୍ରଧାନ କାର୍ଯ୍ୟ ଥିଲା ଡବ୍ଲୁଓଡିସି ଦ୍ୱାରା ମଞ୍ଜୁର ହୋଇଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନର ଅଗ୍ରଗତିକୁ ସମୀକ୍ଷା କରିବା । ପ୍ରତ୍ୟେକ ଜିଲ୍ଲାରେ କମିଟି ଗଠନ ହେବ ଏବଂ ସଂପୃକ୍ତ ଜିଲ୍ଲାପାଳ କମିଟିର ମୁଖ୍ୟ ରହିବେ । କମିଟି ଗଠନ ନିମ୍ନ ଚାର୍ଟରେ ଦର୍ଶାଗଲା:

***ଚାର୍ଟ: 2.1.3: ଡିଏଲ୍‌ଏମ୍‌ସି ର ସାଂଗଠନିକ ଚାର୍ଟ***




ଅଡିଟରେ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଦେଖାଗଲା:

- ***ଅକାମୀ ଡିଏଲ୍‌ଏମ୍‌ସି :*** ଡବ୍ଲୁଓଡିସିର ସଂପୃକ୍ତ ଜିଲ୍ଲା ଗୁଡ଼ିକରେ ଆବଶ୍ୟକୀୟ ପ୍ରକଳ୍ପଗୁଡ଼ିକର ସୁପାରିଶ ଓ ଏହାର ପର୍ଯ୍ୟାଲୋଚନା କରିବା ପାଇଁ ଯୋଜନା ଓ ଅଭିସରଣ ବିଭାଗ ଜିଲ୍ଲା ସ୍ତରୀୟ ପର୍ଯ୍ୟାଲୋଚନା କମିଟି (ଡିଏଲ୍‌ଏମ୍‌ସି) ଗଠନ କରିଥିଲେ । ଏହା ଆଞ୍ଚଳିକ ଅସନ୍ତୁଳନ ଦୂରକରିବା

ଓ ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଇବା ପାଇଁ ଉଦ୍ଦିଷ୍ଟ ଥିଲା । ଡିଏଲ୍‌ଏମ୍‌ସି ବୈଠକ ପ୍ରତ୍ୟେକ ମାସରେ ଥରେ ହେବାର ଥିଲା । ବର୍ଷ 2015-18 ମଧ୍ୟରେ ଡିଏଲ୍‌ଏମ୍‌ସି ପ୍ରାୟତଃ ଅକାମୀ ଥିଲା (ଆବଶ୍ୟକୀୟ 360 ବୈଠକ ହେବା ସ୍ଥଳେ ମାତ୍ର 21 ଥର (6 ପ୍ରତିଶତ) ହୋଇଥିଲା) ।

ଫଳରେ, ବର୍ଷ 2015-18 ମଧ୍ୟରେ ମଞ୍ଜୁର ହୋଇଥିବା 1544 ଟି ପ୍ରକଳ୍ପ କାର୍ଯ୍ୟାରମ୍ଭ ହୋଇନଥିଲା, 1879 ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଥିଲା, ଇଏ ମାନଙ୍କ ଦ୍ୱାରା ଅନୁମୋଦିତ ନକ୍ସାର ବିଚ୍ୟୁତି ଯୋଗୁଁ ମଞ୍ଜୁରୀ ପାଣ୍ଠିର ବ୍ୟୟ ସତ୍ତ୍ୱେ 115 ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଥିଲା, 55 ଟି ଏମ୍‌ଆଇପି/ ଚେକ୍ ଡ୍ୟାମ୍/ ଏଲ୍‌ଆଇପି (***ଅନୁଛେଦ 2.1.5.2***) ଗୁଡ଼ିକରେ ଲକ୍ଷ୍ୟ ରଖାଯାଇଥିବା ଆୟାକଟ୍[32] ଗୁଡ଼ିକ ହୋଇପାରି ନଥିଲା । ପର୍ଯ୍ୟାଲୋଚନା କେବଳ ତ୍ରୁଟିପୂର୍ଣ୍ଣ ନଥିଲା, ଯୋଜନା ଓ ଅଭିସରଣ ବିଭାଗ ଦ୍ୱାରା ପରିକଳ୍ପିତ ପ୍ରକଳ୍ପ ଗୁଡ଼ିକର ନିଷ୍ପାଦନ କରିବାରେ ସକାରାତ୍ମକ ପ୍ରେରଣା ଦେବାରେ ମଧ୍ୟ ବିଫଳ ହୋଇଥିଲା ।

- ***କାର୍ଯ୍ୟାନ୍ୱୟନରେ ପ୍ରଗତିର ସମୀକ୍ଷା ନହେବା*** : ଡବ୍ଲୁଓଡିସି ଅଧିନିୟମର ଧାରା 11 ଅନୁଯାୟୀ ଇଏ ମାନଙ୍କ ଜରିଆରେ ଡବ୍ଲୁଓଡିସି ଦ୍ୱାରା କାର୍ଯ୍ୟାରମ୍ଭ ହୋଇଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଗୁଡ଼ିକ ସହ ଡବ୍ଲୁଓଡିସି ଅଞ୍ଚଳରେ ବିଭିନ୍ନ ସରକାରୀ ପ୍ରକଳ୍ପର ସମୀକ୍ଷା, ତଦାରଖ, ସମନ୍ୱୟ ଓ ପର୍ଯ୍ୟାଲୋଚନା ଡବ୍ଲୁଓଡିସିକୁ କରିବାର ଥିଲା । କିନ୍ତୁ ଡବ୍ଲୁଓଡିସି ଅଞ୍ଚଳରେ ସରକାର ପ୍ରକଳ୍ପଗୁଡ଼ିକର କୌଣସି ସମୀକ୍ଷା ଡବ୍ଲୁଓଡିସି କରିନଥିଲେ ।

ଯୋଜନା ଓ ଅଭିସରଣ ବିଭାଗ ଦର୍ଶାଇଥିଲେ (ଅକ୍ଟୋବର 2018) ଯେ ସିଇଓ, ଡବ୍ଲୁଓଡିସି ପ୍ରକଳ୍ପ ଗୁଡ଼ିକର ନିୟମିତ ସମୀକ୍ଷା କରୁଥିଲେ ଏବଂ ଡିଏଲ୍‌ଏମ୍‌ସି ର ନିୟମିତ ବୈଠକ କରିବା ପାଇଁ ଆଶ୍ୱାସନା ଦେଇଥିଲେ ।

***ସୁପାରିଶ : ଡିଏଲ୍‌ଏମ୍‌ସି ନିୟମିତ ଭାବରେ ବୈଠକ କରିବା ଉଚିତ୍ ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ଚାଲୁଥିବା ପ୍ରକଳ୍ପ ଗୁଡ଼ିକର ଫଳପ୍ରଦ ଓ ପ୍ରଭାବୀ ସମ୍ପାଦନାକୁ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାଲୋଚନା କରିବା ଉଚିତ୍ ।***

### 2.1.8 ଉପସଂହାର

ପରିଷଦରେ ସଭ୍ୟ ସଂଖ୍ୟା ପୂରଣ ନହେବାରୁ ତଥା ଆବଶ୍ୟକୀୟ ଅଭିଜ୍ଞତା ଥିବା ସଭ୍ୟମାନଙ୍କର ଚୟନ ନହେବାରୁ ଏବଂ ନିୟମିତ ଆବର୍ତ୍ତନ ନୀତି ଗ୍ରହଣ ନକରିବାରୁ ଡବ୍ଲୁଓଡିସିର ନିଷ୍ପତ୍ତି ନେବାର କ୍ଷମତା ଦକ୍ଷ ଓ ଫଳପ୍ରଦ ହେବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା । ସମାଲୋଚନାତ୍ମକ ସମସ୍ୟା ଚିହ୍ନଟ କରି ନପାରିବା ଯୋଗୁଁ ସମସ୍ୟା ସମାଧାନ କରିବାରେ ଡବ୍ଲୁଓଡିସିର ମୌଳିକ ଲକ୍ଷ୍ୟ ହାସଲ ହୋଇପାରି ନଥିଲା । ଏକ ଦୀର୍ଘ ମିଆଦି ଯୋଜନାର ଅଭାବ ଡବ୍ଲୁଓଡିସିକୁ ଏକ ସ୍ଥାୟୀ ଅବଧି ପାଇଁ ବିଶିଷ୍ଟ ଉଦ୍ଦେଶ୍ୟ ହାସଲ କରିବା ନିମନ୍ତେ ଏକ କେନ୍ଦ୍ରିକ ଦୃଷ୍ଟିକୋଣ ଆପଣାଇବାରୁ ବଞ୍ଚିତ କରିଥିଲା । ଯାହାଫଳରେ ପାଣ୍ଠିର ଉପଯୋଗରେ ଅଗ୍ରାଧିକାର ଦିଆଯାଇ ନଥିଲା ଯେହେତୁ ସେଚନ ଭଳି ଏକ ଅଗ୍ରାଧିକାର କ୍ଷେତ୍ରରେ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଇ ଦିଆଯାଇ ନଥିଲା । ପାଣ୍ଠି ଆବଣ୍ଟନରେ ଅନୁନ୍ନତ ବ୍ଲକ୍ ଗୁଡ଼ିକୁ ଉପଯୁକ୍ତ ଅଗ୍ରାଧିକାର ଦିଆଯାଇ ନଥିଲା । ଅନେକ ପ୍ରକଳ୍ପ ଆଞ୍ଚଳିକ/ ହିତାଧିକାରୀଙ୍କ ଆବଶ୍ୟକ ପାଇଁ ଉଦ୍ଦିଷ୍ଟ ନଥିଲା, ଯେହେତୁ କାର୍ଯ୍ୟାନ୍ୱିତ ପ୍ରକଳ୍ପଗୁଡ଼ିକ ଅଭିଳଷିତ ଲାଭ ପ୍ରଦାନ କରିପାରି ନଥିଲା । ଅନ୍ୟ ଯୋଜନା ସହ ଉଦ୍ଦେଶ୍ୟ ଗୁଡ଼ିକ ମିଶିଯାଉଥିବା ଲକ୍ଷ୍ୟ କରାଯାଇଥିଲା । ଏଣୁ, ଏହାର ଗଠନ ପରଠାରୁ, କାର୍ଯ୍ୟକାରିତାରେ ଲଗାତାର ତ୍ରୁଟି ଯୋଗୁଁ ଡବ୍ଲୁଓଡିସିର ବର୍ତ୍ତମାନ ସ୍ଥିତିରେ ଚାଲୁରହିବା, ସେହି ଉଦ୍ଦେଶ୍ୟ ଗୁଡ଼ିକୁ ହାସଲ କରିବାରେ ଏହାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରୁଛି ଯେଉଁଥିପାଇଁ ଏହାକୁ ଗଠନ କରାଯାଇଥିଲା ।

32 ଜଳସେଚନ ହେବାକୁ ଥିବା ଅଞ୍ଚଳ/ ଜଳସେଚନ ଅଧୀନ

## ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ ବିଭାଗ, ଶକ୍ତି ବିଭାଗ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ


### 2.2 ରାଜ୍ୟରେ ଅକ୍ଷୟ ଶକ୍ତିର ବିକାଶ ଏବଂ ଲୋକପ୍ରିୟତା

### 2.2.1 ଉପକ୍ରମ

ଅକ୍ଷୟ ଶକ୍ତି (ଆର୍‌ଇ) ହେଉଛି ଶକ୍ତି, ଯାହା ପ୍ରାକୃତିକ ଭାବରେ ମାନବ ସମୟ କାଳରେ ପୂର୍ଣ୍ଣ ହୋଇଥାଏ । ଅକ୍ଷୟ ଶକ୍ତିର ଉତ୍ସ ହେଉଛି ସୂର୍ଯ୍ୟ କିରଣ, ପବନ, ବାୟୋମାସ୍, ବର୍ଷା, ଜୁଆର, ତରଙ୍ଗ, ଜିଓଥର୍ମାଲ, ଉତ୍ତାପ ଇତ୍ୟାଦି । ଭାରତ ସରକାରଙ୍କ ଜଳବାୟୁ ପରିବର୍ତ୍ତନ ପାଇଁ ଜାତୀୟ କାର୍ଯ୍ୟ ଯୋଜନା (ଏନ୍‌ଏପିସିସି) [33] 2020 ସୁଦ୍ଧା ମୋଟ ଶକ୍ତି ମିଶ୍ରଣରେ ଅକ୍ଷୟ ଶକ୍ତିର ଅଂଶ ବଢ଼ାଇବାକୁ ଯୋଜନା ଥିଲା । ନୂତନ ତଥା ଅକ୍ଷୟ ଶକ୍ତି ମନ୍ତ୍ରାଳୟ (ଏମ୍‌ଏନ୍‌ଆରଇ), ଭାରତ ସରକାର ଦେଶର ଅକ୍ଷୟ ଶକ୍ତି କ୍ଷମତାକୁ 897 ଗିଗାୱାଟ୍ ଭାବରେ ଆକଳନ କରିଥିଲେ । 2015-16 ରେ ଏମ୍‌ଏନ୍‌ଆର୍‌ଇ 2022 ସୁଦ୍ଧା 175 ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ସୃଷ୍ଟି କରିବାର ଏକ ଲକ୍ଷ୍ୟ ସ୍ଥିର କରିଥିଲା, ଯାହା ଫଳରେ 2015 ଶେଷ ସୁଦ୍ଧା 35.78 ଗିଗାୱାଟ୍[34] ସୃଷ୍ଟି କରାଯାଇଥିଲା । ମାର୍ଚ୍ଚ 2018 ଶେଷ ସୁଦ୍ଧା ଏହି ଲକ୍ଷ୍ୟ 69.02 ମେଗାୱାଟ୍ (ଅକ୍ଷୟ ଶକ୍ତି କ୍ଷମତାର 7.70 ପ୍ରତିଶତ) କରାଯାଇଥିଲା ।

ମାର୍ଚ୍ଚ 2018 ସୁଦ୍ଧା ବିଭିନ୍ନ ରାଜ୍ୟର ଅକ୍ଷୟ ଶକ୍ତି କ୍ଷମତାକୁ ଏବଂ ବ୍ୟବହାର **ଚାର୍ଟ 2.2.1** ରେ ଦର୍ଶାଗଲା ।

***ଚାର୍ଟ 2.2.1: ମାର୍ଚ୍ଚ 2018 ସୁଦ୍ଧା ବିଭିନ୍ନ ରାଜ୍ୟ ଦ୍ୱାରା ଅକ୍ଷୟ ଶକ୍ତି ବ୍ୟବହାର (ପ୍ରତିଶତରେ)***




***(ଉତ୍ସ: ଏମ୍‌ଏନ୍‌ଆର୍‌ଇ/ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ)***

ଏମ୍‌ଏନ୍‌ଆର୍‌ଇ, ଭାରତ ସରକାର ଏବଂ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣର ଆକଳନ ଅନୁଯାୟୀ, ରାଜ୍ୟର ଅକ୍ଷୟ ଶକ୍ତି କ୍ଷମତା 27,727 ମେଗାୱାଟ୍ । ଏନ୍‌ଏପିସିସି ସହିତ ସୁସଙ୍ଗତ ହୋଇ, ଓଡ଼ିଶା ସରକାର 2010 ରେ ଜଳବାୟୁ ପରିବର୍ତ୍ତନ ପାଇଁ ରାଜ୍ୟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଥିଲେ ଏବଂ ନଭେମ୍ବର 2016 ରେ ରାଜ୍ୟର ଅକ୍ଷୟ ଶକ୍ତି ନୀତି ପ୍ରସ୍ତୁତ କରିଥିଲେ । ଅକ୍ଷୟ ଶକ୍ତି ନୀତିରେ, ବର୍ଷ 2022 ସୁଦ୍ଧା, 2,750 ମେଗାୱାଟ୍ ଅକ୍ଷୟ ଶକ୍ତି କ୍ଷମତା ସୃଷ୍ଟି କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏଥିରୁ 2018 ର ଶେଷରେ

---


33 କ୍ରମବର୍ଦ୍ଧିଷ୍ଣୁ ଅବକ୍ଷୟ ଓ ଉନ୍ନୟନ ଉପରେ ଏହାର ପ୍ରଭାବର ମୁକାବିଲା କରିବାକୁ ଜଳବାୟୁ ପରିବର୍ତ୍ତନରେ ଭାରତର ପ୍ରଥମ ପଦକ୍ଷେପ 2008 ରେ ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିଲା ।

34 ସୌର-3743.97 ମେଗାୱାଟ, ବାୟୁ-23444 ମେଗାୱାଟ, ଜୈବ ଶକ୍ତି -4533.63 ମେଗାୱାଟ, ଏସଏଚଇପି -4055.36 ମେଗାୱାଟ

ରାଜ୍ୟର ଅକ୍ଷୟ ଶକ୍ତି କ୍ଷମତା 195 ମେଗାୱାଟରେ ପହଞ୍ଚିଥିଲା, ଯାହା ଲକ୍ଷ୍ୟର 7.09 ପ୍ରତିଶତ ଥିଲା । ରାଜ୍ୟରେ ଅକ୍ଷୟ ଶକ୍ତି ଏବଂ ଅଣ ଅକ୍ଷୟ ଶକ୍ତି ଉତ୍ସରୁ ଅକ୍ଷୟ ଶକ୍ତି କ୍ଷମତା (195 ମେଗାୱାଟ୍), ମୋଟ ଶକ୍ତି (7,338 ମେଗାୱାଟ) ଉତ୍ପାଦନ କ୍ଷମତାର 2.66 ପ୍ରତିଶତ ଥିଲା ।

ରାଜ୍ୟରେ, ଅଣ-ପାରମ୍ପରିକ/ ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକର ବିକାଶ, ପ୍ରୋତ୍ସାହନ, ବ୍ୟବହାର, ବିସ୍ତାର ଏବଂ ଲୋକପ୍ରିୟ କରିବା ପାଇଁ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି (ଓଆରଇଡିଏ) ହେଉଛି ରାଜ୍ୟ ନୋଡାଲ ଏଜେନ୍ସି । ଓଡ଼ିଶା ଅକ୍ଷୟ ଶକ୍ତି ନୀତି 2016 ଅନୁଯାୟୀ, (i) ସବୁଜ ଶକ୍ତି ବିକାଶ ନିଗମ ଲିମିଟେଡ୍ (ଜିଇଡିସିଓଏଲ୍)କୁ 1 ମେଗାୱାଟ ଏବଂ ତଦୁର୍ଦ୍ଧ୍ୱର ସମସ୍ତ ଅଣ-ଗ୍ରୀଡ୍ ସୋଲାର ଏବଂ ହାଇବ୍ରିଡ୍ [35] ଶକ୍ତି ପ୍ରକଳ୍ପର ବିକାଶ ପାଇଁ ନୋଡାଲ ଏଜେନ୍ସି ଭାବରେ ନିଯୁକ୍ତ କରାଯାଇଥିଲା, (ii) ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି), ବୈଦ୍ୟୁତିକ, କ୍ଷୁଦ୍ର ଜଳ ବିଦ୍ୟୁତ୍ ଶକ୍ତି ପ୍ରକଳ୍ପଗୁଡ଼ିକର ପ୍ରାଧିକାରୀ ଭାବରେ (ଏସଏଚଇପି)[36] ମନୋନୀତ ହୋଇଥିଲେ ଏବଂ (iii) ଓଆରଇଡିଏ ଅନ୍ୟ ଅକ୍ଷୟ ଶକ୍ତି ପ୍ରକଳ୍ପ[37]ଗୁଡ଼ିକର ବିକାଶ ପାଇଁ ଦାୟୀ ଥିଲା । ରାଜ୍ୟରେ ଅକ୍ଷୟ ଶକ୍ତି କ୍ଷମତା ସୃଷ୍ଟି ପାଇଁ ସଂପୃକ୍ତ ସଂସ୍ଥାଗୁଡ଼ିକର କାର୍ଯ୍ୟଗୁଡ଼ିକ **ଚାର୍ଟ 2.2.2** ରେ ଚିତ୍ରିତ ହୋଇଛି ।

*ଚାର୍ଟ 2.2.2: ବିଭିନ୍ନ ସଂସ୍ଥା ଦ୍ୱାରା ରାଜ୍ୟରେ ଆରଇ ପ୍ରକଳ୍ପର କାର୍ଯ୍ୟକାରିତା*




ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଦକ୍ଷତା ପରୀକ୍ଷା କରିବା ଉଦ୍ଦେଶ୍ୟରେ 2013 ରୁ 2018 ପର୍ଯ୍ୟନ୍ତ ସମୟକୁ ଅନ୍ତର୍ଭୁକ୍ତ କରି ଅପ୍ରେଲ ରୁ ଅଗଷ୍ଟ 2018 ମଧ୍ୟରେ ଅଡିଟ୍ କରାଯାଇଥିଲା । ଅଡିଟ୍ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ (ଏସ୍ଆଣ୍ଡଟି), ଶକ୍ତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ରାଜ୍ୟରେ ଅକ୍ଷୟ ଶକ୍ତି ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ହିସାବରେ ଜଡ଼ିତ ନଅଟି ଏଜେନ୍ସି[38]ର ରେକର୍ଡ ଯାଞ୍ଚ କରିଥିଲା । ସମୀକ୍ଷା ପ୍ରାଧିକୃତ

[35] ବିଭିନ୍ନ ଅକ୍ଷୟ ଶକ୍ତି ଉତ୍ସର ସଂଗଠିତ ପ୍ରକଳ୍ପ


[36] 25 ମେଗାୱାଟ କ୍ଷମତା ଉତ୍ପାଦନ ବିଶିଷ୍ଟ ଏକ ଜଳ ପ୍ରକଳ୍ପ

[37] ସୌର, ଜୈବ ପିଣ୍ଡ, ଶକ୍ତି ଅପଚୟ ଏବଂ ବାୟୁ

[38] ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓଆରଇଡିଏ), ସବୁଜ ଶକ୍ତି ବିକାଶ ନିଗମ(ଜିଇଡିସିଓଏଲ୍), ସର୍ବୋଚ୍ଚ ଯନ୍ତ୍ରୀ, ଓଡ଼ିଶା ବିଦ୍ୟୁତ୍ ବିଭାଗ, ଗ୍ରୀଡ୍ କର୍ପୋରେସନ ଅଫ୍ ଓଡ଼ିଶା ଲିମିଟେଡ୍ (ଗ୍ରୀଡ୍କୋ), ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍ସି), ରାଜ୍ୟ ଲୋଡ୍ ଅପସାରଣ କେନ୍ଦ୍ର, ଭୁବନେଶ୍ୱର ମହାନଗର ନିଗମ, ଓଡ଼ିଶା, ଓଡ଼ିଶା ଉଠା ଜଳସେଚନ ନିଗମ(ଓଏଲ୍ଆଇସି) ଏବଂ କୃଷି ଓ କୃଷକ ସଶକ୍ତିକରଣ ନିର୍ଦ୍ଦେଶକ(ଡିଏ ଆଣ୍ଡଏଫ୍ଇ) ।

ଅଧିକାରୀଙ୍କ ଉପସ୍ଥିତିରେ ସମ୍ପଳର ମିଳିତ ସରଜମିନ ତଦନ୍ତ (ଜେପିଆଇ) କରିଥିଲେ । ଓଆର୍ଇଡିଏ ର ସାଂଗଠନିକ କ୍ରମକୁ ଚିତ୍ରଣ କରୁଥିବା ଏକ ଅର୍ଗାନୋଗ୍ରାମ ନିମ୍ନରେ ***ଚାର୍ଟ 2.2.3*** ରେ ଦର୍ଶାଗଲା:

***ଚାର୍ଟ 2.2.3: ଓଆର୍ଇଡିଏ ଦ୍ୱାରା ରାଜ୍ୟରେ ଅକ୍ଷୟ ଶକ୍ତି ପ୍ରକଳ୍ପର କାର୍ଯ୍ୟକାରିତା***




## 2.2.2 ଅକ୍ଷୟ ଶକ୍ତି ପ୍ରକଳ୍ପର ବିକାଶ

ଅକ୍ଷୟ ଶକ୍ତି ନୀତି, 31 ମାର୍ଚ୍ଚ 2022 ପର୍ଯ୍ୟନ୍ତ କିମ୍ବା ଏକ ନୂତନ ନୀତି ଘୋଷଣା ନହେବା ପର୍ଯ୍ୟନ୍ତ ରହିବ । 2022 ସୁଦ୍ଧା ରାଜ୍ୟରେ ଅକ୍ଷୟ ଶକ୍ତି କ୍ଷମତାର ଅନ୍ତର୍ଭୁକ୍ତ କରିବା (2,750 ମେଗାୱାଟ୍) ପାଇଁ ନିମ୍ନଲିଖିତ (***ସାରଣୀ 2.2.1***) ଲକ୍ଷ୍ୟ ହାସଲ କରିବାକୁ ସରକାର ଯୋଜନା କରିଥିଲେ ।

***ସାରଣୀ 2.2.1: ରାଜ୍ୟରେ ଅକ୍ଷୟ ଶକ୍ତି କ୍ଷମତାର ଅନ୍ତର୍ଭୁକ୍ତ ପ୍ରତିଶତ (ମେଗାୱାଟରେ)***

| କ୍ର. ସଂ. | ଅକ୍ଷୟ ଶକ୍ତି ଉତ୍ସ | ଜାତୀୟ ସମ୍ଭାବନା | ରାଜ୍ୟ ସମ୍ଭାବନା | ରାଜ୍ୟରେ 2022 ସୁଦ୍ଧା ବୃଦ୍ଧି ପାଇଁ ଲକ୍ଷ୍ୟ | ମାର୍ଚ୍ଚ 2018 ସୁଦ୍ଧା କ୍ଷମତା | 2016 ରୁ ମାର୍ଚ୍ଚ 2018 ମଧ୍ୟରେ କ୍ଷମତା ଯୋଗ | ଶତକଡ଼ା (ଲକ୍ଷ୍ୟ ସହିତ କ୍ଷମତା ଯୋଗ) |
|---|---|---|---|---|---|---|---|
| 1 | ସୌର ଶକ୍ତି | 748990 | 25780 | 2200 | 71.75 | 23.75 | 1.07 |
| 2 | ପବନ | 102772 | 1384 | 200 | 0 | 0 | 0 |
| 3 | ଏସଏଚଇପି | 19749 | 295 | 150 | 58.15 | 0 | 0 |
| 4 | ବାୟୋମାସ୍ | 17536 | 246 | 180 | 50.40 | 0 | 0 |
| 5 | ଡବ୍ଲୁଟିଇ | 2554 | 22 | 20 | 0 | 0 | 0 |
| **ମୋଟ** | | **891601** | **27727** | **2750** | **180.30**[39] | **23.75** | **0.86** |

***(ଉତ୍ସ: ଏମ୍ଏନ୍ଆର୍ଇ, ରାଜ୍ୟ ଆର୍ଇ ନୀତି, ଓଆରଇଡିଏ, ଜିଇଡିସିଓଏଲ୍ ଏବଂ ଇଆଇସି)***

[39] ମାର୍ଚ୍ଚ 2016 ସୁଦ୍ଧା ବିଦ୍ୟମାନ କ୍ଷମତା ଥିଲା 156.55 ମେଗାୱାଟ

2016 ରୁ 2018 ମଧ୍ୟରେ, ରାଜ୍ୟ କେବଳ 23.75 ମେଗାୱାଟ୍ (0.86 ପ୍ରତିଶତ) କ୍ଷମତା ବୃଦ୍ଧି କରିପାରିଥିଲା ଏବଂ ମାର୍ଚ୍ଚ 2018 ସୁଦ୍ଧା ମୋଟ ଅକ୍ଷୟ ଶକ୍ତି ସ୍ଥାପିତ କ୍ଷମତା 180.30 ମେଗାୱାଟ୍ (6.56 ପ୍ରତିଶତ) ଥିଲା । ସୌରଶକ୍ତି ବ୍ୟବହାର ଦୃଷ୍ଟିରୁ 29 ଟି ରାଜ୍ୟ ମଧ୍ୟରେ ଓଡ଼ିଶା 17 ତମ ସ୍ଥାନ[40] ଅଧିକାର କରିଥିଲା । ପବନ, କ୍ଷୁଦ୍ର ହାଇଡେଲ୍, ବାୟୋମାସ ଏବଂ ବର୍ଜ୍ୟ ଉତ୍ସରୁ ଶକ୍ତି ସମ୍ବନ୍ଧରେ କୌଣସି କ୍ଷମତା ବୃଦ୍ଧି କରାଯାଇପାରି ନଥିଲା ।

ଏହା ଦେଖାଯାଇଥିଲା ଯେ ଓଡ଼ିଶା ସରକାର ଯଦିଓ ଜାନୁଆରୀ 2017ରେ ଓଡ଼ିଶା ଅକ୍ଷୟ ଶକ୍ତି ସଶକ୍ତିକରଣ କମିଟି ଗଠନ କରିଥିଲେ, ଅକ୍ଷୟ ଶକ୍ତି ନୀତିର କାର୍ଯ୍ୟକାରିତା ସମୀକ୍ଷା କରିବା ପାଇଁ କମିଟି ଥରେ ବି ବୈଠକ କରିନଥିଲେ । କାର୍ଯ୍ୟକାରୀ ସଂସ୍ଥା ଯଥା, ଜିଇଡିସିଓଏଲ୍, ଓଆରଇଡିଏ ଏବଂ ସର୍ବୋଚ୍ଚ ଯନ୍ତ୍ରୀ ମଧ୍ୟ ରାଜ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ନିଜସ୍ୱ ଲକ୍ଷ୍ୟ ଧାର୍ଯ୍ୟ କରିନଥିଲେ ।

ସରକାର ଦର୍ଶାଇଥିଲେ (ଡିସେମ୍ବର 2018) ଯେ ଅଗଷ୍ଟ 2018 ସୁଦ୍ଧା ରାଜ୍ୟ ସୌର ଶକ୍ତି କ୍ଷମତାରେ 121.25 ମେଗାୱାଟ୍ ବୃଦ୍ଧି କରିଛି ଏବଂ 2022 ସୁଦ୍ଧା ଲକ୍ଷ୍ୟ ହାସଲ କରିବା ପାଇଁ 1,220 ମେଗାୱାଟ ପ୍ରକଳ୍ପ ପ୍ରସ୍ତୁତିରେ ଅଛି । ତଥାପି, ଏହି ସଫଳତା ଲକ୍ଷ୍ୟର କେବଳ 0.86 ପ୍ରତିଶତ ଥିଲା, ଯାହାକି ଦୁଇ ବର୍ଷର ନୀତି ଅବଧି ଶେଷରେ ଲକ୍ଷ୍ୟ କାର୍ଯ୍ୟକାରିତାରେ ମନ୍ଥର ଗତିକୁ ସୂଚାଉଥିଲା । ଆହୁରି ମଧ୍ୟ ପରବର୍ତ୍ତୀ ବୃଦ୍ଧି ହିସାବ ହେବା ପରେ ମଧ୍ୟ 1228.45 (2750 – 1521.55) ମେଗାୱାଟ[41] କମ୍ ଥିଲା ।

ବିଭିନ୍ନ ଅକ୍ଷୟ ଶକ୍ତି ଉତ୍ସ ଅଧୀନରେ ପ୍ରକଳ୍ପର ବିକାଶ ପାଇଁ କରାଯାଇଥିବା ପ୍ରୟାସକୁ ସମୀକ୍ଷା ବିଶ୍ଳେଷଣ କଲାପରେ ନିମ୍ନ ମନ୍ତବ୍ୟ ପ୍ରଦାନ କରିଥିଲା:

### 2.2.3 ସୌର ଶକ୍ତି


ଓଡ଼ିଶା ଅକ୍ଷୟ ଶକ୍ତି ନୀତି, 2016 କେନ୍ଦ୍ରୀୟ 'ଅନ ଗ୍ରୀଡ' (ଗ୍ରୀଡ୍ ସଂଯୁକ୍ତ) ଏବଂ ବିକେନ୍ଦ୍ରୀକରଣ 'ଅଫ୍-ଗ୍ରୀଡ୍' ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡ଼ିକ ପାଇଁ ନୀତି ପ୍ରସ୍ତୁତ କରିଥିଲା । ଅନ୍-ଗ୍ରୀଡ୍ ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡ଼ିକ ୟୁଟିଲିଟି ଗ୍ରୀଡ୍ ସହିତ ସଂଯୁକ୍ତ ଏବଂ ଆବଶ୍ୟକ ଭାରରୁ ଅଧିକ ଉତ୍ପାଦିତ ଶକ୍ତି ବିଦ୍ୟୁତ୍ ଗ୍ରୀଡକୁ ଦିଆଯାଏ । ବୃହତ୍ ସୌର ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର / ଘର ଛାତ ଉପର ସୌର ବିଦ୍ୟୁତ୍ ଉତ୍ପାଦନ ଅନ-ଗ୍ରୀଡ୍ ସୀଷ୍ଟମର ଉଦାହରଣ । ଅନ୍ୟ ପଟେ, ଘରୋଇ ବ୍ୟବହାର ପାଇଁ ସ୍ୱତନ୍ତ୍ର ବିଦ୍ୟୁତ୍ ବ୍ୟବସ୍ଥା ଭାବରେ ବ୍ୟବହୃତ ସ୍ୱାଧୀନ ସୌର ଶକ୍ତି ବ୍ୟାକ୍ଅପ୍ ସୀଷ୍ଟମ୍ ଅଫ୍ ଗ୍ରୀଡ୍ ଅଟେ । ଅକ୍ଷୟ ଶକ୍ତି ଉତ୍ସ ପାଇଁ ଉତ୍ପାଦିତ ବିଦ୍ୟୁତ୍ ସଂରକ୍ଷଣ ପାଇଁ ବ୍ୟାଟେରୀ ବ୍ୟବହୃତ ହୁଏ । ମାତ୍ର ସୀଷ୍ଟମ ୟୁଟିଲିଟି ଗ୍ରୀଡ୍ ସହିତ ସଂଯୁକ୍ତ ନଥିବାରୁ ଦିନ ସମୟରେ ଆବଶ୍ୟକତା ଠାରୁ ଅଧିକ ଉତ୍ପାଦିତ ବିଦ୍ୟୁତ୍ ଶକ୍ତିର ବ୍ୟବହାର ହୋଇପାରି ନଥିଲା । । ସୌର ଇନଭର୍ଟର, ସୌର ଲଣ୍ଠନ, ସୌର ଷ୍ଟ୍ରୀଟ୍ ଲାଇଟ୍ ଇତ୍ୟାଦି ଅଫ୍ ଗ୍ରୀଡ୍ ସୀଷ୍ଟମ (**ଚାର୍ଟ 2.2.4**) ।

40 ଉତ୍ସ: 2017-18 ବର୍ଷ ପାଇଁ ଏମ୍ଏନ୍ଆର୍ଇ ର ବାର୍ଷିକ ରିପୋର୍ଟ

41 180.30 ମେଗାୱାଟ (ମାର୍ଚ୍ଚ 2018 ପର୍ଯ୍ୟନ୍ତ) + 121.25 ମେଗାୱାଟ (ବିଭାଗର ଉତ୍ତର + 1220 ମେଗାୱାଟ (ପ୍ରସ୍ତାବିତ) = 1521.55 ମେଗାୱାଟ

*ଚାର୍ଟ 2.2.4: ସୌର ଗ୍ରୀଡ୍ ସୀଷ୍ଟମ*

| ଅନ୍ ଗ୍ରୀଡ୍ ସୀଷ୍ଟମ | ଅଫ୍ ଗ୍ରୀଡ୍ ସୀଷ୍ଟମ |
| --- | --- |




## 2.2.4 ଅକ୍ଷୟ ଶକ୍ତି କ୍ରୟରେ ଗ୍ରୀଡ୍‌କୋର ନୈତିକ ଦାୟିତ୍ୱ

ରାଜ୍ୟର ଅକ୍ଷୟ ଶକ୍ତୀ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ଓଇଆର୍‌ସି (ଅକ୍ଷୟ ଶକ୍ତି ଏବଂ ସହ-ଉତ୍ପାଦନ କ୍ରୟ ବାଧତାମୂଳକତା ଏବଂ ଏହାର ଅନୁପାଳନ) ନିୟମାବଳୀ 2010 ଜାରି କରିଥିଲେ । ବିଦ୍ୟୁତର ବୃହତ ଉପଭୋକ୍ତାମାନେ[42] 2010-16 ମଧ୍ୟରେ ଅକ୍ଷୟ ଶକ୍ତି ଉତ୍ସରୁ ଅର୍ଥାତ୍ ଅକ୍ଷୟ ଶକ୍ତି କ୍ରୟ ବାଧତାମୂଳକ (ଆର୍‌ପିଓ) ମାଧ୍ୟମରେ ବାର୍ଷିକ ଶକ୍ତି ବ୍ୟବହାରର ଏକ ରୁ 2.3 ପ୍ରତିଶତ[43] କ୍ରୟ କରିବାକୁ ବାଧ୍ୟ ଥିଲେ । ଓଇଆର୍‌ସି ପୁନର୍ବାର ଏହାର ନିୟମାବଳୀ 2015[44] ମାଧ୍ୟମରେ 2015-16 ରୁ 2019-20 ପର୍ଯ୍ୟନ୍ତ ଆର୍‌ପିଓ ପ୍ରତିଶତକୁ ସୂଚିତ କରିଥିଲା । ମାର୍ଚ୍ଚ 2018 ସୁଦ୍ଧା ଓଡ଼ିଶାରେ ଗ୍ରୀଡ୍‌କୋ ଏକମାତ୍ର କ୍ରୟକାରୀ ଏବଂ ବିଦ୍ୟୁତ୍ ବିତରଣକାରୀ ସଂସ୍ଥା ଥିଲା । ଓଇଆର୍‌ସି, ଓଆର୍‌ଇଡିଏ କୁ ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡ଼ିକର ସ୍ୱୀକୃତି ଏବଂ ସୁପାରିଶ କରିବା ସହିତ ଆରପିଓର ଅନୁପାଳନ ନିଶ୍ଚିତ କରିବା ପ୍ରୋଟୋକଲ ବିକାଶ ପାଇଁ ରାଜ୍ୟ ଏଜେନ୍ସି ଭାବରେ ନିଯୁକ୍ତ କରିଥିଲା (ଅଗଷ୍ଟ 2015) । ଏହା ଅନୁଯାୟୀ, ରାଜ୍ୟ ସରକାର ମଧ୍ୟ 2022 ସୁଦ୍ଧା ଅକ୍ଷୟ ଶକ୍ତି ଉତ୍ସରୁ ଶକ୍ତି ଉତ୍ପାଦନ ପାଇଁ 2750 ମେଗାୱାଟ୍ କ୍ଷମତା ଯୋଡ଼ିବାକୁ ଲକ୍ଷ୍ୟ ରଖିଥିବା ଓଡ଼ଶା ଅକ୍ଷୟ ଶକ୍ତି ନୀତି 2016 ପ୍ରସ୍ତୁତ କରିଥିଲେ । 2013-14 ରୁ 2017-18 ମଧ୍ୟରେ ଦକ୍ଷତା ବୃଦ୍ଧି ମାତ୍ର 83.75 ମେଗାୱାଟ୍[45] ଥିଲା ।

ଏହା ଦେଖାଗଲା ଯେ ଓଆର୍‌ଇଡିଏ ନଭେମ୍ବର 2017 ରେ ଓଇଆର୍‌ସି ରେ ପ୍ରୋଟୋକଲ[46] ଦାଖଲ କରି ଆର୍‌ପିଓ ର କାର୍ଯ୍ୟକାରିତା ବିଷୟରେ ବର୍ଣ୍ଣନା କରିଥଲେ । ଜୁଲାଇ 2018 ପର୍ଯ୍ୟନ୍ତ ପ୍ରୋଟୋକଲ୍ ଓଇଆର୍‌ସି ଅନୁମୋଦନ ପାଇଁ ବିଚାରାଧୀନ ଥିଲା । ଏହିପରି, ଓଆର୍‌ଇଡ୍‌ଏ, ଆର୍‌ପିଓ କାର୍ଯ୍ୟକାରୀ କରିବା ପାଇଁ ବାଧତାମୂଳକ ସଂସ୍ଥାଗୁଡ଼ିକ ଚିହ୍ନଟ କରିନଥିଲେ । ଏପରିକି, ଗ୍ରୀଡ୍‌କୋ (ରାଜ୍ୟରେ ଏକମାତ୍ର ବିଦ୍ୟୁତ୍ କ୍ରୟକାରୀ) ମଧ୍ୟ ଆରପିଓ ପାଳନ କରିବାରେ ବିଫଳ ହୋଇଥିଲେ ।

---

[42] 2010-2016 ମଧ୍ୟରେ 5 ମେଗାୱାଟ୍ ଏବଂ ତଦୁର୍ଦ୍ଧ୍ୱ ବ୍ୟବହାର; ପ୍ରଚଳିତ ଉତ୍ସରୁ 2016-2020 ମଧ୍ୟରେ 1 ମେଗାୱାଟ୍ ଏବଂ ତଦୁର୍ଦ୍ଧ୍ୱ

[43] 2010-11: 1.00, 2011-12: 1.3, 2012-13: 1.55, 2013-14: 1.80 2014-15 : 2.05 ଏବଂ 2015-16 (ଜୁଲାଇ 2015 ପର୍ଯ୍ୟନ୍ତ) : 2.3 ପ୍ରତିଶତ

[44] 2015-16: 3, 2016-17: 4.5, 2017-18: 7.5, 2018-19: 9.5 ଏବଂ 2019-20: 11 ପ୍ରତିଶତ

[45] ଦକ୍ଷତା ବୃଦ୍ଧି - 2013-14 ରେ: 27.5 ମେଗାୱାଟ୍, 2014-15 ରେ:7.5 ମେଗାୱାଟ୍, 2015-16 ରେ:25 ମେଗାୱାଟ୍, 2016-17 ରେ:20.05 ମେଗାୱାଟ୍ ଏବଂ 2017-18 ରେ:3.7 ମେଗାୱାଟ୍.

[46] ବିଭିନ୍ନ ଉତ୍ସ ଯଥା ଅକ୍ଷୟ ଶକ୍ତି ଉତ୍ପାଦନ କମ୍ପାନି, ଅନୁଗ୍ରହୀ ସଭା, ରାଜ୍ୟ ଭାର ଅପସାରଣ କେନ୍ଦ୍ର ଆଦି ଠାରୁ ନିୟମିତ ଭାବରେ ସୂଚନା ସଂଗ୍ରହ ପଦ୍ଧତି ଏବଂ ଅନୁଗ୍ରହୀ ସଭା ଦ୍ୱାରା ଧାର୍ଯ୍ୟ ଆରପିଓ ଅନୁପାଳନର ସଂରଚନା କରିବାକୁ ଏହି ସୂଚନାକୁ ସଂକଳିତ କରିବା ।

### 2.2.4.1 ସୌର ଆରପିଓ ଅନୁପାଳନ

ଓଡ଼ିଶା ଅକ୍ଷୟ ଶକ୍ତି ନୀତି 2016 ଅନୁଯାୟୀ, 2022 ସୁଦ୍ଧା ସୌର ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି ଲକ୍ଷ୍ୟ 2200 ମେଗାୱାଟ୍‌ରେ ଥିଲା । ଆର୍‌ପିଓ ର ଆବଶ୍ୟକତା 2013-14 ରେ 0.20 ପ୍ରତିଶତରୁ 2017-18 ରେ ତିନି ପ୍ରତିଶତ ଥିଲା । ବିଦ୍ୟୁତର ବାର୍ଷିକ ବ୍ୟବହାର ଆଧାରରେ ଗ୍ରୀଡ୍‌କୋ ଦ୍ୱାରା ସୌର ଉତ୍ସରୁ ଶକ୍ତି ବାଧ୍ୟତାମୂଳକ କ୍ରୟ କରିବାର ଅନୁପାଳନ ନିମ୍ନରେ ଦିଆଗଲା:

*ସାରଣୀ2.2.2: ଗ୍ରୀଡ୍‌କୋ ଦ୍ୱାରା ସୌର ବାଧ୍ୟତାମୂଳକ ଏବଂ ସୌର ଏବଂ ଅଣ-ସୌର ଶକ୍ତିର ଅନୁପାଳନ*

| ବର୍ଷ | ବାଧ୍ୟତାମୂଳକ ସୌର (ବ୍ୟବହାରର ପ୍ରତିଶତ) | ବାଧ୍ୟତାମୂଳକ ସୌର (ଏମ୍‌ୟୁ) | ସମନ୍ୱିତ ସ୍ଥାପିତ କ୍ଷମତା (ଏମ୍‌ଡବ୍ଲୁ) | ଅନୁପାଳନ ସୌର (ଏମ୍‌ୟୁ) | ଅନୁପାଳନ ସୌରର ପ୍ରତିଶତ |
|---|---|---|---|---|---|
| 2013-14 | 0.20 | 42.02 | 124.05 | 37.09 | 88 |
| 2014-15 | 0.25 | 58.89 | 131.55 | 59.78 | 102 |
| 2015-16 | 0.50 | 98.95 | 156.55 | 159.05 | 161 |
| 2016-17 | 1.50 | 353.10 | 176.60 | 231.80 | 66 |
| 2017-18 | 3.00 | 738.06 | 180.30 | 226.52 | 31 |

*(ଉତ୍ସ: ଓଆର୍‌ଇଡିଏ/ ଗ୍ରୀଡ୍‌କୋ/ ଜିଇଡିସିଓଏଲ୍ ର ତଥ୍ୟ)*

2014-15 ଏବଂ 2015-16 ବର୍ଷରେ ଏହି ଅନୁପାଳନ ସନ୍ତୋଷଜନକ ଥିଲା । ଯଦିଓ 2016-17 ଏବଂ 2017-18 ରେ ଆର୍‌ପିଓ ଯଥାକ୍ରମେ 353.10 ଏମ୍‌ୟୁ ଏବଂ 738.06 ଏମ୍‌ୟୁ କୁ ବୃଦ୍ଧି ପାଇଥିଲା, 2016-17 ଏବଂ 2017-18 ରେ ଏହା ଯଥାକ୍ରମେ 66 ଏବଂ 31 ପ୍ରତିଶତକୁ ହ୍ରାସ ପାଇଥିଲା । ସ୍ଥାପନ କ୍ଷମତା ଆର୍‌ପିଓ ପ୍ରତିଶତ ସହିତ ସମତାଳ ଦେଇ ବୃଦ୍ଧି ପାଇ ନଥିଲା ।

### 2.2.5 "ଅନ୍ ଗ୍ରୀଡ୍" ସୌର ପ୍ରକଳ୍ପ

ବର୍ଷ 2010 ରେ ଭାରତ ସରକାର ଜବାହାରଲାଲ ନେହେରୁ ଜାତୀୟ ସୌର ମିଶନ (ଜେଏନ୍‌ଏନ୍‌ଏସ୍‌ଏମ୍) ଆରମ୍ଭ କରିଥିଲେ । ଏହି ମିଶନ ଅଧୀନରେ ସୋଲାର ପାର୍କର ବିକାଶ ପାଇଁ ବିଭିନ୍ନ ଯୋଜନା, ଗ୍ରୀଡ ସଂଯୁକ୍ତ[47] ସୌର ଫଟୋ ଭୋଲ୍ଟିକ୍ (ଏସପିଭି) ପ୍ରକଳ୍ପ, ଘର ଛାତ ଉପରେ ସୌର ଫଟୋ ଭୋଲ୍ଟିକ୍ ପ୍ରକଳ୍ପ ଏବଂ ଅଫ୍-ଗ୍ରୀଡ୍ ସୌର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । 2022 ସୁଦ୍ଧା 100 ଗିଗାୱାଟ୍ ସୌର ଶକ୍ତି ଉତ୍ପାଦନ କରିବାର ଲକ୍ଷ୍ୟ ନେଇ ଭାରତ ସରକାରଙ୍କ ଉତ୍ପାଦନ ଯୋଜନା ପ୍ରୋତ୍ସାହନ[48] (2010-13), କ୍ୟାପିଟାଲ୍ ସବ୍‌ସିଡି[49] ଏବଂ ଋଣ ଆଧାରରେ ଭାରତ ସରକାର କେନ୍ଦ୍ରୀୟ ସହାୟତା ପ୍ରଦାନ କରିଥିଲେ । 2022 ସୁଦ୍ଧା ରାଜ୍ୟରେ 2200 ମେଗାୱାଟ୍ ସୌର ଶକ୍ତି କ୍ଷମତା ଯୋଗାଇବା ପାଇଁ ଓଡ଼ିଶା ସରକାର ଏକ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ସମୀକ୍ଷାରୁ ଜଣାପଡ଼ିଲା ଯେ ଓଡ଼ିଶା ସରକାର କୌଣସି ପ୍ରକଳ୍ପକୁ ସଫଳ ଭାବରେ କିମ୍ବା ଠିକ୍ ସମୟରେ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲେ, ଯାହାର ସବିଶେଷ ବିବରଣୀ ନିମ୍ନରେ ଦିଆଗଲା :

### *2.2.5.1 ସୌର ପାର୍କର ପ୍ରତିଷ୍ଠା ନହେବା*

ସମ୍ଭାବ୍ୟ ବିକାଶକାରୀଙ୍କ ଦ୍ୱାରା 500 ମେଗାୱାଟ୍ କ୍ଷମତା ବିଶିଷ୍ଟ ସୌର ଶକ୍ତି ଉତ୍ପାଦନ ପ୍ରକଳ୍ପର ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମି ସହିତ ଏକ ଘନୀଭୂତ ଜୋନ୍ ସୃଷ୍ଟି ପାଇଁ, ଜେଏନ୍‌ଏନ୍‌ଏସ୍‌ଏମ୍, ଏମ୍‌ଏନ୍‌ଆର୍‌ଇ, ଭାରତ

---

[47] ଉପଯୋଗ ଗ୍ରୀଡ୍‌କୁ ସଂଯୋଗ କରୁଥିବା ବିଦ୍ୟୁତ୍ ଉତ୍ପାଦନକାରୀ ଏସ୍‌ପିଭି ଶକ୍ତି ପଦ୍ଧତି

[48] ସିଇଆର୍‌ସି ଦ୍ୱାରା ଧାର୍ଯ୍ୟ ଶୁଳ୍କ ଓ ମୂଳରେ 5.50 ଟଙ୍କା ମଧ୍ୟରେ ଥିବା ପାର୍ଥକ୍ୟ ସହିତ ଜିବିଆଇ ସମାନ ହେବ । କାର୍ଯ୍ୟ ଆରମ୍ଭ ହେବା ଦିନ ଠାରୁ 25 ବର୍ଷ ପାଇଁ ଜିବିଆଇ ଦେୟ ପ୍ରଦାନ କରାଯିବ

[49] ମୂଳଧନ ରାଶିର ଏକ ଧାର୍ଯ୍ୟ ପ୍ରତିଶତ(ଯେଥା 30 *ପ୍ରତିଶତ*)

ସରକାର ସୌର ପାର୍କ ଏବଂ ଅଲଟ୍ରା ମେଗା ସୌର ଶକ୍ତି ପ୍ରକଳ୍ପର ବିକାଶ (ୟୁଏମ୍ଏସ୍ପିପି) ର ଏକ ଯୋଜନା ପ୍ରବର୍ତ୍ତନ କରିଥିଲେ (ଡିସେମ୍ବର 2014) । ଏହି ଯୋଜନା ଅବଧି 2014-19 ପର୍ଯ୍ୟନ୍ତ ଥିଲା, ଯେଉଁଥିରେ ଏମ୍ଏନ୍ଆର୍ଇ, ଭାରତ ସରକାର ମେଗାୱାଟ୍ ପ୍ରତି 20 ଲକ୍ଷ ଟଙ୍କା କିମ୍ବା ପ୍ରକଳ୍ପ ମୂଲ୍ୟର 30 ପ୍ରତିଶତ ଆର୍ଥିକ ସହାୟତା ରାଶି ଯାହା କମ୍ ଥିବ ପ୍ରଦାନ କରିବେ । ଭାରତ ସରକାରଙ୍କ ଏମ୍ଏନ୍ଆର୍ଇ ର ପ୍ରଶାସନିକ ଅନୁମୋଦନ ତାରିଖ ଠାରୁ 18 ମାସ ମଧ୍ୟରେ ସୌର ପାର୍କ ନିର୍ମାଣ କାର୍ଯ୍ୟ ଶେଷ ହେବାର ଥିଲା ।

ଯେହେତୁ ଏକକାଳୀନ 2500 ଏକର[50] ଜମି ଅଧିଗ୍ରହଣ କରିବା କଷ୍ଟସାଧ ହେବ, ତେଣୁ, ଜିଇଡିସିଓଏଲ୍, ଏକାଧିକ ସ୍ଥାନରେ 20-100 ମେଗାୱାଟ୍ କ୍ଷମତା ବିଶିଷ୍ଟ ଛୋଟ ଛୋଟ ସୌର ପାର୍କର ବିକାଶ ପାଇଁ ଜୁଲାଇ 2015 ରେ ଏମ୍ଏନ୍ଆର୍ଇ, ଭାରତ ସରକାରଙ୍କୁ  ଅନୁରୋଧ କରିଥିଲେ । ଅକ୍ଟୋବର 2015 ରେ ଏମ୍ଏନ୍ଆର୍ଇ, ଭାରତ ସରକାର ବିଭିନ୍ନ ସୌର ପାର୍କରେ 1000 ମେଗାୱାଟର ବିକାଶ ପାଇଁ ଜିଇଡିସିଓଏଲ୍ର ଅନୁରୋଧକୁ ଅନୁମୋଦନ କରିଥିଲେ । ମାର୍ଚ୍ଚ 2016 ରେ ଜିଇଡିସିଓଏଲ, 1000 ମେଗାୱାଟ୍ର ସାତଟି[51] ସୌର ପାର୍କ ପାଇଁ ମିଳିତ ଡିପିଆର୍ ଦାଖଲ କରିଥିଲେ । ତଥାପି ଏମ୍ଏନ୍ଆର୍ଇ, ଭାରତ ସରକାର କେବଳ 650 ମେଗାୱାଟ୍ ପାଇଁ ଡିପିଆର୍ ଗ୍ରହଣ କରିଥିଲେ ଏବଂ ଜିଇଡିସିଓଏଲ୍କୁ ସଂପୂର୍ଣ୍ଣ ସଂଶୋଧିତ ଡିପିଆର୍ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ (ଅପ୍ରେଲ୍ 2016) । କିନ୍ତୁ ଭୂମି ଚିହ୍ନଟ କରିବାରେ ବିଳମ୍ବ ହେତୁ, ଜିଇଡିସିଓଏଲ୍ କେବଳ ଛଅଟି ସୌର[52] ପାର୍କ ପାଇଁ ଡିପିଆର୍ ଦାଖଲ କରିବାକୁ ସକ୍ଷମ ହୋଇଥିଲେ (ଅପ୍ରେଲ୍ 2018) ଯାହା ପ୍ରଥମ ପର୍ଯ୍ୟାୟରେ 153.18 କୋଟି ଟଙ୍କା ମୂଲ୍ୟର 275 ମେଗାୱାଟ୍ କ୍ଷମତା ବିଶିଷ୍ଟ ଥିଲା । ଜୁଲାଇ 2018 ରେ ଏହା ଜମି ମୂଲ୍ୟ ବାବଦକୁ ଓଡ଼ିଶା ଭିତ୍ତିଭୂମି ବିକଶ ନିଗମ[53] ନିକଟରେ 9.40 କୋଟି ଟଙ୍କା ଜମା କରିଥିଲା । ସେପ୍ଟେମ୍ବର 2018 ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ଆଉ କୌଣସି ଉନ୍ନତି ହୋଇନଥିଲା ।

ଏହା ଦେଖାଗଲା ଯେ ଯଦିଓ ଏମ୍ଏନ୍ଆର୍ଇ, ଭାରତ ସରକାର ଅକ୍ଟୋବର 2015 ରେ ସୌର ପାର୍କ ପ୍ରତିଷ୍ଠା ପାଇଁ ଅନୁମୋଦନ ପ୍ରଦାନ କରିଥିଲେ ଯାହା ଅନୁମୋଦନ ହେବାର 18 ମାସ ମଧ୍ୟରେ ସ୍ଥାପିତ ହେବାର ଥିଲା କିନ୍ତୁ ଜିଇଡିସିଓଏଲ୍ ସେପ୍ଟେମ୍ବର 2018 ସୁଦ୍ଧା 34 ମାସ ପରେ ମଧ ଭୂମି ଅଧିଗ୍ରହଣ କରିପାରି ନଥିଲେ । ପୁନଶ୍ଚ ସୌର ପ୍ରକଳ୍ପର କାର୍ଯ୍ୟକାରିତା ଅଗ୍ରଗତି ଉପରେ ନଜର ରଖିବା ପାଇଁ ସରକାର ଅକ୍ଷୟ ଶକ୍ତି ନୀତିରେ ଧାର୍ଯ୍ୟ କରାଯାଇଥିବା ଓଡ଼ିଶା ଅକ୍ଷୟ ଶକ୍ତି ସଶକ୍ତିକରଣ କମିଟି ଗଠନ କରିନଥିଲେ । ଫଳସ୍ୱରୁପ, ୟୁଏମ୍ଏସ୍ପିପି ଅଧୀନରେ କୌଣସି କ୍ଷମତା ଯୋଗ କରାଯାଇପାରି ନଥିଲା ।

ଡିସେମ୍ବର 2018 ରେ ସରକାର (ଶକ୍ତି ବିଭାଗ) ବିଳମ୍ବର ସତ୍ୟତାକୁ ଗ୍ରହଣ କଲେ ଏବଂ ଉପଯୁକ୍ତ ଜମି ଚିହ୍ନଟ କରିବାରେ ଅସୁବିଧାକୁ କାରଣ ବୋଲି ଦର୍ଶାଇଥିଲେ ।

### *2.2.5.2 ଗ୍ରୀଡ୍ ସଂଯୁକ୍ତ ସୌର ଫଟୋ ଭୋଲ୍ଟିକ୍ ପ୍ରୋଜେକ୍ଟଗୁଡ଼ିକ କାର୍ଯ୍ୟକାରୀ ନହେବା*

ଜେଏନ୍ଏନ୍ଏସ୍ଏମ୍ ଅଧୀନରେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଅକ୍ଷୟ ଶକ୍ତି ଭିତ୍ତିଭୂମି ସୃଷ୍ଟି କରିବା, ଅକ୍ଷୟ ଶକ୍ତି ରୁ ବିଦ୍ୟୁତ୍ ବିତରଣ କରିବା ତଥା ସରକାରୀ ଅଟ୍ଟାଳିକାର ଛାତ ଉପରେ ସୌର (ଆର୍ଟିଏସ୍) ପ୍ଲାଣ୍ଟର କାର୍ଯ୍ୟକ୍ରମକୁ ଅନୁପୂରଣ କରିବା । ମାର୍ଚ୍ଚ 2015[54] ରେ ଭାରତ ସରକାର "ଗ୍ରୀଡ୍ ସଂଯୁକ୍ତ ଅକ୍ଷୟ ଶକ୍ତି" ପାଇଁ ଓଡ଼ିଶା ସରକାରଙ୍କ ସପକ୍ଷରେ 38.10 କୋଟି ଟଙ୍କା ମଞ୍ଜୁର କରିଥିଲେ । ନଭେମ୍ବର 2015 ରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଏହି ରାଶିକୁ ଜିଇଡିସିଓଏଲ୍ ମାଧ୍ୟମରେ ସୌର ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ

---

[50] 1 ମେଗାୱାଟ୍ ପାଇଁ 5 ଏକର ଜମି ଆବଶ୍ୟକ

[51] ଭୋଗରାଇ: 400 ମେଗାୱାଟ୍, ବାହାନଗା: 250 ମେଗାୱାଟ୍ ଏବଂ କେନ୍ଦୁଝର, ଦେବଗଡ଼, ବୌଦ୍ଧ, କଳାହାଣ୍ଡି ଓ ଅନୁଗୁଳ: 350 ମେଗାୱାଟ୍

[52] କଦମପାଳ 24 ମେଗାୱାଟ୍, ଜୁଆଣି ଏବଂ ଘୁଲଗୁଲାପଦର:31 ମେଗାୱାଟ୍ (ବୌଦ୍ଧ ଜିଲ୍ଲା), ବେଲଡୁଙ୍ଗୁରୀ: 116 ମେଗାୱାଟ୍, ନିଳଡୁଙ୍ଗୁରୀ:57 ମେଗାୱାଟ୍ ଏବଂ କୁଟୁରାଜୋରି:47 ମେଗାୱାଟ୍ (ସମ୍ବଲପୁର ଜିଲ୍ଲା)

[53] ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି ଏବଂ ଶିଳ୍ପ / ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ଜମି ଯୋଗାଇବା ପାଇଁ ଦାୟୀ ଓଡ଼ିଶା ସରକାରଙ୍କ ଏକ ଅଣ୍ଡରଟେକିଂ

[54] 13 ତମ ଅର୍ଥ ଆୟୋଗ ଅଧୀନରେ

ବିନିଯୋଗ କରିବାକୁ ନିଷ୍ପତ୍ତି ନେଇଥିଲେ । ଓଡ଼ିଶା ପାୱାର ଟ୍ରାନ୍ସମିସନ୍ କର୍ପୋରେସନ (ଓପିଟିସିଏଲ୍) ଅଧିନରେ ଉପଲବ୍ଧ ସାତଟି ଗ୍ରୀଡ୍ ସବ୍ ଷ୍ଟେସନ୍ ଏବଂ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍ (ଓଏଚ୍‌ପିସି) ଅଧିନରେ ଉପଲବ୍ଧ ଜମି[55]ରେ 16.4 ମେଗାୱାଟ୍ ସୌର ବିଦ୍ୟୁତ୍ ଉତ୍ପାଦନ ପ୍ଲାଣ୍ଟ୍ ପାଇଁ ଜିଇଡିସିଓଏଲ୍ ର ପ୍ରସ୍ତାବକୁ ଓଡ଼ିଶା ସରକାର ଅନୁମୋଦନ କରିଥିଲେ । ଏହା ଦେଖାଗଲା ଯେ ମୋଟ 6.2 ମେଗାୱାଟ୍ ପାଇଁ ଓପିଟିସିଏଲ୍ ଏହାର ଭବିଷ୍ୟତର ସମ୍ପ୍ରସାରଣ ଆଧାରରେ କେବଳ ତିନିଟି ସ୍ଥାନ[56] ଏବଂ ଓଏଚ୍‌ପିସି କେବଳ ଗୋଟିଏ ସ୍ଥାନ ପାଇଁ ଅନୁମତି ପ୍ରଦାନ କରିଥିଲେ (ଅପ୍ରେଲ୍ 2018) ।

ଏହା ଲକ୍ଷ୍ୟ କରାଯାଇଥିଲା ଯେ ଜିଇଡିସିଓଏଲ୍ ସହମତ ହୋଇଥିବା ଚାରିଟି ସ୍ଥାନରେ ସୌର ବିଦ୍ୟୁତ୍ ପ୍ଲାଣ୍ଟ୍ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇ ନଥିଲା କିମ୍ବା ଅନ୍ୟ ଉପଯୁକ୍ତ ସ୍ଥାନରେ ଜମି ଅଧିଗ୍ରହଣ ପାଇଁ କାର୍ଯ୍ୟ ଆରମ୍ଭ କରିନଥିଲା । ଜିଇଡିସିଓଏଲ୍ ତରଫରୁ ଏହିପରି ନିଷ୍କ୍ରିୟତା ଦ୍ୱାରା ପ୍ରସ୍ତାବିତ ସୌର କାରଖାନା ପ୍ରତିଷ୍ଠା ହୋଇପାରି ନଥିଲା ଏବଂ 38.10 କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ଗତ ତିନି ବର୍ଷ ଧରି ବ୍ୟବହାର ହୋଇପାରି ନଥିଲା (ଜୁଲାଇ 2018) ।

ଶକ୍ତି ବିଭାଗ ଦର୍ଶାଇଥିଲେ (ଡିସେମ୍ବର 2018) ଯେ ଖୁବ୍ ଶୀଘ୍ର ଟେଣ୍ଡର ଆମନ୍ତ୍ରଣ କରାଯିବ । ତଥାପି, ବାସ୍ତବତା ଏହା ଥିଲା ଯେ ଓଡ଼ିଶା ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାରେ ଜିଇଡିସିଓଏଲ୍ ବିଫଳ ହୋଇଥିଲା ।

### *2.2.5.3 ସୌର ସହର କାର୍ଯ୍ୟକ୍ରମ କାର୍ଯ୍ୟକାରୀ ନହେବା*

**କେସ୍ I**: ଏମ୍‌ଏନ୍‌ଆର୍‌ଇ, ଭାରତ ସରକାର ସୌର ସହରର ବିକାଶ ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ (ଫେବୃଆରୀ 2008) । ନିଜ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅକ୍ଷୟ ଶକ୍ତି ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ କରିବାକୁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ମାନଙ୍କୁ ଉତ୍ସାହିତ ଏବଂ ସହାୟତା କରିବା ଏହି କାର୍ଯ୍ୟକ୍ରମର ବ୍ୟାପକ ଉଦ୍ଦେଶ୍ୟ ଥିଲା । ଏମ୍‌ଏନ୍‌ଆରଇ, ଭାରତ ସରକାର ଜନସଂଖ୍ୟା ଆଧାରରେ ପ୍ରତ୍ୟେକ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ 50 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରିବେ । କାର୍ଯ୍ୟକ୍ରମର ଅବଧି ପାଞ୍ଚ ବର୍ଷ ଥିଲା ଯଥା-2008-13 । ଇଚ୍ଛୁକ ୟୁଏଲ୍‌ବି ମାନେ ଏମ୍‌ଏନ୍‌ଆରଇ, ଭାରତ ସରକାରଙ୍କୁ ପ୍ରସ୍ତାବ ଦାଖଲ କରିବେ ଏବଂ ଅନୁମୋଦନ ହେବା ପରେ, ସେମାନେ 12 ମାସ ମଧ୍ୟରେ ଏକ ମାଷ୍ଟରପ୍ଲାନ୍ ଦାଖଲ କରିବେ । ରାଜ୍ୟ ନୋଡାଲ୍ ଏଜେନ୍ସି (ଓଆରଇଡିଏ) କାର୍ଯ୍ୟାନ୍ୱୟନର ଅଗ୍ରଗତିର ପର୍ଯ୍ୟାଲୋଚନା କରିବେ ।

କେବଳ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାକୁ ଆଗ୍ରହ ପ୍ରକାଶ କରିଥିଲା । ଏମ୍‌ଏନ୍‌ଆରଇ, ଭାରତ ସରକାର ମାଷ୍ଟରପ୍ଲାନ୍ ପ୍ରସ୍ତୁତି ପାଇଁ ପାଣ୍ଠି ନିମନ୍ତେ ପ୍ରସ୍ତାବ ଦାଖଲ କରିବାକୁ ବିଏମ୍‌ସିକୁ ଜଣାଇଥିଲେ (ସେପ୍ଟେମ୍ବର 2009) । ଜୁନ୍ 2011 ରେ ଓଆରଇଡିଏ ମାଧ୍ୟମରେ ବିଏମ୍‌ସି ପ୍ରସ୍ତାବ ଦାଖଲ କରିଥିଲା । ଏମ୍‌ଏନ୍‌ଆରଇ, ଭାରତ ସରକାର 47.37 ଲକ୍ଷ ଟଙ୍କା ମଞ୍ଜୁର କରି ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ପାଇଁ 3.69 ଲକ୍ଷ ଟଙ୍କା ପ୍ରଦାନ କରିଥିଲେ (ସେପ୍ଟେମ୍ବର 2011) ।

ମଇ 2014 ରେ (20 ମାସ ବିଳମ୍ବ ପରେ) ବିଏମ୍‌ସି ମାଷ୍ଟରପ୍ଲାନ୍‌କୁ ଏମ୍‌ଏନଆରଇ, ଭାରତ ସରକାରଙ୍କ ନିକଟରେ ଦାଖଲ କରିଥିଲେ । ପ୍ରୋଗ୍ରାମ ଅବଧିର ଦୁଇ ବର୍ଷର ବ୍ୟବଧାନ ପରେ ଏମ୍‌ଏନଆରଇ, ଭାରତ ସରକାରଙ୍କର ପର୍ଯ୍ୟବେକ୍ଷଣକୁ ଅନୁପାଳନ କରିବା ପରେ ଏକ ସଂଶୋଧିତ ମାଷ୍ଟରପ୍ଲାନ୍, ମାର୍ଚ୍ଚ 2015 ରେ ବିଏମ୍‌ସି ଦ୍ୱାରା ପୁନଃ ଦାଖଲ କରାଯାଇଥିଲା । ବିଏମ୍‌ସି ଅକ୍ଷୟ ଶକ୍ତି ଉତ୍ସରୁ 110.34 ମିଲିୟନ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଆକଳନ କରିଥିଲା । ଜୁଲାଇ 2018 ସୁଦ୍ଧା ଏମ୍‌ଏନଆରଇ, ଭାରତ ସରକାରଙ୍କ ଦ୍ୱାରା ମାଷ୍ଟରପ୍ଲାନ୍ ଅନୁମୋଦନ ହୋଇନଥିଲା ।

---

55 ସାତଟି ସ୍ଥାନ: ରାଇରଙ୍ଗପୁର-1 ମେଗାୱାଟ୍, ବାରିପଦା -1.2 ମେଗାୱାଟ୍, ଜୟନଗର -5.5 ମେଗାୱାଟ୍, ନୂଆ ବଲାଙ୍ଗୀର -3.5 ମେଗାୱାଟ୍, ପୁରୁଣା ଡୁବୁରୀ-1.5 ମେଗାୱାଟ୍, ନୂଆ ଡୁବୁରୀ-2.5 ଏବଂ ଓଏଚ୍‌ପିସି (ମୁଖିଗୁଡ଼ା)-1.2 ମେଗାୱାଟ୍

56 ତିନୋଟି ସ୍ଥାନ-ବାରିପଦା (5 ଏକର-1 ମେଗାୱାଟ୍), ଜୟନଗର (10 ଏକର -2 ମେଗାୱାଟ) ଏବଂ ନୂଆ ବଲାଙ୍ଗୀର (10 ଏକର -2 ମେଗାୱାଟ୍)

**କେସ୍ II**: ଏମ୍ଏନଆରଇ, ଭାରତ ସରକାର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ସୌର ସହର କାର୍ଯ୍ୟକ୍ରମର ବିକାଶରେ 'ଆଦର୍ଶ ସୌର ସହର' ନାମକ ଏକ ଉପାଦାନ ଯୋଗ କରିଥିଲେ (ଜାନୁଆରୀ 2014), ଯେଉଁଥିରେ ସରକାରୀ ଭବନରେ ଅକ୍ଷୟ ଶକ୍ତି ଉତ୍ପାଦନକାରୀ ଉପକରଣ ସ୍ଥାପନ ପାଇଁ ଏମ୍ଏନଆରଇ, ଭାରତ ସରକାର ପ୍ରତ୍ୟେକ ୟୁଏଲବି କୁ 9.50 କୋଟି ଟଙ୍କା ପ୍ରଦାନ କରିବେ । ଏମ୍ଏନଆରଇ, ଭାରତ ସରକାର ଅକ୍ଟୋବର 2015 ରେ ଭୁବନେଶ୍ୱରକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ଓଆରଇଡିଏର ପ୍ରସ୍ତାବକୁ ମଞ୍ଜୁର କରିଥିଲେ ଏବଂ ଫେବୃଆରୀ 2016 ରେ 9.50 କୋଟି ଟଙ୍କା ମଞ୍ଜୁର କରିଥିଲେ । କିନ୍ତୁ ମାଷ୍ଟରପ୍ଲାନ୍‌କୁ ଏମ୍ଏନଆରଇ, ଭାରତ ସରକାର ଅନୁମୋଦନ କରିନଥିଲେ ଏବଂ ଏଥିପାଇଁ (ପ୍ରୋଗ୍ରାମ) କିଛି ପାଣ୍ଠି ମଧ ପ୍ରଦାନ କରିନଥିଲେ ।

ଭାରତ ସରକାରଙ୍କ ଆର୍ଥିକ ସହାୟତା ନିଶ୍ଚିତ ହୋଇଥିଲେ ମଧ ଭୁବନେଶ୍ୱର ମହାନଗର ନିଗମ, ଅକ୍ଷୟ ଶକ୍ତି ଉତ୍ସରୁ ଶକ୍ତି ଉତ୍ପାଦନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲା । ତେଣୁ ସୌର ସହରଗୁଡ଼ିକର ବିକାଶ ପାଇଁ କାର୍ଯ୍ୟକ୍ରମ ରାଜ୍ୟରେ ଆରମ୍ଭ ହୋଇପାରି ନଥିଲା ।

ଓଡ଼ିଶା ସରକାରଙ୍କ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ ବିଭାଗ ଜଣାଇଥିଲେ (ଡିସେମ୍ବର 2018) ଯେ ଭାରତ ସରକାର ମାଷ୍ଟରପ୍ଲାନ୍‌ର ଆନୁଷ୍ଠାନିକ ଅନୁମୋଦନ କରିନଥିଲେ କିମ୍ବା ଏହାର ଅନୁମୋଦନ ନକରିବାର କାରଣ ସଂପର୍କରେ ମଧ ଜଣାଇ ନଥିଲେ । ଆହୁରି ମଧ ବ୍ୟକ୍ତ କଲେ ଯେ ଆଦର୍ଶ ସୌର ସହର କାର୍ଯ୍ୟକ୍ରମ 'ସୌର ସହର କାର୍ଯ୍ୟକ୍ରମର ବିକାଶ' ଠାରୁ ଭିନ୍ନ ଥିଲା ଏବଂ ଆଦର୍ଶ ସୌର ସହର କାର୍ଯ୍ୟାଦେଶ ଅଧୀନରେ କିଛି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା ।

## 2.2.6 ଅଫ୍ -ଗ୍ରୀଡ୍ ସୌର ପ୍ରକଳ୍ପ

***ପରିଶିଷ୍ଟ 2.2.1*** ରେ ଦର୍ଶାଯାଇଥିବା ମତେ ବର୍ଷ 2013-18 ମଧରେ ବିଭିନ୍ନ ଅଫ୍-ଗ୍ରୀଡ୍ ସୌର ପ୍ରୟୋଗ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରି ରାଜ୍ୟ 16.7 ମେଗାଓ୍ୱାଟ୍‌ର କ୍ଷମତା ସୃଷ୍ଟି କରିଥିଲା । ଏହି ପ୍ରସଙ୍ଗରେ ନିମ୍ନଲିଖିତ ବିଷୟଗୁଡ଼ିକ ପରିଲକ୍ଷିତ ହୋଇଥିଲା:

### *2.2.6.1 ଗ୍ରାମୀଣ ବିଦ୍ୟୁତିକରଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ*

2014-17 ମଧରେ ଅକ୍ଷୟ ଶକ୍ତି ଉତ୍ସରୁ 485 ଟି ଗାଁ[57] କୁ ଓଆର୍‌ଇଡିଏ ବିଦ୍ୟୁତ୍ ଯୋଗାଇବାର ଥିଲା । ଜୁଲାଇ 2018 ସୁଦ୍ଧା, ଓଆର୍‌ଇଡିଏ 340 ଗାଁର ବିଦ୍ୟୁତିକରଣ କାର୍ଯ୍ୟ ଶେଷ କରିଥିଲା ଏବଂ ଅବଶିଷ୍ଟ କାମଗୁଡ଼ିକରେ କାର୍ଯ୍ୟ ଚାଲିଥିଲା । ଡିସେମ୍ବର 2016 ରେ ଓଆର୍‌ଇଡିଏ 68 ଟି ଗ୍ରାମରେ ସୋଲାର ଫଟୋ ଭୋଲ୍ଟିକ୍ (ଏସପିଭି) ସ୍ୱତନ୍ତ୍ର ସୀଷ୍ଟମ[58]ର ଡିଜାଇନ୍, ଇଞ୍ଜିନିୟମରିଂ ଏବଂ କାର୍ଯ୍ୟକ୍ଷମ ପାଇଁ 19.55 କୋଟି ଟଙ୍କାରେ ମେସର୍ସ ଗାୟତ୍ରୀ ଇଞ୍ଜିନିୟରିଂ କନଷ୍ଟ୍ରକସନ ଆଣ୍ଡ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ୍ (ମେସର୍ସ ଗାୟତ୍ରୀ) କୁ କାର୍ଯ୍ୟ ନିର୍ଦ୍ଦେଶ ଦେଇ 22 ମଇ 217 ସୁଦ୍ଧା କାର୍ଯ୍ୟ ସମାପ୍ତ କରିବାକୁ ସ୍ଥିର କରିଥିଲା ଏବଂ ପରେ ଏହାକୁ ସେପ୍ଟେମ୍ବର 2017 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ମେସର୍ସ ଗାୟତ୍ରୀ ସେପ୍ଟେମ୍ବର 2017 ସୁଦ୍ଧା କେବଳ ଦୁଇଟି ଗ୍ରାମର ବିଦ୍ୟୁତିକରଣ କାର୍ଯ୍ୟ ସଂପୂର୍ଣ୍ଣ କରିପାରିଥିଲା । ଅକ୍ଟୋବର 2017 ରେ ଓଆର୍‌ଇଡିଏ କାର୍ଯ୍ୟ ନିର୍ଦ୍ଦେଶକୁ ବାତିଲ କରି 51 ଟି ଗ୍ରାମର କାର୍ଯ୍ୟକୁ 13.65 କୋଟି ଟଙ୍କାରେ ଅନ୍ୟ ଏକ ଫାର୍ମକୁ ଦେଇଥିଲା ଏବଂ ଅବଶିଷ୍ଟ 15 ଟି ଗ୍ରାମର କାମ ବନ୍ଦ୍ କରିଦେଇଥିଲା । ଜୁଲାଇ 2018 ସୁଦ୍ଧା, କାର୍ଯ୍ୟ ଚାଲିଥିଲା । ସମୀକ୍ଷାରେ ଜାଣିବାକୁ ମିଳିଲା ଯେ 'ସରକାରୀ ଭବନ ବିଦ୍ୟୁତିକରଣ' (ଜୁନ୍ 2014) ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ମେସର୍ସ ଗାୟତ୍ରୀ ପୂର୍ବରୁ ଖିଲାପ କରିଥିଲା । ଅତୀତର ଅସନ୍ତୁଷ୍ଟ ପ୍ରଦର୍ଶନ ସତ୍ତ୍ୱେ, ଓଆର୍‌ଇଡିଏ ସମାନ ସଂସ୍ଥାକୁ କାର୍ଯ ନିର୍ଦ୍ଦେଶ ଜାରି କରିଥିଲା, ଯାହାଫଳରେ କାର୍ଯ୍ୟଟି ଅସମ୍ପୂର୍ଣ୍ଣ ହୋଇଥିଲା । ଅଧିକନ୍ତୁ, ଟେଣ୍ଡର ଏବଂ କାର୍ଯ୍ୟ ନିର୍ଦ୍ଦେଶରେ ବ୍ୟବସ୍ଥା ଥିବା ସତ୍ତ୍ୱେ ଓଆର୍‌ଇଡିଏ ର ମୁଖ୍ୟ କାର୍ଯ୍ୟନିର୍ବାହୀ,

[57] ଗ୍ରାମୀଣ ବିଦ୍ୟୁତିକରଣ ନିଗମ (ଦିନ୍ ଦୟାଲ୍ ଉପାଧାୟ ଗ୍ରାମ ଜ୍ୟୋତି ଯୋଜନା ଅଧୀନରେ): 208 ଏବଂ ଭାରତ ସରକାର: 277

[58] ବିଦ୍ୟୁତ୍ ଗ୍ରୀଡ୍ ସହିତ ଅନୁବନ୍ଧିତ ହୋଇନଥିବା ଏକ ସାଧୀନ ସୌର ଶକ୍ତି ଆଧାରିତ ବିଦ୍ୟୁତିକ ବ୍ୟବସ୍ଥା

ମେସର୍ସ ଗାୟତ୍ରୀ ନିକଟରୁ 32.88 ଲକ୍ଷ ଟଙ୍କାର ଆବଶ୍ୟକୀୟ କାର୍ଯ୍ୟଦକ୍ଷତା ସୁରକ୍ଷା ଜମା ହାସଲ କରିନଥିଲେ ।

ଅତୀତର ଅସନ୍ତୋଷଜନକ କାର୍ଯ୍ୟଦକ୍ଷତାକୁ ଅଣଦେଖା କରି ମେସର୍ସ ଗାୟତ୍ରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବାର କାରଣ ଉଲ୍ଲେଖ ନକରି, ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ ବିଭାଗ ସୂଚନା ଦେଇଥିଲେ ଯେ କାର୍ଯ୍ୟ ନିର୍ଦ୍ଦେଶକୁ ବାତିଲ୍ କରାଯାଇଛି । କାର୍ଯ୍ୟଦକ୍ଷତା ନିରାପତ୍ତା ହାସଲ ନକରିବା ବିଷୟରେ ବିଭାଗ କହିଥିଲେ ଯେ କାର୍ଯ୍ୟାଦେଶ ହେବାର 20 ଦିନ ମଧ୍ୟରେ ମେସର୍ସ ଗାୟତ୍ରୀ ଏହି ରାଶି ଜମା କରିବାକୁ ଥିଲା । ଯେହେତୁ ଧାର୍ଯ୍ୟ ସମୟ ମଧ୍ୟରେ ଫାର୍ମ କାର୍ଯ୍ୟଦକ୍ଷତା ନିରାପତ୍ତା ଜମା କରିନଥିଲା, କାର୍ଯ୍ୟାଦେଶ ବାତିଲ୍ କରାଯାଇଥିଲା ଏବଂ ବାକିଥିବା ବିଲ୍‌ରୁ 32.88 ଲକ୍ଷ ଟଙ୍କା ଭରଣା କରାଯାଇଥିଲା । ପ୍ରକୃତ କଥା ହେଉଛି, ଓଆର୍‌ଇଡିଏ ଏହାର ଅତୀତର ଅସନ୍ତୋଷଜନକ କାର୍ଯ୍ୟଦକ୍ଷତାକୁ ଅଣଦେଖା କରି ମେସର୍ସ ଗାୟତ୍ରୀଙ୍କୁ କାର୍ଯ୍ୟ ନିର୍ଦ୍ଦେଶ ଜାରି କରିଥିଲେ ଫଳସ୍ୱରୂପ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଲା ।

### *2.2.6.2 ଜଳସେଚନ ପାଇଁ ସୌର ଚାଳିତ ପମ୍ପ କାର୍ଯ୍ୟକାରୀ କରିବାରେ ବିଳମ୍ବ*

ଏମ୍‌ଏନ୍‌ଆର୍‌ଇ, ଭାରତ ସରକାର ଜଳସେଚନ ପାଇଁ ସୌର ପମ୍ପିଂ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ (ସେପ୍ଟେମ୍ବର 2014) । ଭାରତ ସରକାର ପ୍ରକଳ୍ପ ମୂଲ୍ୟର 30 ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରିବାର ଥିଲା । ମଞ୍ଜୁର ତାରିଖ ଠାରୁ ଏହି ପ୍ରକଳ୍ପର ଅବଧି 24 ମାସ ଥିଲା । ଏମ୍‌ଏନ୍‌ଆରଇ, ଭାରତ ସରକାର 31.42 କୋଟି ଟଙ୍କାର ଆନୁମାନିକ ମୂଲ୍ୟରେ 2,560 ଟି ପ୍ରକଳ୍ପ ଅନୁମୋଦନ କରିଥିଲେ (ଡିସେମ୍ବର 2014) ଏବଂ ସେଥିରୁ 9.34 କୋଟି ଟଙ୍କା ପ୍ରଦାନ କରାଯାଇଥିଲା (ଡିସେମ୍ବର 2014 ଏବଂ ଫେବୃଆରୀ 2015) । ଓଡ଼ିଶା ଉଠା ଜଳସେଚନ ନିଗମ ଲିମିଟେଡ୍ (ଓଏଲ୍‌ଆଇସି) ଦ୍ୱାରା ହିତାଧିକାରୀ ଚୟନ ହେବାର ଥିଲା ଏବଂ ଏହି ପ୍ରକଳ୍ପ ଓଆର୍‌ଇଡିଏ ଦ୍ୱାରା କାର୍ଯ୍ୟକାରୀ ହେବାର ଥିଲା । ହିତାଧିକାରୀ ତାଲିକା ମାର୍ଚ୍ଚ 2016 ସୁଦ୍ଧା ଓଆର୍‌ଇଡିଏ କୁ ପ୍ରଦାନ କରାଯିବାର ଥିଲା । ପରବର୍ତ୍ତୀ ସମୟରେ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ (ଡିଏଆଣ୍ଡଏଫ୍‌ପି)କୁ ହିତାଧିକାରୀ ଚୟନ କରିବାକୁ ମଧ୍ୟ କୁହାଯାଇଥିଲା । ନଭେମ୍ବର 2016 ସୁଦ୍ଧା ଉଭୟ ଓଏଲ୍‌ଆଇସି ଏବଂ ଡିଏଆଣ୍ଡଏଫ୍‌ପି 2,169 ହିତାଧିକାରୀ ଚୟନ କରିଥିଲେ । ଏଥିମଧ୍ୟରୁ ଓଆର୍‌ଇଡିଏ ଡିସେମ୍ବର 2016 ସୁଦ୍ଧା କେବଳ 536 ଟି ପ୍ରକଳ୍ପ (25 ପ୍ରତିଶତ) କାର୍ଯ୍ୟାରମ୍ଭ କରିଥିଲା । 6.58 କୋଟି ଟଙ୍କା ଖର୍ଚ୍ଚ କରିବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ସମାପ୍ତ ହୋଇନଥିବାରୁ ଓଆର୍‌ଇଡିଏ ଜାନୁଆରୀ 2017 ରେ ଭାରତ ସରକାରଙ୍କ ଏମ୍‌ଏନ୍‌ଆର୍‌ଇ କୁ 2.76 କୋଟି ଟଙ୍କା ଫେରସ୍ତ କରିବାକୁ ପଡ଼ିଥିଲା । ଅର୍ଥାତ୍, ହିତାଧିକାରୀ ଚିହ୍ନଟ କରିବାରେ ବିଳମ୍ବ ହେତୁ 1,633 ସୌର ଚାଳିତ ଜଳସେଚନ ପ୍ରକଳ୍ପ ରାଜ୍ୟରେ କାର୍ଯ୍ୟାରମ୍ଭ ହୋଇପାରି ନଥିଲା ।

ବିଜ୍ଞାନ ଓ ବୈଷୟିକ ଜ୍ଞାନ ବିଭାଗ ଦର୍ଶାଇଥିଲେ (ଡିସେମ୍ବର 2018) ଯେ ମୌସୁମୀ ଆରମ୍ଭ ହେବା ଏବଂ ଅନୁପଯୁକ୍ତ କ୍ଷେତ୍ର ପରିସ୍ଥିତି ହେତୁ ଅବଶିଷ୍ଟ ପ୍ରକଳ୍ପଗୁଡ଼ିକ ଧାର୍ଯ୍ୟ ସମୟ ମଧ୍ୟରେ ସଂପୂର୍ଣ୍ଣ ହୋଇପାରିଲା ନାହିଁ । ମାତ୍ର ବାସ୍ତବତା ଏହା ଥିଲା ଯେ ମୌସୁମୀ ଆରମ୍ଭ ହେବାର ପୂର୍ବାନୁମାନ ଥିବା ସତ୍ତ୍ୱେ ହିତାଧିକାରୀ ଚିହଟ କରିବା ପାଇଁ ତତ୍ପରତା ଅଭାବରୁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହୋଇପାରି ନଥିଲା ।

### *2.2.6.3 ମହାଖମ୍ବ/ ରାସ୍ତା ଆଲୋକିକରଣ ପଦ୍ଧତି କାର୍ଯ୍ୟକାରୀ ନହେବା*

ମୋଟ 902 ମହାଖମ୍ବ/ ରାସ୍ତା ଆଲୋକିକରଣ ପଦ୍ଧତିର ଯୋଗାଣ, ସଂସ୍ଥାପନ ଓ ପ୍ରାଧିକୃତ କରିବା ପାଇଁ ମୟୁରଭଞ୍ଜ ଜିଲ୍ଲାର 10 ଜଣ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଓଆର୍‌ଇଡିଏ ପାଖରେ 4.21 କୋଟି ଟଙ୍କା ଜମା କରିଥିଲେ (ଡିସେମ୍ବର 2016) । ଅତୀତରେ ମେସର୍ସ ଗାୟତ୍ରୀ ଅସନ୍ତୋଷଜନକ କାର୍ଯ୍ୟ ସଂପାଦନ କରିଥିବା ସତ୍ତ୍ୱେ ଓଆର୍‌ଇଡିଏ (ଡିସେମ୍ବର 2016) ଏହାକୁ 135 ଟି ପଦ୍ଧତି ପାଇଁ 1.33 କୋଟି ଟଙ୍କା ପ୍ରଦାନ କରିଥିଲେ । କାର୍ଯ୍ୟଗୁଡ଼ିକ ମାର୍ଚ୍ଚ 2017 ସୁଦ୍ଧା ସମାପ୍ତ ହେବାର ଥିଲା । ସଂସ୍ଥା ଜୁଲାଇ 2018 ସୁଦ୍ଧା କୌଣସି ଗାଁରେ କାର୍ଯ୍ୟ ଆରମ୍ଭ କରିନଥିଲେ । ରାଜିନାମାର ବ୍ୟବସ୍ଥା ଅନୁସାରେ ଓଆର୍‌ଇଡିଏ ଦଣ୍ଡାରୋପ ପାଇଁ କୌଣସି ପଦକ୍ଷେପ ନେଇନଥିଲେ ।

ବିଜ୍ଞାନ ଓ ବୈଷୟିକ ଜ୍ଞାନ ଜଣାଇଥିଲେ (ଡିସେମ୍ବର 2018) ଯେ 17 ଟି ପଦ୍ଧତି ପାଇଁ 92,087 ଟଙ୍କାର ଜରିମାନା ଆକାରରେ ମେସର୍ସ ଗାୟତ୍ରୀଠାରୁ ଅସୁଲ କରାଗଲା ଏବଂ 118 ଟି ପଦ୍ଧତିର ଆଦେଶ ରଦ୍ଦ ହୋଇଥିଲା । ସତ୍ୟତା ଏହା ଥିଲା ଯେ ଅତୀତରେ ବାରମ୍ବାର ଅସନ୍ତୋଷ କାର୍ଯ୍ୟ ସମ୍ପାଦନକୁ ଉପେକ୍ଷା କରି ବିକ୍ରେତା ନିର୍ଣ୍ଣୟ କରିବା ଫଳରେ କାର୍ଯ୍ୟଗୁଡ଼ିକ ଅସଂପୂର୍ଣ୍ଣ ରହିଥିଲା ।

### *2.2.6.4 ସୌର ଲଣ୍ଠନ ବିତରଣ ନହେବା*

କାରିଗରମାନଙ୍କର ଉତ୍ପାଦନ ବୃଦ୍ଧି ନିମନ୍ତେ ସେମାନଙ୍କ ମଧ୍ୟରେ ସୌର ଲଣ୍ଠନ ବଣ୍ଟନ ପାଇଁ ହସ୍ତ ଏବଂ କୁଟୀର ଶିଳ୍ପ ବିଭାଗ ନିର୍ଦ୍ଦେଶକ, ଓଆରଇଡିଏକୁ 4.01 କୋଟି ଟଙ୍କା[59] ପ୍ରଦାନ କରିଥିଲେ (ଜାନୁଆରୀ 2016) । ସୌର ଲଣ୍ଠନ ସହିତ ସୌର ଫଟୋ ଭୋଲ୍ଟାଇକ୍ ପଦ୍ଧତିକୁ ଏକ ବର୍ଷ ଧରି ଯୋଗାଣ, ସଂସ୍ଥାପନ, ପ୍ରାଧିକରଣ ଏବଂ ରକ୍ଷଣାବେକ୍ଷଣ ପାଇଁ ଓଆରଇଡିଏ ମାନକ ହାର ଚୁକ୍ତି ଆଧାରରେ ଜାନୁଆରୀ 2016 ରେ ଟେଣ୍ଡର ଆହ୍ୱାନ କରିଥିଲେ । ଏହି ଆହ୍ୱାନର ବୈଧତା ନିଲାମ ଖୋଲା ହେବାର ଏକ ବର୍ଷ ଯଥା 25 ଫେବୃଆରୀ 2017 ପର୍ଯ୍ୟନ୍ତ ଥିଲା । ବୈଷୟିକ ନିଲାମ ଡାକ ଗୁଡ଼ିକ 25 ଫେବୃଆରୀ 2016 ଖୋଲା ହେଲା ଏବଂ 21ଜଣ ନିଲାମ ଡକାଳୀ ଯୋଗ୍ୟ ବିବେଚିତ ହୋଇଥିଲେ । ଯୋଗ୍ୟ ନିଲାମଡକାଳିଙ୍କ ଆର୍ଥିକ ନିଲାମ ଡାକ 18 ମଇ 2016 ରେ ଖୋଲା ହେଲା ଏବଂ ମେସର୍ସ ଗ୍ରୀନ୍‌କୋ ସୀଷ୍ଟମ ପ୍ରାଇଭେଟ୍ ଲିଃ ଦ୍ୱାରା ଲଣ୍ଠନ ପ୍ରତି 2,133 ଟଙ୍କା ମୂଲ୍ୟାୟନ ସର୍ବନିମ୍ନ ଥିଲା । ମେସର୍ସ ଗ୍ରାନ୍‌କୋ ବ୍ୟତୀତ ଅନ୍ୟ ଏକ ସଂସ୍ଥା ଅର୍ଥାତ୍ ମେସର୍ସ ପାଓ୍ୱାରଟ୍ରୋନିକ୍ସ ସର୍ବନିମ୍ନ ମୂଲ୍ୟ[60] ଅନୁସାରେ ଯୋଗାଣ ପାଇଁ ରାଜି ହୋଇଥିଲେ । ତଦନୁସାରେ ଓଆରଇଡିଏ ଏହି ଦୁଇ ଫାର୍ମକୁ ସୌର ଲଣ୍ଠନ ଯୋଗାଣ ପାଇଁ ତାଲିକାଭୁକ୍ତ କରିଥିଲା ।

ଓଆର୍‌ଇଡିଏ ଉଭୟ ମେସର୍ସ ଗ୍ରୀନ୍‌କୋ ଏବଂ ମେସର୍ସ ପାଓ୍ୱାରଟ୍ରୋନିକ୍ସ କୁ ଯଥାକ୍ରମେ 461 ଓ 321 ଟି ଲଣ୍ଠନ 27 ସେପ୍ଟେମ୍ବର 2016 ସୁଦ୍ଧା ଯୋଗାଇବା ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ (ସେପ୍ଟେମ୍ବର 2016) । ବିତରଣ ପାଇଁ ସ୍ୱଳ୍ପ ସମୟ ଦେବାର କାରଣ ଦର୍ଶାଇ ମେସର୍ସ ପାଓ୍ୱାରଟ୍ରୋନିକ୍ସ ଲଣ୍ଠନ ଯୋଗାଣ ପାଇଁ ଅସାମର୍ଥ୍ୟତା ପ୍ରକାଶ କରିଥିଲା । ମେସର୍ସ ଗ୍ରୀନ୍‌କୋ ଠିକ୍ ସମୟରେ ଲଣ୍ଠନ ଯୋଗାଇ ଦେଇଥିଲେ । ଓଆର୍‌ଇଡିଏ ପୁନର୍ବାର ଉଭୟ ଫାର୍ମକୁ ଯଥାକ୍ରମେ 1,509 ଓ 2,698 ଟି ଲଣ୍ଠନ ଯୋଗାଣ ପାଇଁ କାର୍ଯ୍ୟାଦେଶ ଦେଇଥିଲେ (ନଭେମ୍ବର 2016) । ଏଥର ମଧ୍ୟ ମେସର୍ସ ପାଓ୍ୱାରଟ୍ରୋନିକ୍ସ ଡିସେମ୍ବର 2016 ସୁଦ୍ଧା ଲଣ୍ଠନ ଯୋଗାଇବା ପାଇଁ ନିଜର ଅସାମର୍ଥ୍ୟତା ପ୍ରକାଶ କରିଥିଲେ (17 ନଭେମ୍ବର 2016) । ବାରମ୍ବାର ପ୍ରତ୍ୟାଖ୍ୟାନ ସତ୍ତ୍ୱେ ଓଆର୍‌ଇଡିଏ ଆଉଥରେ 4,000 ଲଣ୍ଠନ ଯୋଗାଣ ପାଇଁ ମେସର୍ସ ପାଓ୍ୱାରଟ୍ରୋନିକ୍ସ କୁ କାର୍ଯ୍ୟାଦେଶ ଦେଇଥିଲେ (21 ନଭେମ୍ବର 2016) । ଓଆର୍‌ଇଡିଏ ମଧ୍ୟ ମେସର୍ସ ଗ୍ରାନ୍‌କୋକୁ 4,767 ଟି ସୌର ଲଣ୍ଠନ ପାଇଁ କାର୍ଯ୍ୟାଦେଶ ଦେଇଥିଲେ (21 ନଭେମ୍ବର 2016) । କାର୍ଯ୍ୟାଦେଶର ନିୟମ ଅନୁସାରେ 21 ଡିସେମ୍ବର 2016 ସୁଦ୍ଧା ଯୋଗାଣ ସମାପ୍ତ ହେବାର ଥିଲା । ମେସର୍ସ ଗ୍ରୀନ୍‌କୋ ଅନୁରୋଧ କ୍ରମେ ଓଆର୍‌ଇଡିଏ ବିତରଣ ଅବଧିକୁ 15 ମଇ 2017 ପର୍ଯ୍ୟନ୍ତ ବଢାଇଥିଲେ । ସେପ୍ଟେମ୍ବର 2017 ସୁଦ୍ଧା ଗ୍ରୀନ୍‌କୋ 6,737[61] ଲଣ୍ଠନ ମଧ୍ୟରୁ 6,329 ଲଣ୍ଠନ ଯୋଗାଇଥିଲେ । ଅନ୍ୟ ପକ୍ଷରେ ମେସର୍ସ ପାଓ୍ୱାରଟ୍ରୋନିକ୍ସ ନିର୍ଦ୍ଧାରିତ ବିତରଣ ସମୟ ମଧ୍ୟରେ ଲଣ୍ଠନ ଯୋଗାଇଲେ ନାହିଁ କିମ୍ବା ସମୟ ବୃଦ୍ଧି ପାଇଁ ଚାହିଁଲେ ନାହିଁ । ମେସର୍ସ ପାଓ୍ୱାରଟ୍ରୋନିକ୍ସକୁ କାରଣ ଦର୍ଶାଅ ନୋଟିସ୍ ନପଠାଇ ବରଂ ଓଆର୍‌ଇଡିଏ 21 ଫେବୃଆରୀ 2017 ରେ ଆଉ ଏକ ଆଦେଶ ଦେଲେ, ଯାହାକୁ ଏହା ଯୋଗାଣ ଆଦେଶ ଗ୍ରହଣ କରିନଥିବା ଦର୍ଶାଇ ଏହି ଆଦେଶ ଅନୁପାଳନ କରିବାକୁ ପ୍ରତ୍ୟାଖ୍ୟାନ କରିଥିଲା ।

---

59 2,57 କୋଟି ଟଙ୍କା (ଜାନୁଆରୀ 2016) ଏବଂ 2014-15 ର ଖର୍ଚ୍ଚ ନ ହୋଇ ବଳକା 1.44 କୋଟି ଟଙ୍କା = 4.01 କୋଟି ଟଙ୍କା

60 ପୃଷ୍ଠପୋଷକତାର ଭାଗ ନିଲାମ ସମୟରେ ପ୍ରକଟ କରାଯାଇଥିଲା । ନିଲାମ ଡକା ନୋଟିସର 7.6 ଧାରା ଅନୁସାରେ ସମସ୍ତ ସଫଳ ନିଲାମଡକାଳି ମାନେ ତାଲିକା ଭୁକ୍ତ ହେବେ ଏବଂ ସେମାନଙ୍କ ମୂଲ୍ୟାୟନ ଅନୁସାରେ $L_1$, $L_2$, $L_3$ ଭଳି ବ୍ୟବହୃତ ହେବେ ଏବଂ $L_1$ ମୂଲ୍ୟ ଅନୁସାରେ ପ୍ରକଳ୍ପ ନିର୍ବାହ କରିବେ ।

61 ନିର୍ଦ୍ଦେଶକଙ୍କ ଦ୍ୱାରା ହିତାଧିକାରୀଙ୍କ ସୂଚୀ ଦିଆଯାଇ ନଥିବାରୁ ମେସର୍ସ ଗ୍ରୀନକୋ 408 ଟି ସୌର ଲଣ୍ଠନ ବିତରଣ କରିନଥିଲା । ଯାହାହେଉନା କାହିଁକି ଓଆର୍‌ଇଡିଏ ସେଗୁଡ଼ିକ ପାଇଁ ଓଆର୍‌ଇଡିଏ କାର୍ଯ୍ୟାଦେଶ ଦେଇଥିଲେ ।

ଅଡିଟ୍ ଦେଖିଲା ଯେ ମେସର୍ସ ପାୱାରଟ୍ରୋନିକ୍ସ ପୂର୍ବରୁ ସେପ୍ଟେମ୍ବର 2016 ଏବଂ ନଭେମ୍ବର 2016 ରେ ଦୁଇଥର ଯଥାକ୍ରମେ 321 ଓ 2,698 ଲଣ୍ଠନ ଯୋଗାଇବା ପାଇଁ ପ୍ରତ୍ୟାଖ୍ୟାନ କରିଥିଲା । ତେଣୁ ନଭେମ୍ବର 2016 ପରେ ଓଆର୍‌ଇଡିଏ ଏହାର ଅତୀତର ଅସନ୍ତୋଷ କାର୍ଯ୍ୟ ସଂପାଦନ ଓ ନିର୍ଦ୍ଧାରିତ ସମୟ ଏବଂ ନିବେଦନର ବୈଧତା (24 ଫେବୃଆରୀ 2017) ମଧ୍ୟରେ ଯୋଗାଣ ଆରମ୍ଭ କରିବାର ବିଫଳତା ପାଇଁ ମେସର୍ସ ପାୱାରଟ୍ରୋନିକ୍ସ କୁ ତାଲିକାରୁ ବାଦ୍ ଦେବା ଉଚିତ୍ ଥିଲା ଏବଂ ମେସର୍ସ ଗ୍ରୀନ୍‌କୋକୁ ଅବଶିଷ୍ଟ ଚୁକ୍ତି ନ୍ୟସ୍ତ କରିବାର ଥିଲା । ଓଆର୍‌ଇଡିଏ ମେସର୍ସ ପାୱାରଟ୍ରୋନିକ୍ସ କୁ ଦିଆଯାଇଥିବା କାର୍ଯ୍ୟାଦେଶକୁ ରଦ୍ଦ କରିବା ପାଇଁ ଏବଂ ସେହି କାର୍ଯ୍ୟକୁ ମେସର୍ସ ଗ୍ରୀନ୍‌କୋକୁ ଦେବା ପାଇଁ ସମୟୋଚିତ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ । ଯାହାଫଳରେ, ଓଆର୍‌ଇଡିଏକୁ ମାର୍ଚ୍ଚ 2017 ରେ ସାନି ଟେଣ୍ଡର କରିବାକୁ ପଡ଼ିଲା ଏବଂ ଲଣ୍ଠନର ସର୍ବନିମ୍ନ ଡାକମୂଲ୍ୟ 2,894 ଟଙ୍କା ଦେଖିବାକୁ ମିଳିଲା, ଯାହାକି ପୂର୍ବ ସର୍ବନିମ୍ନ ମୂଲ୍ୟ ଠାରୁ 761 ଟଙ୍କା (35 ପ୍ରତିଶତ) ଅଧିକ ଥିଲା । ପୁନରୀକ୍ଷଣ ଟେଣ୍ଡର ଆଧାରରେ ଓଆର୍‌ଇଡିଏ 6,698 ଟି ଲଣ୍ଠନ ପାଇଁ ଚାରୋଟି ଫାର୍ମ[62]କୁ ଯୋଗାଣ ଆଦେଶ ଦେଲେ ଯହିଁରୁ ଜୁଲାଇ 2018 ସୁଦ୍ଧା 6,513 ଟି ଲଣ୍ଠନ ପ୍ରାପ୍ତି ହୋଇଥିଲା । ପରିଣାମ ସ୍ୱରୁପ ଜୁଲାଇ 2018 ସୁଦ୍ଧା ଓଆର୍‌ଇଡିଏ 49.56 ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ କରିଥିଲା ।

ଏହିରୂପେ ବାରମ୍ବାର ଅନୁପାଳନ କରି ନଥିବା ମେସର୍ସ ପାୱାରଟ୍ରୋନିକ୍ସର ଯୋଗାଣ ଆଦେଶକୁ ରଦ୍ଦ ନକରି ଏବଂ ସେହି ଆଦେଶକୁ ମେସର୍ସ ଗ୍ରୀନକୋକୁ ନଦେବା ଭଳି ବିବେକହୀନ ନିଷ୍ପତ୍ତି ଓଆର୍‌ଇଡିଏ ନେବା ଫଳରେ ଅତିରିକ୍ତ 49.56 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ।

ବିଜ୍ଞାନ ଓ ବୈଷୟିକ ଜ୍ଞାନ ବିଭାଗ ଜଣାଇଥିଲେ (ଡିସେମ୍ବର 2018) ଯେ ଯେହେତୁ ମେସର୍ସ ପାୱାରଟ୍ରୋନିକ୍ସ କମ୍ ମୂଲ୍ୟ ଦର୍ଶାଇ ଯୋଗାଣ କରିବାକୁ ଅନିଛା ପ୍ରକାଶ କଲେ, ତେଣୁ ଓଆର୍‌ଇଡିଏ ପାଖରେ ସାନି ଟେଣ୍ଡର ଆହ୍ୱାନ ବ୍ୟତୀତ ଅନ୍ୟ ବିକଳ୍ପ ନଥିଲା । ଯାହାହେଉନା କାହିଁକି ଏହା ସତ୍ୟ ଯେ ମେସର୍ସ ପାୱାରଟ୍ରୋନିକ୍ସ ବାରମ୍ବାର ପ୍ରତ୍ୟାଖ୍ୟାନ କରିବା କଥାକୁ ବିଚାରକୁ ନ ନେଇ ଓଆର୍‌ଇଡିଏ ସେହି ଫାର୍ମକୁ ଯୋଗାଣ ଆଦେଶ ଦେଇ ଚାଲିଥିଲେ । ପୁନଶ୍ଚ ମେସର୍ସ ଗ୍ରୀନ୍‌କୋର ନିବେଦନର ବୈଧତା ଫେବୃଆରୀ 2017 ପର୍ଯ୍ୟନ୍ତ ଥିଲା ଏବଂ ମେସର୍ସ ପାୱାରଟ୍ରୋନିକ୍ସର ଦ୍ୱିତୀୟ ବାର ପ୍ରତ୍ୟାଖ୍ୟାନ ନଭେମ୍ବର 2016 ରେ ପାଇଲା ଉତ୍ତାରୁ ମେସର୍ସ ଗ୍ରୀନ୍‌କୋକୁ ଆଦେଶ ଦେବାର ଥିଲା ।

### *2.2.6.5 ସର୍ବନିମ୍ନ ନିଲାମ ଡକାଳୀକୁ ମନମୁଖୀ ବାତିଲ୍ କରିବା*

ଓଆର୍‌ଇଡିଏ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇ) ରେ ସୋଲାର ଫଟୋ ଭୋଲ୍ଟାଇକ୍ ସୀଷ୍ଟମ ସହିତ ସୌର ଲଣ୍ଠନର ସଂଗ୍ରହଣ, ସଂସ୍ଥାପନ, ପ୍ରାଧିକରଣ ଏବଂ ରକ୍ଷଣାବେକ୍ଷଣ ପାଇଁ ଠିକା ମୂଲ୍ୟରେ ଟେଣ୍ଡର ଆହ୍ୱାନ କରିଥିଲେ (ଜାନୁଆରୀ 2014) । ଓଆର୍‌ଇଡିଏ  ବୈଷୟିକ କାରଣରୁ ମିଳିଥିବା ଆଠଟି ନିଲାମ ଡାକରୁ ଦୁଇଟିକୁ ଖାରଜ କରିଥିଲେ (ଫେବୃଆରୀ 2014) । ଓଆର୍‌ଇଡିଏ ଛଅ ଜଣ ନିଲାମ ଡକାଳୀଙ୍କର ଆର୍ଥିକ ବିଡ୍‌କୁ ଖୋଲିଲେ (ଫେବୃଆରୀ 2014) ଏବଂ ମେସର୍ସ ଜୈନ ଇରିଗେସନର ଲଣ୍ଠନ ପ୍ରତି ମୂଲ୍ୟ 2,820 ଟଙ୍କାକୁ ସର୍ବନିମ୍ନ ଦର୍ଶାଇ ଏକ ତୁଳନାତ୍ମକ ବିବରଣୀ ପ୍ରସ୍ତୁତ କଲେ । ଆର୍ଥିକ କମିଟି[63] ଏହାର ସଭାରେ (24 ଅପ୍ରେଲ 2014 ଅପରାହ୍ନ 3 ଟାରେ) ମେସର୍ସ ଜୈନ ଇରିଗେସନ ସୀଷ୍ଟମ ଲିମିଟେଡ଼ର ଡାକକୁ ସର୍ବନିମ୍ନ ଦର୍ଶାଇ ମଞ୍ଜୁର କଲେ । ଅଡିଟ୍ ସେହି ଆର୍ଥିକ କମିଟିର ଅନ୍ୟ ଏକ ସଭା କାର୍ଯ୍ୟର ବିବରଣୀକୁ ଫାଇଲ୍‌ରୁ ଦେଖିଥିଲା, ଯେଉଁଟିରେ ଏଏଫ୍‌ଏ-କମ୍-ଅଣ୍ଡର ସେକ୍ରେଟାରୀ, ବିଜ୍ଞାନ ଓ ବୈଷୟିକ ଜ୍ଞାନ ବିଭାଗଙ୍କ ବ୍ୟତୀତ ଅନ୍ୟ ସମସ୍ତ ସଦସ୍ୟମାନଙ୍କ ସାକ୍ଷର ହୋଇଥିଲା । ଯେହେତୁ, ଜୈନ ଇରିଗେସନ ମୂଲ୍ୟ ଡାକରେ କର ପ୍ରଯୁଜ୍ୟ ନୁହେଁ ବୋଲି ଉଲ୍ଲେଖ କରିଥିଲା, ଏଣୁ କମିଟି ଏହାର ଆର୍ଥିକ ଡାକକୁ ରଦ୍ଦ କରିବା ପାଇଁ ସୁପାରିଶ କରିଥିଲା । ଅଡିଟ୍ ଯାହାହେଉ, ନଥିରୁ ଦେଖିଥିଲା ଯେ ମେସର୍ସ ଜୈନ ଇରିଗେସନ୍ 24 ଅପ୍ରେଲ 2014 (ଅପରାହ୍ନ 12.48 ରେ) ରେ ସ୍ପଷ୍ଟ କରିଥିଲେ ଯେ ଯେହେତୁ ସେମାନଙ୍କର ଉଲ୍ଲିଖିତ ମୂଲ୍ୟ ସମସ୍ତ କର ଓ ଶୁଳ୍କଯୁକ୍ତ ଥିଲା ତେଣୁ

62 ମେସର୍ସ ଗ୍ରୀନ୍‌କୋ ସୀଷ୍ଟମ୍ ପ୍ରାଇଭେଟ୍ ଲି଼, ମେସର୍ସ ଜୈନ ଇରିଗେସନ, ମେସର୍ସ କୀର୍ତ୍ତି ସୋଲାର ଏବଂ ମେସର୍ସ ଶାନ୍ତି ଆସୋସିଏଟସ୍

63 ଏମ୍‌ଏନ୍‌ଆରଇ ଆଞ୍ଚଳିକ ମୁଖ୍ୟ, ଭୁବନେଶ୍ୱର, ବିଜ୍ଞାନ ଓ ବୈଷୟିକ ଜ୍ଞାନ ବିଭାଗର ଏଏଫ୍‌ଏ-କମ୍-ଅଣ୍ଡର ସେକ୍ରେଟାରୀ, ଓଆର୍‌ଇଡିଏ ର ଉପନିର୍ଦ୍ଦେଶକ(ବୈଷୟିକ), ଓଆରଇଡିଏ ର ମୁଖ୍ୟ ନିର୍ବାହୀଙ୍କୁ ନେଇ ଆର୍ଥିକ କମିଟି ଗଠିତ

ସେମାନେ ଆର୍ଥିକ ବିଡ୍‌ରେ କର ପ୍ରଯୁଜ୍ୟ ନୁହେଁ ବୋଲି ଉଲ୍ଲେଖ କରିଥିଲେ । କିନ୍ତୁ ଆର୍ଥିକ କମିଟି, ଫାର୍ମର ସ୍ପଷ୍ଟୀକରଣକୁ ବିବେଚନା କରିନଥିଲେ ଏବଂ ମୂଲ୍ୟ ଡାକକୁ ଖାରଜ କରିଥିଲେ । ନିବେଦନ ପ୍ରତ୍ୟାଖ୍ୟାନ ହେଲା ପରେ ମେସର୍ସ ଶାନ୍ତି ଦ୍ୱାରା ଉଲ୍ଲେଖ କରାଯାଇଥିବା ଲଣ୍ଠନ ପ୍ରତି ଦର 3,336 ଟଙ୍କା ସର୍ବନିମ୍ନ ହୋଇଥିଲା । ଯେଉଁ ନିଲାମଧାରୀ ମାନେ କମ୍ ଦାମରେ ଯୋଗାଇ ପାରିବେ, ସେମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଆର୍ଥିକ କମିଟି ସୁପାରିଶ କରିଥିଲେ (ଜୁନ୍ 2014) । ଏହାର ଜବାବରେ ଛଅ ଜଣ ନିଲାମ ଡକାଳୀଙ୍କ ମଧ୍ୟରୁ ପାଞ୍ଚ ଜଣ 3,336 ଟଙ୍କା ମୂଲ୍ୟରେ ଲଣ୍ଠନ ଯୋଗାଇବାକୁ ରାଜି ହୋଇଥିଲେ । ଓଆର୍‌ଇଡିଏ 2014-15 ରୁ 2016-17 ମଧ୍ୟରେ 15.17 କୋଟି ଟଙ୍କା ଦେଇ 45,483 ଟି ସୌର ଲଣ୍ଠନ ସଂଗ୍ରହଣ କରିଥିଲେ ।

ଅଡିଟ୍ ଅବଲୋକନ କଲା ଯେ ଆର୍ଥିକ କମିଟିର ବିବରଣୀ ସ୍ୱଚ୍ଛ ଭାବରେ ପ୍ରସ୍ତୁତ ହୋଇନଥିଲା ଯେହେତୁ ଦୁଇଟି ଯାକ ବିବରଣୀ ପରସ୍ପର ବିରୁଦ୍ଧାଚରଣ କରୁଥିଲେ ଯାହାକି ଗୋଟିଏ ବିବରଣୀରେ ମେସର୍ସ ଜୈନ ଇରିଗେସନର ମୂଲ୍ୟ ସର୍ବନିମ୍ନ ଥିଲା ଏବଂ ଅନ୍ୟଟିରେ ମେସର୍ସ ଜୈନର ବିଡ୍‌କୁ ଖାରଜ କରାଯାଇଥିଲା । ମେସର୍ସ ଜୈନର ବିଡ୍‌ର ଖାରଜ ମନମୁଖୀ ଥିଲା ଯେହେତୁ ଶୁଳ୍କ ଉପାଦାନ ଉପରେ ସ୍ପଷ୍ଟୀକରଣ ପାଇଲା ପରେ ଏହା ସ୍ପଷ୍ଟ ହୋଇଥିଲା ଯେ ଫାର୍ମଦ୍ୱାରା ଉଲ୍ଲେଖିତ ମୂଲ୍ୟ ସର୍ବନିମ୍ନ ଥିଲା । ଏଣୁ, ଆର୍ଥିକ କମିଟିର ଭାବାର୍ଥ ବିବରଣୀରେ ସର୍ବନିମ୍ନ ବିଡ୍ ଖାରଜ ହେବା ଏବଂ ଅଧିକ ମୂଲ୍ୟକୁ ଗ୍ରହଣ କରିବା ହେତୁ ଓଆର୍‌ଇଡିଏ 45,483 ଟି ସୌର ଲଣ୍ଠନ ସଂଗ୍ରହଣରେ 2.35 କୋଟି ଟଙ୍କା ଅଧିକ ଖର୍ଚ୍ଚ କରିଥିଲା । ପୁନଶ୍ଚ ମେସର୍ସ ଜୈନ ଇରିଗେସନର ବିଡ୍ ଖାରଜର ଆଧାର ଯଥେଷ୍ଟ ନଥିଲା ଯେହେତୁ ବିଡରର କର ଏବଂ ଶୁଳ୍କ ଉପରେ ସ୍ପଷ୍ଟୀକରଣକୁ ବିଡ୍ ମୂଲ୍ୟାୟନ ସମୟରେ ବିବେଚନା କରାଯାଇ ନଥିଲା ।

ବିଜ୍ଞାନ ଓ ବୈଷୟିକ ଜ୍ଞାନ ବିଭାଗ ଦର୍ଶାଇଥିଲେ (ଡିସେମ୍ବର 2018) ଯେ ଜୈନ ଇରିଗେସନର ସ୍ପଷ୍ଟୀକରଣକୁ କମିଟି ଆଗକୁ ଆଣି ନଥିବାରୁ ସଂପୃକ୍ତ ସହାୟକଙ୍କୁ କୈଫିୟତ ମଗାଯାଇଥିଲା । ଯାହା ହେଉନା କାହିଁକି ବିଷୟଟି ଏପରି ଥିଲା ଯେ ଟେଣ୍ଡର କମିଟି ଅସଂପୂର୍ଣ୍ଣ ଦସ୍ତାବିଜ୍ ଆଧାରରେ ବିଡ୍ ଗୁଡ଼ିକର ମୂଲ୍ୟାୟନ କରିଥିଲେ ଯାହାଫଳରେ ବୈଧ ବିଡ୍ ଗୁଡ଼ିକର ଅନୁପଯୁକ୍ତ ଖାରଜ ହେଲା, ଫଳରେ 2.35 କୋଟି ଟଙ୍କା ଅଧିକ ଖର୍ଚ୍ଚ ହୋଇଥିଲା ।

### 2.2.7 ଅଣସୌର ଶକ୍ତି

#### 2.2.7.1 ଅଣ-ସୌର ଅକ୍ଷୟ ଶକ୍ତି କ୍ରୟ ଅନୁଗ୍ରହ (ଆର୍‌ପିଓ) ଅନୁପାଳନ

ଓଡ଼ିଶା ଅକ୍ଷୟ ଶକ୍ତି ନୀତି, 2016 ଅନୁସାରେ 2022 ସୁଦ୍ଧା ପ୍ରଚଳିତ 108.55 ମେଗାୱାଟ ସହିତ ଅଣସୌର ଦକ୍ଷତା ବୃଦ୍ଧିର ଲକ୍ଷ୍ୟ 550 ମେଗାୱାଟ୍[64] ଥିଲା । ଅଣସୌର ଶକ୍ତିର ଆରପିଓର ଆବଶ୍ୟକତା 2013-14 ରେ 1.60 ପ୍ରତିଶତ ରୁ 2017-18 ରେ 4.5 ପ୍ରତିଶତ ମଧ୍ୟରେ ଥିଲା । ବାର୍ଷିକ ବିଦ୍ୟୁତ୍ ବ୍ୟବହାର ଆଧାରରେ ଗ୍ରୀଡ୍‌କୋ ଦ୍ୱାରା ଅଣସୌର ସମ୍ବଳରୁ ଶକ୍ତି କ୍ରୟ ଅନୁଗ୍ରହ ନିମ୍ନରେ ଦର୍ଶାଗଲା:

*ସାରଣୀ 2.2.3: ଅଣସୌର ଅନୁଗ୍ରହ ଏବଂ ଗ୍ରୀଡ୍‌କୋ ଦ୍ୱାରା ସୌର ଓ ଅଣସୌର ଶକ୍ତିର ଅନୁପାଳନ*

| ବର୍ଷ | ଅଣସୌର ଅନୁଗ୍ରହ ପ୍ରତିଶତ | ଅଣସୌର ଅନୁଗ୍ରହ (ଏମ୍‌ୟୁ) | କ୍ରମବର୍ଦ୍ଧିଷ୍ଣୁ ସଂସ୍ଥାପିତ (ଏମଡବଲ୍ୟୁ) | ଅଣସୌର ଅନୁପାଳନ(ଏମ୍‌ୟୁ) | ଅଣସୌରର ଅନୁପାଳନ ପ୍ରତିଶତ |
|---|---|---|---|---|---|
| 2013-14 | 1.60 | 336.13 | 108.55 | 336.57 | 100 |
| 2014-15 | 1.80 | 424.00 | 108.55 | 286.58 | 68 |
| 2015-16 | 2.50 | 544.23 | 108.55 | 287.1 | 53 |
| 2016-17 | 3.00 | 706.20 | 108.55 | 297.08 | 42 |
| 2017-18 | 4.50 | 1107.09 | 108.55 | 317.79 | 29 |

*(ଉତ୍ସ: ଓଆର୍‌ଇଡିଏ/ଗ୍ରୀଡ୍‌କୋ/ଜିଇଡିସିଓଏଲର ତଥ୍ୟ)*

[64] ପବନ - 200 ମେଗାୱାଟ୍, କ୍ଷୁଦ୍ର - 150 ମେଗାୱାଟ୍, ଜୈବ ବସ୍ତୁ - 180 ମେଗାୱାଟ୍ ଏବଂ ପଟିତରୁ ଶକ୍ତି - 20 ମେଗାୱାଟ୍

2013-14 ରୁ 2017-18 ମଧ୍ୟରେ ଅଣସୌର କ୍ଷମତାରେ କୌଣସି ବୃଦ୍ଧି ହୋଇନଥିଲା । ଅନୁପାଳନ ମଧ୍ୟ 2014-15 ରେ 68 ପ୍ରତିଶତରୁ 2017-18 ରେ 29 ପ୍ରତିଶତକୁ ସୁସଙ୍ଗତ ଭାବରେ ହ୍ରାସ ପାଇଥିଲା । ଅକ୍ଷୟ ଶକ୍ତି ନୀତି, 2016 ରେ ନିମ୍ନ ବୃଦ୍ଧି ମନନ କରାଯାଇଥିଲା (ମେଗାୱାଟରେ): ବାୟୁ– 200, କ୍ଷୁଦ୍ର ଜଳ–150, ଜୈବ ବସ୍ତୁ-180, ଶକ୍ତି ଅପଚୟ (ଡବ୍ଲୁଟିଇ)-20 । 2013-14 ଠାରୁ ସରକାର ପ୍ରଚଳିତ କ୍ଷମତାର କୌଣସି ବୃଦ୍ଧି କରି ନଥିଲେ ।

### 2.2.7.2 ପବନ ଶକ୍ତି

ଅକ୍ଷୟ ଶକ୍ତି ନୀତି, 2016 ଅନୁସାରେ 2022 ସୁଦ୍ଧା ପବନ ଶକ୍ତି ଉତ୍ପାଦନ ପାଇଁ ରାଜ୍ୟ 200 ମେଗାୱାଟ୍ କ୍ଷମତା ବିଶିଷ୍ଟ ପ୍ଲାଣ୍ଟ ସଂସ୍ଥାପନ କରିବାର ଥିଲା । ଏହି ତୁଳନାରେ, ଜୁଲାଇ 2018 ସୁଦ୍ଧା କୌଣସି କ୍ଷମତା ବୃଦ୍ଧି କରାଯାଇ ନଥିଲା । ଅଡିଟ୍ ନିମ୍ନ ପ୍ରକାରେ ଅବଲୋକନ କରିଥିଲା:

- ***ଜାତୀୟ ବାୟୁ ସମ୍ବଳ ନିର୍ଦ୍ଧାରଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ନହେବା*** : ବାୟୁ ସମ୍ବଳ ନିର୍ଦ୍ଧାରଣ ପାଇଁ ବାୟୁ ଶକ୍ତି ପ୍ରଯୁକ୍ତି କେନ୍ଦ୍ର (ସିଡବ୍ଲୁଇଟି), ପବନ ପର୍ଯ୍ୟାଲୋଚନା ସ୍ଥାନ (ଡବ୍ଲୁଏମ୍ଏସ୍) ସଂସ୍ଥାପନ ପାଇଁ 20 ଟି ସ୍ଥାନ ନିରୂପଣ କରିଥିଲେ (2011-13) । ଓଆର୍ଇଡିଏ 1.63 କୋଟି[65] ଟଙ୍କା ଖର୍ଚ୍ଚରେ 10 ଟି ସ୍ଥାନରେ ଡବ୍ଲୁଏମ୍ଏସ୍ ସଂସ୍ଥାପନ କରିଥିଲେ (2011-15) । ସିଡବ୍ଲୁଇଟି ଗୋଟିଏ ସ୍ଥାନ[66]ରେ ବାୟୁ ପ୍ରକଳ୍ପ ଏବଂ ଦୁଇଟି ସ୍ଥାନ[67]ରେ ହାଇବ୍ରିଡ୍ ପଦ୍ଧତି ସ୍ଥାପନ ପାଇଁ ମଞ୍ଜୁରୀ ଦେଇଥିଲେ (ଜୁଲାଇ 2015) । ଯାହାହେଉ ପଛେ ଜୁଲାଇ 2018 ବେଳକୁ ସମ୍ଭାବ୍ୟ ସ୍ଥାନରୁ ମଞ୍ଜୁରୀ ଦୁଇ ବର୍ଷରୁ ଅଧିକ ବିତି ଯାଇଥିଲେ ମଧ୍ୟ ଓଆର୍ଇଡିଏ ଫାର୍ମ ବାଛିବା ପାଇଁ ଆଗ୍ରହ ଅଭିବ୍ୟକ୍ତି ଆହ୍ୱାନ କରିନଥିଲେ ।

ବିଜ୍ଞାନ ଓ ବୈଷୟିକ ଜ୍ଞାନ ବିଭାଗ ଦର୍ଶାଇଥିଲେ (ଡିସେମ୍ବର 2018) ଯେ ପାରାଦୀପ ସମୁଦ୍ର କୂଳରେ ଥିବାରୁ ଏବଂ ବାତ୍ୟା ପ୍ରବଣ ବିଘ୍ନାଞ୍ଚଳ ହୋଇଥିବାରୁ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିର ନିରାପତ୍ତା ପାଇଁ ଅତିରିକ୍ତ ପାଣ୍ଠି ଦରକାର ହେବ । ଆହୁରି ମଧ୍ୟ ଦର୍ଶାଇଥିଲେ ଯେ ବାୟୁ ଶକ୍ତି ଉତ୍ପାଦନ ପାଇଁ ଓଡ଼ିଶା ଏକ ଅଣ-ବାୟୁ ପ୍ରବାହିତ ରାଜ୍ୟ ରୂପେ ପରିଗଣିତ କାରଣ ଏମ୍ଏନ୍ଆର୍ଇ ଦ୍ୱାରା 2022 ପର୍ଯ୍ୟନ୍ତ ରାଜ୍ୟ ଅନୁଯାୟୀ ସମଗ୍ର ଦେଶ ପାଇଁ ଆବଣ୍ଟନ କରାଯାଇଥିବା 60,000 ମେଗାୱାଟ୍‌ର ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ଓଡ଼ିଶା ପାଇଁ କୌଣସି ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ନଥିଲା । ଏକଥା ସତ୍ୟ ଯେ ଅକ୍ଷୟ ଶକ୍ତି ନୀତି, 2016 ଅଧିନରେ ବାୟୁ ଉତ୍ସରୁ 200 ମେଗାୱାଟ୍ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ।

### 2.2.7.3 କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ(ଏସ୍ଏଚ୍ଇପି)

2009 ପର୍ଯ୍ୟନ୍ତ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ(ଏସ୍ଏଚ୍ଇପି)ର ଉତ୍ପାଦ କ୍ଷମତା 58.15 ମେଗାୱାଟ୍ ଥିଲା । ଅକ୍ଷୟ ଶକ୍ତି ନୀତି, 2016 ଅନୁସାରେ 2022 ସୁଦ୍ଧା ରାଜ୍ୟ 150 ମେଗାୱାଟ୍ କ୍ଷମତା ସୃଷ୍ଟି କରିବାର ଥିଲା । ଏଥିରେ ଜୁଲାଇ 2018 ସୁଦ୍ଧା କୌଣସି କ୍ଷମତା ବୃଦ୍ଧି ହୋଇ ନଥିଲା ।

ଅଡିଟ୍ ଦେଖିଲା ଯେ ଓଡ଼ିଶା ସରକାର ସୂକ୍ଷ୍ମ/ ଅତି କ୍ଷୁଦ୍ର/ କ୍ଷୁଦ୍ର[68] ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ 2003 ରେ ଏକ କାର୍ଯ୍ୟ ପଦ୍ଧତି ପ୍ରଣୟନ କରିଥିଲେ । କାର୍ଯ୍ୟ ପଦ୍ଧତି ଅନୁସାରେ, ପ୍ରତିବର୍ଷ (ଜାନୁଆରୀ) ସମ୍ଭାବ୍ୟ ଏସ୍ଏଚ୍ଇପି ପାଇଁ ବିକାଶକ ଖୋଜିବା ପାଇଁ ବିଜ୍ଞାପନ ବାହାର କରିବେ । ଏହାଛଡ଼ା ଇଚ୍ଛୁକ ବିକାଶକମାନେ ସମ୍ଭାବ୍ୟ ସ୍ଥାନର ଚିହ୍ନଟ, ଅନୁସନ୍ଧାନ ଓ ପ୍ରାକ୍ ସମ୍ଭାବନା ରିପୋର୍ଟ ପ୍ରସ୍ତୁତ କରିପାରନ୍ତି ଏବଂ ସରକାରଙ୍କର ମଞ୍ଜୁର ଲୋଡ଼ିପାରନ୍ତି । ଯଦି ଗୋଟିଏ ଆବଣ୍ଟିତ ପ୍ରକଳ୍ପ ଅକ୍ଷୟ ଶକ୍ତି ନୀତି, 2016 ଅଧିସୂଚନାର ଛଅ ମାସ ମଧ୍ୟରେ

65 ସିଡବ୍ଲୁଇଟି (ଜାତୀୟ ପବନ ଶକ୍ତି ଅନୁଷ୍ଠାନ ଭାବରେ ପୁନଃ ନାମିତ) 0.64 କୋଟି ଏବଂ ଓଡ଼ିଶା ସରକାର: 0.99 କୋଟି

66 ପାରାଦୀପ (ଜଗତସିଂହପୁର)

67 ଧିଳିପଣବନ୍ଧ (ରାୟଗଡ଼ା) ଏବଂ ପାରାଦୀପ (ଜଗତସିଂହପୁର)

68 ସମସ୍ତ ସଂସ୍ଥାପିତ କ୍ଷମତା ସହିତ ଜଳ ବିଦ୍ୟୁତ୍ ବ୍ୟବସ୍ଥା 100 କିଲୋୱାଟ୍ ପର୍ଯ୍ୟନ୍ତ (ସୂକ୍ଷ୍ମ), 2000 କିଲୋୱାଟ୍ (ମିନି), 25 ମେଗାୱାଟ୍ (କ୍ଷୁଦ୍ର)

ଆର୍ଥିକ ସମାପ୍ତି ହାସଲ କରିବାରେ ବିଫଳ ହୁଅନ୍ତି, ଏହା ରଦ୍ଦ ହେବା ପାଇଁ ଦାୟୀ ରହିବେ । ଏହି ପରିପ୍ରେକ୍ଷୀରେ ଅଡିଟ୍ ନିମ୍ନ ପ୍ରକାରେ ଅବଲୋକନ କରିଥିଲା:

- ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି) 2013-14 ପୂର୍ବରୁ ଏସ୍‌ଏଚ୍‌ଇପି ଗୁଡ଼ିକ ପାଇଁ 69 ଟି ସମ୍ଭାବ୍ୟ ସ୍ଥାନ ନିରୂପଣ କରିଥିଲେ । ସରକାର ଛଅ ଜଣ[69] ବିକାଶକଙ୍କ ସହ ବୁଝାମଣା ସ୍ମାରକ ପତ୍ର ସ୍ୱାକ୍ଷର କରିଥିଲେ (ସେପ୍ଟେମ୍ବର 2005 ରୁ ଅକ୍ଟୋବର 2016) । ଏହା ପରେ ସଂପୃକ୍ତ ବିକାଶକଙ୍କ ଦ୍ୱାରା ଆର୍ଥିକ ସମାପ୍ତି ବିଫଳ ହେବାରୁ ଇଆଇସି ପାଞ୍ଚଟି ବୁଝାମଣା ପତ୍ର ରଦ୍ଦ କରିବା ପାଇଁ ସୁପାରିଶ କଲେ (ମଇ 2018) । ଅବଶିଷ୍ଟ ଗୋଟିଏ[70] ପ୍ରକଳ୍ପ ଓଡ଼ିଶା ସରକାରଙ୍କର ଜଳ ସଂପଦ ବିଭାଗର ମଞ୍ଜୁରୀ ପାଇଁ ଜୁଲାଇ 2018 ପର୍ଯ୍ୟନ୍ତ ପଡ଼ିରହିଥିଲା । ଇଆଇସି ଅବଶିଷ୍ଟ 63 ଟି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ କୌଣସି ପଦକ୍ଷେପ ନେଇ ନଥିଲେ, ଯାହାର କାରଣ ସଂପର୍କରେ କୌଣସି ନଥିପତ୍ର ନଥିଲା ।

- ସ୍ୱଚିହ୍ନିତ ପ୍ରକଳ୍ପ ପରିପ୍ରେକ୍ଷୀରେ ବିକାଶକମାନେ 114ଟି ପ୍ରକଳ୍ପ ପାଇଁ ଇଚ୍ଛା ପ୍ରକାଶ କରିଥିଲେ । 102[71] ଟି ପ୍ରକଳ୍ପର ଦରଖାସ୍ତ ରଦ୍ଦ ହୋଇଥିଲା/ ରଦ୍ଦ ପାଇଁ ସୁପାରିଶ ହୋଇଥିଲା (ଜୁଲାଇ 2013 ରୁ ମଇ 2018), ଯେହେତୁ ବିକାଶକମାନେ ଅକ୍ଷୟ ଶକ୍ତି ନୀତି 2016 ଜାରି ହେବାର ଛଅ ମାସ ମଧ୍ୟରେ ଆର୍ଥିକ ସମାପ୍ତି ହାସଲ କରିବାରେ ବିଫଳ ହୋଇଥିଲେ । ଦୁଇଟି[72] ପ୍ରକଳ୍ପ ପ୍ରଗତି ପଥରେ ଥିଲେ ଏବଂ ଅବଶିଷ୍ଟ 10[73] ଟି ପ୍ରକଳ୍ପ ନିର୍ବହିତ ହେଲା ନାହିଁ କାରଣ ଜୁଲାଇ 2018 ସୁଦ୍ଧା ଇଆଇସିଙ୍କ ଦ୍ୱାରା ପରବର୍ତ୍ତୀ ନିଷ୍ପତ୍ତି ଅନୁସାରେ ଏଗୁଡ଼ିକୁ ବହୁମୁଖୀ ପ୍ରକଳ୍ପ ଭାବରେ ନିର୍ବାହ କରିବା ପାଇଁ ନିକାସ ହାସଲ ହୋଇ ନଥିଲା, ଡିପିଆର୍ ପ୍ରାପ୍ତ ହୋଇନଥିଲା ।

ଏହା ଉପରୋକ୍ତ କଥାରୁ ସ୍ପଷ୍ଟ ହେଲା ଯେ ଓଡ଼ିଶା ସରକାରଙ୍କର ଜଳ ସମ୍ବଳକୁ ବ୍ୟବହାର କରିବା ଦିଗରେ ଚେଷ୍ଟା କମ୍ ଥିଲା । ଯାହାଫଳରେ 2009 ପରେ କୌଣସି କ୍ଷମତା ବୃଦ୍ଧି ହୋଇ ନଥିଲା । ବିଜ୍ଞାନ ଓ ବୈଷୟିକ ଜ୍ଞାନ ବିଭାଗ ଉତ୍ତରରେ (ଡିସେମ୍ବର 2018) ରାଜ୍ୟ ବୈଷୟିକ କମିଟିର ପ୍ରକଳ୍ପର ପ୍ରସ୍ତାବ ମଞ୍ଜୁରୀରେ ବିଳମ୍ବ ଏବଂ ବିକାଶକଙ୍କର ଏସ୍‌ଟିସି ର ଅନୁପାଳନରେ ବିଳମ୍ବ ଦ୍ୱାରା ଏହା ହେଲା ବୋଲି ଗ୍ରହଣ କରିଥିଲେ ।

### 2.2.7.4 ଜୈବ ବସ୍ତୁ

ଅକ୍ଷୟ ଶକ୍ତି ନୀତି, 2016 ଅନୁସାରେ 2022 ସୁଦ୍ଧା ରାଜ୍ୟ 180 ମେଗାୱାଟ୍ କ୍ଷମତା ବିଶିଷ୍ଟ ଜୈବ ବସ୍ତୁ ପ୍ଲାଣ୍ଟ୍ ସଂସ୍ଥାପନ କରିବାର ଥିଲା । 2013 ରେ ସ୍ଥାପିତ 50.4 ମେଗାୱାଟ୍ କ୍ଷମତା ସହ 2015-18 ମଧ୍ୟରେ ଆଉ କିଛି ବୃଦ୍ଧି ହୋଇ ନଥିଲା । ଏହା ଦେଖାଗଲା ଯେ ସମ୍ବଳ ନିର୍ଦ୍ଧାରଣ ଅଧ୍ୟୟନ ଏବଂ ଜୈବ ବସ୍ତୁ ଚାଳିତ ଶକ୍ତି ପ୍ରକଳ୍ପର ଉନ୍ନତି ନିମନ୍ତେ ଜମିଥିବା ବର୍ଷା ପାଣି ଚିହ୍ନଟ ପାଇଁ ଓଡ଼ିଶା ସରକାର ଓଆର୍‌ଇଡିଏ କୁ 3.50 କୋଟି ଟଙ୍କା ଦେଇଥିଲେ (ମାର୍ଚ୍ଚ 2014) । ଏହି ଦିଗରେ ଓଆର୍‌ଇଡିଏ କୌଣସି ପଦକ୍ଷେପ ନେଇନଥିଲେ । ଫଳରେ ଜୈବ ବସ୍ତୁରୁ ବିଦ୍ୟୁତ୍ ଉତ୍ପାଦନରେ କୌଣସି କ୍ଷମତା ବୃଦ୍ଧି ହୋଇନଥିଲା ଏବଂ ସମସ୍ତ ରାଶି ଖର୍ଚ୍ଚ ନହୋଇ ପଡ଼ିରହିଥିଲା (ଜୁଲାଇ 2018) ।

ରାଜ୍ୟ ସରକାର ଦର୍ଶାଇଲେ (ଡିସେମ୍ବର 2018) ଯେ ଜୈବ ବସ୍ତୁ କ୍ଷେତ୍ରରେ ମଧ୍ୟ ଏମ୍‌ଏନ୍‌ଆର୍‌ଇ ସମଗ୍ର ଦେଶ ପାଇଁ ବଣ୍ଟନ କରିଥିବା 10,000 ମେଗାୱାଟ୍ ରୁ ଓଡ଼ିଶାକୁ କୌଣସି ଲକ୍ଷ୍ୟ ଦେଇନଥିଲେ ଯାହା ସୂଚିତ କରୁଥିଲା ଯେ ଓଡ଼ିଶା ଜୈବ ବସ୍ତୁ କ୍ଷେତ୍ରରେ କମ୍ ସମ୍ଭାବ୍ୟ ଥିବା ରାଜ୍ୟ । ଯାହାହେଉ ଧାନକଳ ମାଲିକମାନଙ୍କୁ ଆବଦ୍ଧ କୁଣ୍ଡା ଆଧାରିତ ଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ଉତ୍ସାହିତ କରାଯାଇଥିଲା । ଛଅଟି ଧାନକଳ ମାଲିକ ନିଜର ବ୍ୟବହାର ପାଇଁ ମୋଟ 3.415 ମେଗାୱାଟ କ୍ଷମତା ବିଶିଷ୍ଟ ଜୈବ ବସ୍ତୁ ଶକ୍ତି ପ୍ରକଳ୍ପ କୁଣ୍ଡା ଆଧାରରେ

---

69 କାନପୁର, ଲୋୟର ଇନ୍ଦ୍ର, ବଂଝାରୀ, ଇନ୍ଦ୍ରାବତୀ, ରାଣୀତୁର୍ଗା , ହାତୀପଥର

70 ଇନ୍ଦ୍ରାବତୀ

71 ରଦ୍ଦ: 82, ରଦ୍ଦ ପାଇଁ ସୁପାରିଶ: 20

72 ଲୋୟର ବୈତରଣୀ ଓ ସପ୍ତଧାରା

73 ଖରାଗ-I, II, II ଏ ଏବଂ III, ସାଲ୍‌କି-I, II ଏବଂ III, ଛେଳିଗଡ, ଡୁମାଝରି ଏବଂ ବରଗଡ଼ ମୁଖ୍ୟ ନିୟାମକ

ସ୍ଥାପନ କରିଥିଲେ । ଏକଥା ସତ୍ୟ ଯେ ଅକ୍ଷୟ ଶକ୍ତି ନୀତି, 2016 ଅଧିନରେ ଜୈବ ବସ୍ତୁରୁ 180 ମେଗାୱାଟ୍ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ।

### 2.2.7.5 ବର୍ଜ୍ୟ ବସ୍ତୁ ଶକ୍ତି (ଡବ୍ଲୁଟିଇ)

ଅକ୍ଷୟ ଶକ୍ତି ନୀତି, 2016 ଅନୁସାରେ 2022 ସୁଦ୍ଧା ରାଜ୍ୟ ବର୍ଜ୍ୟ ବସ୍ତୁରୁ 20 ମେଗାୱାଟ୍ କ୍ଷମତା ବିଶିଷ୍ଟ ଶକ୍ତି ଉତ୍ପାଦନ କରିବାର ଥିଲା । ଏହି ବିପକ୍ଷରେ ଜୁଲାଇ 2018 ସୁଦ୍ଧା କୌଣସି କ୍ଷମତା ବୃଦ୍ଧି ହୋଇପାରି ନଥିଲା ।

ଅକ୍ଷୟ ଶକ୍ତି ନୀତିରୁ ଏହା ଦେଖାଗଲା ଯେ ପୌର ସଂସ୍ଥାମାନେ ପ୍ରକଳ୍ପ ବିକାଶକ ବାଛିବେ ଏବଂ ପ୍ରକଳ୍ପ ଆବଣ୍ଟନ କରିବେ । ଓଆର୍‌ଇଡିଏ ପୌରସଂସ୍ଥା ସହ ଯୋଗସୂତ୍ର ରକ୍ଷାକରି ବିକାଶକମାନଙ୍କୁ କଠିନ ବର୍ଜ୍ୟବସ୍ତୁ ଯୋଗାଣରେ ସହାୟତା କରିବେ । ରାଜ୍ୟର 112 ପୌରସଂସ୍ଥାରୁ କୌଣସି ଗୋଟିଏ ସଂସ୍ଥା ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ ପାଇଁ ପ୍ଲାଣ୍ଟ ପ୍ରତିଷ୍ଠା କରିନଥିଲେ । ଭୁବନେଶ୍ୱର ମହାନଗର ନିଗମ (ମଇ 2014) ସହଭାଗିତା ଭିତ୍ତିରେ 11.5 ମେଗାୱାଟ୍ କ୍ଷମତା ବିଶିଷ୍ଟ ପ୍ଲାଣ୍ଟ୍ ସ୍ଥାପନ ପାଇଁ ମେସର୍ସ ଏସେଲ ଇନ୍‌ଫ୍ରା ପ୍ରୋଜେକ୍ଟ ଲିମିଟେଡ୍ ସହ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ ଯାହାକି ସ୍ଥାନୀୟ ଲୋକମାନଙ୍କ ବିରୋଧ ଯୋଗୁଁ ସ୍ଥାପନ ହୋଇପାରି ନଥିଲା । ଭୁବନେଶ୍ୱର ମହାନଗର ନିଗମ ମଧ୍ୟ ପ୍ଲାଣ୍ଟ ସ୍ଥାପନ ପାଇଁ କୌଣସି ବିକଳ୍ପ ସ୍ଥାନ ଚିହ୍ନଟ କରିନଥିଲେ ।

ଏଣୁ, ଭୁବନେଶ୍ୱର ମହାନଗର ନିଗମ ପ୍ଲାଣ୍ଟ ପାଇଁ ସ୍ଥାନି ନିରୂପଣ କରିବାରେ ବିଫଳ ହେବାରୁ ବର୍ଜ୍ୟ ବସ୍ତୁ ଶକ୍ତି ଉତ୍ପାଦନ ଲକ୍ଷ୍ୟ ପୂରଣ ହୋଇପାରି ନଥିଲା । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସଂପର୍କରେ କୌଣସି ଉତ୍ତର ପ୍ରଦାନ କରିନଥିଲେ ।

### 2.2.8 ଉପସଂହାର

ସର୍ବାଧିକ ବିଦ୍ୟୁତ୍ ବ୍ୟବହାରକାରୀମାନଙ୍କ ପାଇଁ ସ୍ଥିରୀକୃତ ହୋଇଥିବା ବାଧ୍ୟତାମୂଳକ ଅକ୍ଷୟ ଶକ୍ତି କ୍ରୟ କେବଳ 2014-15 ଓ 2015-16 ରେ ସୌର ଶକ୍ତି କ୍ଷେତ୍ରରେ ଏବଂ 2013-14 ରେ ଅଣସୌର ଶକ୍ତି କ୍ଷେତ୍ରରେ ଅନୁପାଳନ ହୋଇପାରିଥିଲା । ଅନୁଗ୍ରହର ଅନୁପାଳନ କରିବାକୁ ବହୁଳ ଉପଭୋକ୍ତାଙ୍କୁ ଚିହ୍ନିତ କରିବାକୁ ପ୍ରୋଟୋକଲ ଚୂଡ଼ାନ୍ତ ନହେବା ଅନୁପାଳନ ନ ହେବାର ମୁଖ୍ୟ କାରଣ ଥିଲା ।

ରାଜ୍ୟର ଅକ୍ଷୟ ଶକ୍ତି ନୀତିରେ 2022 ସୁଦ୍ଧା ଅକ୍ଷୟ ଶକ୍ତି ବୃଦ୍ଧି କ୍ଷମତା 2,750 ମେଗାୱାଟ୍ ଧାର୍ଯ୍ୟ କରାଯାଇଥିଲା । ଏହି ଦିଗରେ 2018 ଶେଷ ସୁଦ୍ଧା ରାଜ୍ୟର ଅକ୍ଷୟ ଶକ୍ତିର କ୍ଷମତା 195 ମେଗାୱାଟ୍‌ରେ ସ୍ଥିର ରହିଲା, ଯାହାକି ଲକ୍ଷ୍ୟର 7.09 ପ୍ରତିଶତ ଥିଲା । ଅକ୍ଷୟ ଶକ୍ତି କ୍ଷମତା (195 ମେଗାୱାଟ୍) ରାଜ୍ୟର ସମସ୍ତ ଅକ୍ଷୟ ଶକ୍ତିର ଉତ୍ପାଦନ କ୍ଷମତା ଓ ଅଣ ଅକ୍ଷୟ ଶକ୍ତି (7,338 ମେଗାୱାଟ୍) କ୍ଷମତାର 2.66 ପ୍ରତିଶତ ଥିଲା ।

ଯଦିଓ ଓଡିଶା ସରକାର 2022 ସୁଦ୍ଧା ସୌର ଶକ୍ତି ଦକ୍ଷତା ବୃଦ୍ଧିର ଲକ୍ଷ୍ୟ 2,200 ମେଗାୱାଟ୍ ରଖିଥିଲେ ଏହା 2018 ଶେଷ ସୁଦ୍ଧା କେବଳ 71.75 ମେଗାୱାଟ୍ କ୍ଷମତା ହାସଲ କରିପାରିଥିଲା । ଉପଯୁକ୍ତ ସ୍ଥାନ ନିରୂପଣ କରିବାରେ ଅସୁବିଧା ପାଇଁ, ମଞ୍ଜୁରୀ ପାଇବାର 34 ମାସ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାର 650 ମେଗାୱାଟର ଅତି ବୃହତ ସୌର ଶକ୍ତି ପ୍ରକଳ୍ପ କରିବାରେ ବିଫଳ ହୋଇଥିଲେ । କେନ୍ଦ୍ରୀୟ ସହାୟତା ରାଶି 38.10 କୋଟି ଟଙ୍କା ତିନି ବର୍ଷ ଧରି ବିନିଯୋଗ ହୋଇନପାରି (ଜୁଲାଇ 2018) ରହିଥିଲେ ମଧ୍ୟ ଜିଇଡିସିଓଏଲ୍ ର ନିଷ୍କ୍ରିୟତା ଯୋଗୁ ପ୍ରସ୍ତାବିତ ସୌର ଶକ୍ତି ପ୍ଲାଣ୍ଟ ସ୍ଥାପିତ ହୋଇପାରି ନଥିଲା । ସୌର ସହର ଏବଂ ଆଦର୍ଶ ସୌର ସହର କାର୍ଯ୍ୟକ୍ରମ ରାଜ୍ୟରେ ଯଥାକ୍ରମେ ସେପ୍ଟେମ୍ବର 2011 ଏବଂ ଅକ୍ଟୋବର 2015 ଠାରୁ କାର୍ଯ୍ୟକାରୀ ହୋଇପାରିନଥିଲା ।

ଅକ୍ଷୟ ଶକ୍ତି ନୀତି 2022 ସୁଦ୍ଧା ପବନ ଶକ୍ତିରୁ 200 ମେଗାୱାଟ୍, କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପରୁ 150 ମେଗାୱାଟ୍ ଏବଂ ବର୍ଜ୍ୟ ବସ୍ତୁରୁ 180 ମେଗାୱାଟ୍ ଶକ୍ତିର ଉତ୍ପାଦନ କରିବା ପାଇଁ ମନନ କରିଥିଲା । ଯାହା

ହେଉନା କାହିଁକି ଶକ୍ତି ବିଭାଗ ଓ ଓଆର୍‌ଇଡିଏ ର ପ୍ରଚେଷ୍ଟା ଅଭାବରୁ କୌଣସି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରି ନଥିଲା ।

ସାରକଥା ହେଲା, 2022 ସୁଦ୍ଧା 2,750 ମେଗାୱାଟ୍ ପର୍ଯ୍ୟନ୍ତ ଅକ୍ଷୟ ଶକ୍ତି ବୃଦ୍ଧି ଏକ ସୁଦୂର ଲକ୍ଷ୍ୟ ଭାବରେ ରହିଯାଇଥିଲା । ଉପରୋକ୍ତ ତଥ୍ୟରୁ ଏହା ଜଣାଗଲା ଯେ ଅକ୍ଷୟ ଶକ୍ତି ଅନ୍ୱେଷଣରେ 29 ଟି ରାଜ୍ୟ ମଧ୍ୟରେ ଓଡ଼ିଶା 21 ତମ ସ୍ଥାନରେ ରହିଥିଲା ।

## ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ

### 2.3 ଇନ୍‌ଫୋସିଟି-II-ଆଇଟି-ଏସ୍‌ଇଜେଡ୍‌ର ବିକାଶ

ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (ଏସ୍‌ଇଜେଡ୍) ଅଧିନିୟମ, 2005 ଅନୁସାରେ ଏସ୍‌ଇଜେଡ୍ ବ୍ୟାପାରିକ କ୍ରିୟାକଳାପ କରିବା ପାଇଁ ଭିନ୍ନ ନୀତି ନିୟମ ଦ୍ୱାରା ପରିଚାଳିତ ବିଶେଷଭାବେ ଚିହ୍ନିତ ଏକ ଅଞ୍ଚଳ । କର, ସେସ୍, ଆମଦାନୀ, ରପ୍ତାନି ଇତ୍ୟାଦିରେ ରିହାତି/ଛାଡ଼ ଦ୍ୱାରା ବ୍ୟବସାୟ ଏବଂ ବାଣିଜ୍ୟ ବଢ଼ାଇବା ହିଁ ଏସ୍‌ଇଜେଡ୍ ସ୍ଥାପନ କରିବାର ଉଦ୍ଦେଶ୍ୟ । ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ), ରାଜ୍ୟରେ ଶିଳ୍ପ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟତଃ ଦାୟୀ । ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି (ଇଆଣ୍ଡଆଇଟି) ବିଭାଗ, ଇଡ୍‌କୋକୁ ସୂଚନା ପ୍ରଯୁକ୍ତି (ଆଇଟି) ଭିତ୍ତିକ, ଇନ୍‌ଫୋସିଟି-II-ଆଇଟି-ଏସ୍‌ଇଜେଡ୍ ନାମକ ଏକ ଏସ୍‌ଇଜେଡ୍ ସ୍ଥାପନ କରିବାକୁ ଅନୁରୋଧ କରିଥିଲେ (ମଇ 2006) । ତଦନୁସାରେ, ଇଡ୍‌କୋ ଭାରତ ସରକାରଙ୍କୁ ଭୁବନେଶ୍ୱରରେ ବିଶେଷ ଭାବରେ ଆଇଟି ଶିଳ୍ପ ପାଇଁ ଏସ୍‌ଇଜେଡ୍ ସ୍ଥାପନ ପାଇଁ ଅନୁମୋଦନ ଦେବାକୁ ଅନୁରୋଧ କରିଥିଲେ (ଅଗଷ୍ଟ 2006)। ରାଜ୍ୟକୁ ଆଇଟି କ୍ଷେତ୍ରରେ ନିବେଶକୁ ଆକୃଷ୍ଟ କରିବା, 28,000 ର ପ୍ରତ୍ୟକ୍ଷ/ ପରୋକ୍ଷ ରୋଜଗାର ସୁଯୋଗ ସୃଷ୍ଟି କରିବା ଏବଂ 2019 ସୁଦ୍ଧା 6,600 କୋଟି ଟଙ୍କାର ରପ୍ତାନି ଲକ୍ଷ୍ୟ ହାସଲ କରିବା ଆଇଟି ଏସ୍‌ଇଜେଡ୍ ସ୍ଥାପନ କରିବାର ଉଦ୍ଦେଶ୍ୟ ଥିଲା ।

ଭାରତ ସରକାର ଏସ୍‌ଇଜେଡ୍ ସ୍ଥାପନ ନିମନ୍ତେ ଅନୁମୋଦନ (ଅକ୍ଟୋବର 2006) ଦେବା ସମୟରେ ନିର୍ଦ୍ଧାରଣ କରିଥିଲେ ଯେ ପ୍ରକଳ୍ପଟି ତିନି ବର୍ଷ ଯଥା-ଅକ୍ଟୋବର 2009 ମଧ୍ୟରେ ସମାପ୍ତ ହେବ ଏବଂ ଏହି ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ଏସ୍‌ଇଜେଡ୍‌ର ଅତିକମରେ ଗୋଟିଏ ୟୁନିଟ୍ ଉତ୍ପାଦନ ଆରମ୍ଭ କରିବ । ଭାରତ ସରକାର, ଯାହାହେଉ, ଇଡ୍‌କୋର ଅନୁରୋଧ କ୍ରମେ ଏହି ସମୟ ସୀମାକୁ ଅପ୍ରେଲ 2015 ପର୍ଯ୍ୟନ୍ତ ବଢ଼ାଇ ଦେଇଥିଲେ ଯେହେତୁ ଅକ୍ଟୋବର 2009 ମଧ୍ୟରେ ଭୂମି ଅଧିଗ୍ରହଣ କାର୍ଯ୍ୟକ୍ରମର ସମାପ୍ତ ଏବଂ ଏସ୍‌ଇଜେଡ୍‌ରେ ବ୍ୟବସାୟ କାର୍ଯ୍ୟ ଆରମ୍ଭ ସମ୍ଭବ ନଥିଲା । ଏକ ସ୍ଥାନରେ ଥିବା 262.57 ଏକର ଜମି ଅଧିଗ୍ରହଣ ପରେ, ଇଡ୍‌କୋର ଅନୁରୋଧ କ୍ରମେ ଭାରତ ସରକାର ଜାନୁଆରୀ 2011 ରେ ଏସ୍‌ଇଜେଡ୍‌କୁ ଅଧିସୂଚିତ କରିଥିଲେ । ଇଆଣ୍ଡଆଇଟି ବିଭାଗ (ଓଡ଼ିଶା ସରକାର), ଭୂମି ମୂଲ୍ୟ ଏବଂ ଭିତ୍ତିଭୂମିର ନିର୍ମାଣ ଯଥା-ରାସ୍ତା, ପାଚେରୀ. ଜଳ ଯୋଗାଣ ସୁବିଧା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଇତ୍ୟାଦି ପାଇଁ ଇଡ୍‌କୋକୁ 2008-18 ମଧ୍ୟରେ 150 କୋଟି ଟଙ୍କା ପ୍ରଦାନ କରିଥିଲେ । ମାର୍ଚ୍ଚ 2018 ସୁଦ୍ଧା ଇଡ୍‌କୋ ଏହି ସମସ୍ତ ଟଙ୍କା[74] ଖର୍ଚ୍ଚ କରିସାରିଥିଲେ ।

ଇନ୍‌ଫୋସିଟି-II ଆଇଟି ଏସ୍‌ଇଜେଡ୍‌ର ବିକାଶର ଅବସ୍ଥିତି ଏବଂ ପରିକଳ୍ପିତ ଉଦ୍ଦେଶ୍ୟରେ ଉପଲବ୍ଧତାକୁ ବିଚାର କରିବା ପାଇଁ ଜୁନ୍ ଠାରୁ ଅଗଷ୍ଟ 2018 ମଧ୍ୟରେ ଇଆଣ୍ଡଆଇଟି ବିଭାଗର ସମୀକ୍ଷା କରାଯାଇଥିଲା । ସମୀକ୍ଷା ସିଦ୍ଧାନ୍ତଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦରେ ବର୍ଣ୍ଣନା କରାଗଲା ।

---

[74] ଜମି ଅଧିଗ୍ରହଣ/ ହସ୍ତାନ୍ତର (75.42 କୋଟି ଟଙ୍କା), ଭିତ୍ତିଭୂମିର ନିର୍ମାଣ ଯଥା-ରାସ୍ତା, ପାଚେରୀ (31.79 କୋଟି ଟଙ୍କା), ଜଳ ଯୋଗାଣ ସୁବିଧା (1.04 କୋଟି ଟଙ୍କା), ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ (47.19 କୋଟି ଟଙ୍କା), ଏବଂ ପ୍ରାରମ୍ଭିକ ଖର୍ଚ୍ଚ (5.15 କୋଟି ଟଙ୍କା). ଅତିରିକ୍ତ ପାଣ୍ଠି (10.59 କୋଟି ଟଙ୍କା) ଇଡ୍‌କୋ ଦ୍ୱାରା ବହନ କରାଯାଇଥିଲା ।

### 2.3.1 ଯୋଜନାର ସ୍ୱଚ୍ଛତା

ଇନ୍‌ଫୋସିଟି-II-ଆଇଟି-ଏସ୍‌ଇଜେଡ୍‌ର ଯୋଜନା ଏବଂ ବିକାଶରେ ନିମ୍ନଲିଖିତ ଅଭାବ ସମୀକ୍ଷା ଅବଲୋକନ କରିଥିଲା:

- **ପାଣ୍ଠି ପ୍ରଦାନରେ ବିଳମ୍ବ:** ଇନ୍‌ଫୋସିଟି-II-ଆଇଟି- ଏସ୍‌ଇଜେଡ୍‌ର ବିକାଶର ସମସ୍ତ ଖର୍ଚ୍ଚ ଇଡ୍‌କୋ ନିଜସ୍ୱ ପାଣ୍ଠିରୁ ବହନ କରିବାର ଥିଲା । ପରେ, ଜୁଲାଇ 2008ରେ ରାଜ୍ୟ ସରକାର ମତାମତ ଦେଲେ ଯେ, ଭିତ୍ତିଭୂମିର ସମସ୍ତ ଖର୍ଚ୍ଚ ଏହି ପ୍ରକଳ୍ପରେ ନ୍ୟସ୍ତ କଲେ, ଏହି ପ୍ରକଳ୍ପଟି ବାଣିଜ୍ୟିକ ଦୃଷ୍ଟିକୋଣରୁ ଅସଫଳ ହୋଇଯିବ । ତେଣୁ ରାଜ୍ୟ ସରକାର ବାହ୍ୟ ଭିତ୍ତିଭୂମି ଯଥା-ରାସ୍ତା, ଜଳ ନିଷ୍କାସନ ବ୍ୟବସ୍ଥା, ବିଦ୍ୟୁତ୍ ସଂଯୋଗ ଏବଂ ଆଲୋକ ବ୍ୟବସ୍ଥା, ପାଚେରୀ ଇତ୍ୟାଦିର ମୂଲ୍ୟ ବହନ କରିବାକୁ ନିର୍ଣ୍ଣୟ କଲେ(ଜୁଲାଇ 2008) ଏବଂ ଏଥିପାଇଁ 150 କୋଟି ଟଙ୍କା ପ୍ରଦାନ କରିବାକୁ ନିର୍ଣ୍ଣୟ କଲେ । ଯାହାହେଉ, ଇଆଣ୍ଡଆଇଟି ବିଭାଗ, 2008-09 ବଜେଟରେ 2 କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ, ଯାହାକି ଜାନୁଆରୀ 2009 ରେ ଇଡ୍‌କୋକୁ ପ୍ରଦାନ କରାଯାଇଥିଲା । ପୁନଶ୍ଚ, ବାକି 148 କୋଟି ଟଙ୍କା 2009-10 ରୁ 2017-18 ବଜେଟରେ ବ୍ୟବସ୍ଥା କରାଯାଇଥିଲା ଏବଂ ଇଡ୍‌କୋକୁ ପରବର୍ତ୍ତୀ ସମୟରେ ପ୍ରଦାନ କରାଯାଇଥିଲା । ଯେହେତୁ ଏହି ଏସ୍‌ଇଜେଡ୍‌ଟି ତିନି ବର୍ଷ ଭିତରେ ସଂପୂର୍ଣ୍ଣ ହେବାର ଥିଲା, ପାଣ୍ଠିର ଉତ୍ସ ଚୂଡ଼ାନ୍ତକରଣରେ ବିଳମ୍ବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ବିଳମ୍ବ ଘଟିଥିଲା । ଏହିପରି ଇଡ୍‌କୋର ପାଣ୍ଠିର ଉତ୍ସ ଚୂଡ଼ାନ୍ତକରଣରେ ବିଳମ୍ବ ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ସମୟେ ସମୟେ ପାଣ୍ଠି ପ୍ରଦାନ ଯୋଗୁ ଏସ୍‌ଇଜେଡ୍‌ର ସମାପ୍ତିରେ ବିଳମ୍ବ ଘଟିଥିଲା ।

- ***ଭୂମି ଅଧିଗ୍ରହଣ/ ହସ୍ତାନ୍ତରଣରେ ବିଳମ୍ବ :*** ଯଦିଓ 262.57 ଏକର ର ଭୂମି ଏସ୍‌ଇଜେଡ୍ ପାଇଁ ଅକ୍ଟୋବର 2011 ସୁଦ୍ଧା ଅଧିଗ୍ରହଣ ହୋଇସାରିଥିଲା, ରାସ୍ତା ସଂଯୋଜନ ପାଇଁ 27.282 ଏକର ଘରୋଇ ଜମି କେବଳ ଜୁଲାଇ 2015 ସୁଦ୍ଧା ଅଧିଗ୍ରହଣ କରାଯାଇଥିଲା । ଏହା ଲକ୍ଷ୍ୟ କରାଗଲା ଯେ ଯଦିଓ, ଇଡ୍‌କୋ ଜୁଲାଇ 2009/ ନଭେମ୍ବର 2010 ମଧ୍ୟରେ ଘରୋଇ ଜମି ପାଇଁ ଆବେଦନ କରିଥିଲେ, ଜମିଅଧିଗ୍ରହଣ ଅଧିକାରୀ, ଖୋର୍ଦ୍ଧା ଚାରି ରୁ ପାଞ୍ଚ ବର୍ଷ ବିତିଗଲା ପରେ ନଭେମ୍ବର 2014 ରୁ ଜୁଲାଇ 2015 ମଧ୍ୟରେ ଜମି ଅଧିଗ୍ରହଣ କରିପାରିଥିଲେ ।

- ***ମାଷ୍ଟର ପ୍ଲାନ ପ୍ରସ୍ତୁତି :*** ଇଡ୍‌କୋ ଏହି ଶିଳ୍ପ ଭିତ୍ତିଭୂମି ପ୍ରକଳ୍ପକୁ ଏକ ବିସ୍ତୃତ କ୍ଷେତ୍ରରେ ଇନ୍‌ଫୋ ଭାଲି ନାମରେ ଏକିକୃତ ଟାଉନ୍‌ସିପ୍[75] ଏବଂ ଇନ୍‌ଫୋସିଟି-II-ଆଇଟି ଏସ୍‌ଇଜେଡ୍ ସହିତ ନିଷ୍ପାଦନ କରିବାକୁ ଯୋଜନା କରିଥିଲେ । ଏହା ଅନୁଭୂତ ହେଲା ଯେ, ବିଶ୍ୱର ସବୁସ୍ଥାନରୁ ନିବେଶକୁ ଆକର୍ଷଣ କରିବା ପାଇଁ ଏକ ଅନ୍ତଃରାଷ୍ଟ୍ରୀୟ ପ୍ରସିଦ୍ଧି ଏବଂ ଅନୁଭୂତିଥିବା ଏକ ଫାର୍ମ ଦ୍ୱାରା ମାଷ୍ଟର ପ୍ଲାନ୍ ଏବଂ ଡିଜାଇନ୍ ପ୍ରସ୍ତୁତ କରିବା ଆବଶ୍ୟକତା ଥିଲା । ଇଡ୍‌କୋ ଏକ ଆନ୍ତର୍ଜାତୀୟ କମ୍ପାନିକୁ 3.24 କୋଟି ଟଙ୍କା[76] ମୂଲ୍ୟରେ ଜୁଲାଇ 2014 ସୁଦ୍ଧା ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ନିଯୁକ୍ତ କରିଥିଲେ (ଡିସେମ୍ବର 2013) । ଏହି କମ୍ପାନୀ ପାଖାପାଖି ଦୁଇ ବର୍ଷ ବିଳମ୍ବରେ ମାର୍ଚ୍ଚ 2016 ରେ ମାଷ୍ଟର ପ୍ଲାନ୍ ପ୍ରଦାନ କରିଥିଲେ । ମୁଖ୍ୟ ଶାସନ ସଚିବ ପରିଲକ୍ଷିତ କଲେ (ମାର୍ଚ୍ଚ 2016) ଯେ, ମାଷ୍ଟର ପ୍ଲାନ୍‌ଟି ଭୁବନେଶ୍ୱର ସହରର ବିସ୍ତୃତ ବିକାଶ ଯୋଜନା (ସିଡିପି) ସହିତ ତାଳମେଳ ଖାଉନଥିଲା । ଇଆଣ୍ଡଆଇଟି ବିଭାଗ ମଧ ଦେଖିଥିଲେ (ସେପ୍ଟେମ୍ବର 2016) ଯେ, ମାଷ୍ଟର ପ୍ଲାନରେ ଇ-ଆବର୍ଜନା ପରିଚାଳନାର ଯୋଜନା ନଥିଲା । ଏହି ଅଭାବ ଥିବାରୁ ଇଡ୍‌କୋ ଏହି ମାଷ୍ଟର ପ୍ଲାନକୁ ଗ୍ରହଣ କରିନଥିଲା । ଏହା ମଧ୍ୟରେ ଏହି କମ୍ପାନିକୁ 3.08 କୋଟି ଟଙ୍କା ଜାନୁଆରୀ 2016 ସୁଦ୍ଧା ପ୍ରଦାନ କରାଯାଇଥିଲା । ଏହିପରି, ମାଷ୍ଟର ପ୍ଲାନର ପ୍ରସ୍ତୁତିରେ ବିଳମ୍ବ ସହିତ ତ୍ରୁଟିଯୁକ୍ତ ମାଷ୍ଟର ପ୍ଲାନ ପ୍ରସ୍ତୁତି, ପ୍ରକଳ୍ପର କାର୍ଯ୍ୟକାରିତାରେ ବିଳମ୍ବ କରିଥିଲା ଏବଂ 3.08 କୋଟି ଟଙ୍କାର ଖର୍ଚ୍ଚ ନିଷ୍ଫଳ ହୋଇଥିଲା ।

---

[75] ଇନ୍‌କ୍ୟୁବେସନ ଟାୱାରଗୁଡ଼ିକ, ଅଫିସ କମ୍ପ୍ଲେକ୍ସ, ହୋଟେଲ ପାଇଁ ଭୂମି, ବ୍ୟବସାୟିକ ସୁବିଧା ଏବଂ ଅନ୍ୟାନ୍ୟ ସାହାଯ୍ୟକାରୀ ଜନସାଧାରଣ ଉପଯୋଗିତା

[76] 20 ଡିସେମ୍ବର 2013 ରେ ସିଙ୍ଗାପୁର ଡଲାରରୁ ଭାରତୀୟ ମୁଦ୍ରାର ବିନିମୟ ହାର 49.82 ଟଙ୍କାରୁ ପ୍ରସ୍ତୁତ (ପ୍ରଥମ ଟ୍ରାଞ୍ଚ କିସ୍ତି)

କାର୍ଯ୍ୟର ନିଷ୍ପାଦନ ପାଇଁ ଧୀର ଆଭିମୁଖ୍ୟ ଯାହାକି ପାଣି ପ୍ରଦାନରେ ଗତିରୁ ସ୍ପଷ୍ଟ ହୋଇଥିଲା ଏବଂ ଇନ୍‌ଫୋସିଟି-II-ଆଇଟି ଏସ୍‌ଇଜେଡ୍‌ର ମାଷ୍ଟର ପ୍ଲାନ୍ ପ୍ରସ୍ତୁତିରେ ନିର୍ଣ୍ଣୟର ଅଭାବ ପ୍ରକଳ୍ପଟିକୁ ବିଳମ୍ବ ଏବଂ ଆଶାୟୀ ନିବେଶକ ମାନଙ୍କୁ ପ୍ରଲୋଭିତ କରିବାରେ ବିଫଳ ହୋଇଥିଲା । ପୁନଶ୍ଚ, ଏସ୍‌ଇଜେଡ୍ ପଲିସି ପ୍ରସ୍ତୁତିରେ ବିଳମ୍ବ ଏବଂ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା (ଆଇସିଟି) ପଲିସି ଅନୁସାରେ ଉଚିତ୍ ପଦକ୍ଷେପର ଅଭାବ ପାଇଁ ନିବେଶକମାନଙ୍କୁ ଇନ୍‌ଫୋସିଟି-II-ଆଇଟି ଏସ୍‌ଇଜେଡ୍‌କୁ ପ୍ରଲୋଭିତ କରିବାରେ ରାଜ୍ୟ ବିଫଳ ହେଲା, ଯାହା ନିମ୍ନଲିଖିତ ଅନୁଚ୍ଛେଦରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଗଲା ।

### 2.3.2 ପୁଞ୍ଜିଲଗାଣ ପ୍ରୋତ୍ସାହନ ପଦକ୍ଷେପ

ଭିତ୍ତିଭୂମି ସୁବିଧା ବ୍ୟତୀତ, ଉପଯୁକ୍ତ ବ୍ୟବସାୟ ଇକୋସୀଷ୍ଟମର ଉପସ୍ଥିତି ବିନିଯୋଗ ପାଇଁ ପ୍ରେରଣା ଯୋଗାଇଥାଏ । ସେହି ଦିଗରେ ନିବେଶକମାନଙ୍କୁ କିଛି ସୁବିଧାର ଗ୍ୟାରେଣ୍ଟି ଦେବାକୁ ଏସ୍‌ଇଜେଡ୍ ସଂକଳ୍ପିତ ହୋଇଥିଲା । ଅଡିଟ୍, ରାଜ୍ୟ ସରକାରଙ୍କ ପୁଞ୍ଜି ବିନିଯୋଗ ପ୍ରୋତ୍ସାହନ ବ୍ୟବସ୍ଥାରେ ନିମ୍ନଲିଖିତ ଅଭାବ ଅବଲୋକନ କରିଥିଲା:

- ***ଏସ୍‌ଇଜେଡ୍ ପଲିସି ପ୍ରସ୍ତୁତିରେ ବିଳମ୍ବ* :** ଭାରତ ସରକାର 2005 ରେ ଏସ୍‌ଇଜେଡ୍ ଅଧିନିୟମ ଅଧିନିୟମନ କରିଥିଲେ ଏବଂ 2006 ରେ ଏସ୍‌ଇଜେଡ୍ ନିୟମ ପ୍ରଣୟନ କରିଥିଲେ । ଏସ୍‌ଇଜେଡ୍ ଅଧିନିୟମ ଧାର୍ଯ୍ୟ କରିଥିଲା ଯେ, ଏସ୍‌ଇଜେଡ୍ ସ୍ଥାପନା କରିବାକୁ ଇଚ୍ଛୁକ ରାଜ୍ୟ ସରକାରମାନେ ଟିକସ ଛାଡ଼ ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ରାଶିର ପ୍ରକୃତି ଏବଂ ପରିମାଣକୁ ବର୍ଣ୍ଣନା କରି ଏକ ଏସ୍‌ଇଜେଡ୍ ପଲିସି ପ୍ରସ୍ତୁତ କରିବେ । ଇଆଣ୍ଡଆଇଟି ବିଭାଗ ଇଡ୍‌କୋକୁ ଏସ୍‌ଇଜେଡ୍ ପଲିସିର ଏକ ଡ୍ରାଫ୍ଟ ପ୍ରସ୍ତୁତ କରିବାକୁ ଜଣାଇଥିଲେ (ଜୁନ୍ 2008) । ଇଡ୍‌କୋ କିନ୍ତୁ ପଲିସି ଡ୍ରାଫ୍ଟ ପ୍ରସ୍ତୁତ କରିବାରେ ବିଫଳ ହୋଇଥିଲା । ଜୁନ୍ 2015 ରେ ଶିଳ୍ପ ବିଭାଗ କିନ୍ତୁ ଏସ୍‌ଇଜେଡ୍‌ରେ ପ୍ରୋତ୍ସାହନ ଉପଲବ୍ଧ ଥିବା ବର୍ଣ୍ଣନା କରି ଏସ୍‌ଇଜେଡ୍ ପଲିସି ପ୍ରକାଶ କରିଥିଲେ । ଏହିପରି ଏସ୍‌ଇଜେଡ୍ ପଲିସି ପ୍ରଣୟନରେ ଅଯଥା ବିଳମ୍ବ ରାଜ୍ୟ ଦ୍ୱାରା ହୋଇଥିଲା ଯେଉଁଥିପାଇଁ ପ୍ରତ୍ୟାଶୀ ଆଇଟି କମ୍ପାନୀ ମାନଙ୍କ ବିନିଯୋଗ ସ୍ପଷ୍ଟ ହୋଇପାରି ନଥିଲା । ବାସ୍ତବରେ, 2011 ସୁଦ୍ଧା ଭାରତରେ ନଅଟି ରାଜ୍ୟ ଏସ୍‌ଇଜେଡ୍ ପଲିସି ପ୍ରଣୟନ କରିସାରିଥିଲେ । ଏସ୍‌ଇଜେଡ୍ ପଲିସି ଅଭାବରେ ଇଡ୍‌କୋ ନିବେଶକମାନଙ୍କୁ ଏସ୍‌ଇଜେଡ୍‌ରେ ବିନିଯୋଗ କଲେ ମିଳୁଥିବା ନିର୍ଦ୍ଦିଷ୍ଟ ପ୍ରୋତ୍ସାହନର ପ୍ରତିଶ୍ରୁତି ଅବଗତ କରାଇ ପାରିନଥିଲେ (ଅପ୍ରେଲ 2010) । ଏହିପରି, ଏସ୍‌ଇଜେଡ୍ ପଲିସି ପ୍ରଣୟନରେ ବିଳମ୍ବ ରାଜ୍ୟକୁ ନିବେଶକ ମାନଙ୍କୁ ପ୍ରଲୋଭିତ କରିବାରେ ଏକ ମୁଖ୍ୟ ବାଧକ ଥିଲା ।

ତେଣୁ, 262.57 ଏକରର ଇନ୍‌ଫୋସିଟି-II-ଆଇଟି ଏସ୍‌ଇଜେଡ୍ ପାଇଁ ସମୁଦାୟ ବିଜ୍ଞପ୍ତି କ୍ଷେତ୍ର ମଧ୍ୟରୁ କେବଳ ଜଣେ ନିବେଶକଙ୍କୁ 50.92 ଏକର ବଣ୍ଟନ କରାଯାଇଥିଲା ।

### 2.3.3 ଇନ୍‌ଫୋସିଟି-II- ଆଇଟି ଏସ୍‌ଇଜେଡ୍‌ର ଧାର୍ଯ୍ୟ ଉଦ୍ଦେଶ୍ୟ ହାସଲ ନହେବା

ଏସ୍‌ଇଜେଡ୍ ସ୍ଥାପନ କରିବାର ମୁଖ୍ୟ ଉଦ୍ଦେଶ୍ୟ ଯଥା-ରାଜ୍ୟରେ ଆଇଟି କମ୍ପାନୀ ପ୍ରତିଷ୍ଠା, ରପ୍ତାନି କାରବାର ଏବଂ ରୋଜଗାର ସୃଷ୍ଟି କରିବା ସଫଳତା କମ୍ ମାତ୍ରାରେ ହାସଲ ହୋଇପାରିଥିଲା ଯାହା ନିମ୍ନରେ ସାରଣୀ 2.3.1 ରେ ଦର୍ଶାଗଲା:

***ସାରଣୀ 2.3.1:ଲକ୍ଷ୍ୟ ହାସଲ ଏବଂ ଲକ୍ଷ୍ୟ ଧାର୍ଯ୍ୟ***

| ବିବରଣୀ | ଲକ୍ଷ୍ୟ ଧାର୍ଯ୍ୟ | ଲକ୍ଷ୍ୟ ହାସଲ | ଲକ୍ଷ୍ୟ ହାସଲର ପ୍ରତିଶତ |
|---|---|---|---|
| ବ୍ୟବସାୟ ସଂସ୍ଥାକୁ ଚୁକ୍ତି ଅନୁସାରେ ଦେବାକୁ ଥିବା ଜମି (ଏକରରେ) | 262.57 | 50.92 | 19.39 |

| ବିବରଣୀ | ଲକ୍ଷ୍ୟ ଧାର୍ଯ୍ୟ | ଲକ୍ଷ୍ୟ ହାସଲ | ଲକ୍ଷ୍ୟ ହାସଲର ପ୍ରତିଶତ |
|---|---|---|---|
| 2014-19ରେ ରପ୍ତାନି (କୋଟି ଟଙ୍କାରେ) | 6600 | 508.18 (2017-18 ପର୍ଯ୍ୟନ୍ତ) | 7.70 |
| ନିଯୁକ୍ତି | | | |
| - ପ୍ରତ୍ୟକ୍ଷ | 14000 | 1209 | 8.64 |
| - ପରୋକ୍ଷ | 14000 | 311 | 2.22 |
| - ମୋଟ | ***28000*** | 1520 | ***5.43*** |

***(ଉତ୍ସ: ଇଡ୍‌କୋ ଦ୍ୱାରା ପ୍ରଦତ୍ତ ତଥ୍ୟ)***

ଉପରୋକ୍ତ ସାରଣୀରୁ ଜଣାଗଲା ଯେ ଏସ୍‌ଇଜେଡ୍ ପ୍ରତିଷ୍ଠାର ମୂଳ ଲକ୍ଷ୍ୟ ବିଜ୍ଞପ୍ତିର (2011) ସାଢେ ସାତ ବର୍ଷ ପରେ ମଧ ଲକ୍ଷ୍ୟ ହାସଲ ହେବାରେ ବାକି ଥିଲା । ଏହା ଲକ୍ଷ୍ୟ କରାଗଲା ଯେ ମାର୍ଚ୍ଚ 2018 ସୁଦ୍ଧା ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରାଳୟ ଦ୍ୱାରା ଏସ୍‌ଇଜେଡ୍ ଅଧିନିୟମ, 2005 ଅନୁଯାୟୀ ସୁଚୀତ 205 ଏସ୍‌ଇଜେଡ୍ କାର୍ଯ୍ୟକ୍ଷମ ଥିଲେ । ଏଥି ମଧ୍ୟରୁ ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ 22 ଟି ଆଇଟି/ ଆଇଟିଇଏସ୍ ପାଇଁ ନିର୍ଦ୍ଦିଷ୍ଟ ଏସ୍‌ଇଜେଡ୍‌ରେ ଆଇଟି କମ୍ପାନୀ ମାନେ କାର୍ଯ୍ୟକ୍ଷମ ଥିଲେ । ଯଦିଓ ଜାନୁଆରୀ 2011 ରେ ଇନ୍‌ଫୋସିଟି-II କୁ ଏକ ଆଇଟି ଏସ୍‌ଇଜେଡ୍ ଭାବରେ ସୂଚିତ କରାଯାଇଥିଲା ତଥାପି ପ୍ରସ୍ତାବିତ କ୍ଷେତ୍ରର ମାତ୍ର 19.39 ପ୍ରତିଶତ ବ୍ୟବହାର କରି ଏହା ଏକମାତ୍ର ଆଇଟି କମ୍ପାନୀ[77], ସହିତ ଚାଲୁଥିଲା ।

ଏସ୍‌ଇଜେଡ୍ ପ୍ରତିଷ୍ଠା କରିବାରେ ବିଳମ୍ବ, ଏସ୍‌ଇଜେଡ୍ ପଲିସି ପ୍ରସ୍ତୁତ ନକରିବା ଏବଂ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ପାଇଁ ଅନୁପଯୁକ୍ତ ପ୍ରୟାସ ଗୁଡ଼ିକ, ଇନ୍‌ଫୋସିଟି-II-ଆଇଟି ଏସ୍‌ଇଜେଡ୍‌ର ସୀମିତ ସଫଳତା ପାଇଁ ଦାୟୀ ଥିବା କେତେକ କାରଣ ମଧ ଥିଲା । ଫଳସ୍ୱରୁପ ଶିଳ୍ପାୟନ, ରୋଜଗାର, ରପ୍ତାନି କାରବାର ପରିପ୍ରେକ୍ଷୀରେ ରାଜ୍ୟକୁ ମିଳିବାକୁ ଥିବା ଲାଭ ଇତ୍ୟାଦି, ଆଇଟି ଏସ୍‌ଇଜେଡ୍ ପ୍ରତିଷ୍ଠା କରିବାରେ 150 କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ, ହାସଲ ହୋଇପାରିଲା ନାହିଁ ।

## 2.4 ଭଡ଼ାଟିଆମାନଙ୍କ ଠାରୁ ପ୍ରାପ୍ୟ ଆଦାୟ ନହେବା ଫଳରେ କ୍ଷତି

**ରାଜିନାମାର ବ୍ୟବସ୍ଥା ଅନୁଯାୟୀ ସମୟୋଚିତ ବିଲ୍ ଉପସ୍ଥାପନ କରିବାରେ ବିଫଳତା, ବିଲ୍ ଉପସ୍ଥାପନ ଓ ଆଦାୟକୁ ସଠିକ୍ ପର୍ଯ୍ୟାଲୋଚନା ନକରିବା ଏବଂ ଓକାକ୍ ଦ୍ୱାରା ଓପିଡିଆର ଅଧିନିୟମର ପ୍ରୟୋଗ କରା ନଯିବା ଯୋଗୁଁ 2.23 କୋଟି ଟଙ୍କାର କ୍ଷତି ।**

ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ୍), ଫେବୃଆରୀ 2014 ରେ 15,800 ବର୍ଗ ମିଟର କ୍ଷେତ୍ରରେ ଏକ ଭବନ ନିର୍ମାଣ କରିଥିଲେ । ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ନୀତି (ଆଇସିଟି) 2014[78] ଅନୁଯାୟୀ ଉକ୍ତ ଭବନକୁ ଆଇଟି ଉଦ୍ୟୋଗ ଦ୍ୱାରା ଭଡ଼ା ସୂତ୍ରରେ ବ୍ୟବହାର କରାଯିବାକୁ ଥିଲା ।

ମାର୍ଚ୍ଚ 2014 ଠାରୁ ଡିସେମ୍ବର 2017 ମଧ୍ୟରେ ଓକାକ୍ 64 ଟି ଆଇଟି/ ସୂଚନା ପ୍ରଯୁକ୍ତି ସମର୍ଥିତ ସେବା ପ୍ରଦାନକାରୀ କମ୍ପାନିକୁ 5,620 ବର୍ଗ ମିଟର ଜାଗା ଆବଣ୍ଟନ କରିଥିଲେ । ଭଡ଼ାଟିଆମାନଙ୍କ ସହିତ ଏ ନେଇ ହୋଇଥିବା ରାଜିନାମା ଅନୁଯାୟୀ ଭଡ଼ା, ରକ୍ଷଣାବେକ୍ଷଣ ଏବଂ ଶୀତ ତାପ ନିୟନ୍ତ୍ରଣ ବିଲ୍ ଗୁଡ଼ିକୁ ମାସ ଭିତ୍ତିକ ଉପସ୍ଥାପନ କରାଯିବାର ଥିଲା । ଭଡ଼ାଟିଆମାନେ ଉକ୍ତ ବିଲ୍ ଦେୟକୁ ପରବର୍ତ୍ତୀ ମାସର ପାଞ୍ଚ ତାରିଖ ସୁଦ୍ଧା ପୈଠ କରିବାକୁ କୁହାଯାଇଥିଲା । ଏହାର ଖିଲାପକାରୀଙ୍କ କ୍ଷେତ୍ରରେ ଓକାକ୍ ଉକ୍ତ ଖିଲାପି ରାଶି ଉପରେ ବାର୍ଷିକ 12 ପ୍ରତିଶତ ହାରରେ ସୁଧ ଧାର୍ଯ୍ୟ କରିବାକୁ କୁହାଯାଇଥିଲା । ଏହି ବକେୟା ରାଶିକୁ ଓକାକ୍, ଓଡ଼ିଶା

[77] ଇନ୍‌ଫୋସିସ୍ ଟେକ୍‌ନୋଲୋଜି ଲିମିଟେଡ୍

[78] ଓଡ଼ିଶା ସରକାରଙ୍କ ସୂଚନା ପ୍ରଯୁକ୍ତି ବିଭାଗ ଦ୍ୱାରା ଜାରି ନୀତି ନିର୍ଘଣ୍ଟ (ଅପ୍ରେଲ 2014)

ପବ୍ଲିକ୍ ଡିମାଣ୍ଡସ ରିକଭରି (ଓପିଡିଆର୍) ଅଧିନିୟମ, 1962 ବ୍ୟବସ୍ଥା ଅନୁଯାୟୀ ସାର୍ବଜନିକ ଦାବୀ ଭାବରେ ଅସୁଲ କରିବାର ଥିଲା ।

ଓକାକ୍ 2 ରୁ 13 ମାସ ବିଳମ୍ବରେ ବିଲ୍ ଗୁଡ଼ିକ ଉପସ୍ଥାପନ କରିଥିବା ପରିଲକ୍ଷିତ ହୋଇଥିଲା (ଡିସେମ୍ବର 2017) । ଫଳରେ ସମୁଦାୟ 10.97 କୋଟି ଟଙ୍କା ଦାବୀ ସ୍ଥଳେ ଡିସେମ୍ବର 2017 ସୁଦ୍ଧା 64 ଭଡ଼ାଟିଆଙ୍କ ପାଖରେ 8.35 କୋଟି ଟଙ୍କା ବକେୟା ଥିଲା । ପୁନଶ୍ଚ, ଓକାକ୍, ନା ଖିଲାପକାରୀ ସଂସ୍ଥାଙ୍କୁ ବକେୟା ପ୍ରାପ୍ୟ ପରିଶୋଧ କରିବାକୁ ସ୍ମରଣ କରାଇଥଲେ ନା ପରବର୍ତ୍ତୀ ବିଲ୍ ଗୁଡ଼ିକରେ ସୁଧ ଦାବୀ କରିଥିଲେ । ଡିସେମ୍ବର 2017 ସୁଦ୍ଧା 64 ଭଡ଼ାଟିଆଙ୍କ ମଧ୍ୟରୁ 26[79] ଜଣ ଭଡ଼ାଟିଆ ସେମାନଙ୍କର ବକେୟା ରାଶି 2.23 କୋଟି[80] ଟଙ୍କା ପଇଠ ନକରି ଉକ୍ତ ପରିସରକୁ ଛାଡ଼ି ଚାଲିଯାଇଥିଲେ (***ପରିଶିଷ୍ଟ-2.4.1***) । କିନ୍ତୁ, ଓକାକ୍ର ମହାପରିଚାଳକ ବକେୟା ପ୍ରାପ୍ୟ ଆଦାୟ କରିବାକୁ ଓପିଡିଆର୍ ଅଧିନିୟମର ବ୍ୟବସ୍ଥା ପ୍ରୟୋଗ କରିନଥିଲେ । ଫଳତଃ ବକେୟା ପ୍ରାପ୍ୟର ଆଦାୟ ଆଶା ବହୁତ କମ୍ ।

ତେଣୁ, ଓକାକ୍ ଦ୍ୱାରା ଭଡ଼ାଟିଆମାନଙ୍କ ସହିତ ହୋଇଥିବା ରାଜିନାମାର ବ୍ୟବସ୍ଥା ଅନୁଯାୟୀ ଉଚିତ୍ ସମୟରେ ବିଲ୍ ଉପସ୍ଥାପନ କରିବାରେ ବିଫଳତା, ବିଲ୍ ଉପସ୍ଥାପନ ଓ ଆଦାୟକୁ ପର୍ଯ୍ୟାଲୋଚନା କରିବା ଏବଂ ଓପିଡିଆର ଅଧିନିୟମର ପ୍ରୟୋଗ ନକରିବା ଫଳରେ 2.23 କୋଟି ଟଙ୍କାର କ୍ଷତି ଘଟିଥିଲା ।

ବିଭାଗ ଦର୍ଶାଇଥିଲା (ଜୁନ୍ 2018) ଯେ ସେମାନେ ଓପିଡିଆର ଅଧିନିୟମର ବ୍ୟବସ୍ଥାକୁ ପ୍ରୟୋଗ କରିବାକୁ ବିଚାର କରୁଛନ୍ତି । ପ୍ରକୃତ କଥା ହେଲା ଯେ, ଗତ ତିନି ବର୍ଷ ଧରି ଓପିଡିଆର ବ୍ୟବସ୍ଥା ପ୍ରୟୋଗ କରାଯାଇ ନାହିଁ ଏବଂ ବର୍ତ୍ତମାନ ବକେୟା ପ୍ରାପ୍ୟର ଆଦାୟ ଆଶା ବହୁତ କ୍ଷୀଣ ।

## 2.5 ବିକ୍ରେତାମାନଙ୍କୁ ଲାଇସେନ୍ସ୍ ଫି ପ୍ରଦାନରେ 2.32 କୋଟି ଟଙ୍କାର ଅନୁଚିତ୍ ଅନୁକମ୍ପା

**ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ଇ-ପ୍ରେରଣ ପଦ୍ଧତିର ବ୍ୟବହାରିକ ସତ୍ତ୍ୱାଧୀକାରୀ ହୋଇଥାଇ ମଧ 2.32 କୋଟି ଟଙ୍କାର ଲାଇସେନ୍ସ୍ ଫି ପ୍ରଦାନ କରିଥିଲେ ଯାହାକି ଭଡ଼ାଟିଆଙ୍କୁ ଅନୁଚିତ୍ ଅନୁକମ୍ପା ଥିଲା ।**

ସତ୍ତ୍ୱାଧିକାରୀ ଅଧିନିୟମ, 1957 ର ଧାରା 17(ଡି) ଅନୁଯାୟୀ, ବିରୁଦ୍ଧାଚରଣରେ ଅନ୍ୟ କୌଣସି ରାଜିନାମା ନଥିବା ସ୍ଥଳେ, ସରକାରୀ କାର୍ଯ୍ୟ ମାମଲାରେ ସରକାର ହିଁ ପ୍ରଥମ ସତ୍ତ୍ୱାଧିକାରୀ ରହିବେ ।

ଇଲେକ୍ଟ୍ରୋନିକସ୍ ମିଡିଆ ମାଧ୍ୟମରେ, ଚିଠିପତ୍ରର ପ୍ରେରଣ ପାଇଁ ପଞ୍ଚାୟତିରାଜ ବିଭାଗ, ଭାରତର ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ (ଏସ୍‌ଟିପିଆଇ) ମାଧ୍ୟମରେ ଏକ ଇ-ପ୍ରେରଣ ପଦ୍ଧତି ବିକଶିତ କରିଥିଲେ (2008) । ଏସଟିପିଆଇ ଉକ୍ତ ପଦ୍ଧତିକୁ ବିକଶିତ କରି ଏହାର ମୂଳ ସଂକେତ ନିୟମ[81] ସହିତ ଏହାକୁ ପଞ୍ଚାୟତି ରାଜ ବିଭାଗକୁ ହସ୍ତାନ୍ତର କରିଥିଲେ (ଜୁଲାଇ 2008) । ପରବର୍ତ୍ତୀ ସମୟରେ ଇଲୋକଟ୍ରୋନିକସ୍ ଏବଂ ସୂଚନା ପ୍ରଯୁକ୍ତି ବିଭାଗର ବୈଷୟିକ ନିର୍ଦ୍ଦେଶକ ହୋଇଥିବାରୁ, ଓକାକ୍ ଏହି ପଦ୍ଧତିର ମାଲିକାନା ଗ୍ରହଣ କରିଥିଲା (2009) । ସତ୍ତ୍ୱାଧିକାର କୂଳସଚିବଙ୍କ ଠାରୁ, ଓକାକ୍ ମଇ 2013 ର ଏହି ପଦ୍ଧତିର ସତ୍ତ୍ୱାଧିକାର ହାସଲ କରିଥିଲା ।

ବ୍ଲକ୍, ତହସିଲ, ଜିଲ୍ଲା ସଦର ମହକୁମା ଓ ନିର୍ଦ୍ଦେଶାଳୟ ଆଦି ପ୍ରାନ୍ତୀୟ କାର୍ଯ୍ୟାଳୟ ଗୁଡ଼ିକରେ ଇ-ପ୍ରେରଣ ପଦ୍ଧତି[82]ର ଉଦ୍ୟୋଗ ସମ୍ବନ୍ଧିତ ବିବରଣୀକୁ ପ୍ରଚଳନ କରିବାକୁ ଇଲେକ୍ଟ୍ରୋନିକସ୍ ଓ ସୂଚନା ପ୍ରଯୁକ୍ତି ବିଭାଗ

---

79 2014-15 (ଦୁଇ ଭଡ଼ାଟିଆ): 69,167 ଟଙ୍କା; 2016-17 (22 ଭଡ଼ାଟିଆ): 1,92,53,914 ଟଙ୍କା ଏବଂ 2017-18 (ଦୁଇଜଣ ଭଡ଼ାଟିଆ): 30,04,505

80 ସମୁଦାୟ ପ୍ରାପ୍ୟ: 2,42,83,353 ଟଙ୍କା ବିଯୁକ୍ତ ଦେୟ ମୁକ୍ତ: 19,55,767 ଟଙ୍କା

81 ଏକ ପରିଚାଳିତ କମ୍ପ୍ୟୁଟର କାର୍ଯ୍ୟକ୍ରମରେ ସଂକଳିତ ବା ସମ୍ମିଳିତ କରାଯିବା ଆଦେଶ ଗୁଡ଼ିକର ଏକ ଲିଖିତ ବିବରଣୀ ପତ୍ର

82 ଇ-ମେଲ, ଫ୍ୟାକ୍ସ୍, ୱେବ୍‌ସାଇଟରେ ଉପସ୍ଥାପନ ମାଧ୍ୟମରେ ପ୍ରେରଣ କରାଯାଉଥିବା ଚିଠିପତ୍ର ଏବଂ ପ୍ରେରିତ ସୂଚନାର ଗତିଶୀଳତା ପାଇଁ ବ୍ୟବହୃତ ଏକ କମ୍ପ୍ୟୁଟରୀକରଣ ପଦ୍ଧତି

ନିଷ୍ପତ୍ତି ନେଇଥିଲେ (ମାର୍ଚ୍ଚ 2011) । ସାଷ୍ଟମର ବିକାଶ କରିବା ପାଇଁ ଓକାକ୍, ମେସର୍ସ ସାଇବର୍‌ଟେକ୍ ସଫ୍ଟୱେୟାର ମଲ୍‌ଟିମିଡିଆ ଲିମିଟେଡ୍ (ସିଏସ୍‌ଏମ୍) କୁ ନିୟୋଜିତ କରିଥିଲା (ଅଗଷ୍ଟ 2012) । ସିଏସ୍‌ଏମ୍ ସହିତ ସେବା ସ୍ତରୀୟ ଚୁକ୍ତିନାମା ଅନୁଯାୟୀ, କାର୍ଯ୍ୟାନ୍ୱୟନର ମୂଲ୍ୟ ପ୍ରତ୍ୟେକ ନିର୍ଦ୍ଦେଶାଳୟ ଓ ଅଧସ୍ତନ କାର୍ଯ୍ୟାଳୟ ଗୁଡ଼ିକରେ ଯଥାକ୍ରମେ 10,000 ଟଙ୍କା ଏବଂ 7,500 ଟଙ୍କା ଥିଲା । ଏହି ଧାର୍ଯ୍ୟ ରାଶି ମଧ୍ୟରୁ 5,000 ଟଙ୍କା ପ୍ରତ୍ୟେକ କାର୍ଯ୍ୟାଳୟ ପାଇଁ ଲାଇସେନ୍‌ସ ଫି ବାବଦକୁ ଥିଲା ଏବଂ ବଳକା ରାଶି କାର୍ଯ୍ୟାନ୍ୱୟନ ଓ ପ୍ରଶିକ୍ଷଣ ବାବଦକୁ ଥିଲା । ସିଏସ୍‌ଏମ୍ 2012-17 ମଧ୍ୟରେ, 4,646 ଟି କାର୍ଯ୍ୟାଳୟରେ ଇ-ପ୍ରେରଣ ପଦ୍ଧତି ସଂସ୍ଥାପନ କରିଥିଲେ ଏବଂ ଏକକାଳୀନ ଲାଇସେନସ୍ ଫି ବାବଦକୁ 2.32 କୋଟି ଟଙ୍କା ପ୍ରଦାନ କରିଥିଲେ ।

କେବଳ ରାଜ୍ୟ ସରକାରଙ୍କ ପାଇଁ ଇ-ପ୍ରେରଣ ପଦ୍ଧତି ବିକଶିତ କରାଯାଇଥିଲା ଏବଂ ଆଇଟି ବିଭାଗର ବୈଷୟିକ ନିର୍ଦ୍ଦେଶକ ହୋଇଥିବାରୁ ଓକାକ୍, ମଇ 2013 ରେ ଇ-ପ୍ରେରଣର ମାଲିକାନା ସତ୍ୱ ହାସଲ କରିଥିବା ପରିଲକ୍ଷିତ ହୋଇଥିଲା (ଡିସେମ୍ବର 2017) । ତେଣୁ, ସିଏସ୍‌ଏମ୍ କୁ ଲାଇସେନସ୍ ଫି ପ୍ରଦାନ କରାଯିବା ଅନିୟମିତ ଥିଲା ଏବଂ ଏହାଦ୍ୱାରା ସିଏସଏମ୍ କୁ ଅନିଚିତ୍ ଅନୁକମ୍ପା ପ୍ରଦାନ କରାଯାଇଥିଲା ।

ନିର୍ଦ୍ଦେଶାଳୟ ସ୍ତରୀୟ କାର୍ଯ୍ୟାଳୟ ଓ ଅଧସ୍ତନ କାର୍ଯ୍ୟାଳୟ ଗୁଡ଼ିକରେ ପ୍ରଶିକ୍ଷଣ ଓ କାର୍ଯ୍ୟକାରିତା ପାଇଁ ସଚିବ[83] ସ୍ତରୀୟ କମିଟି ଯଥାକ୍ରମେ 10,000 ଟଙ୍କା ଏବଂ 7,500 ଟଙ୍କା ଧାର୍ଯ୍ୟ କରିଥିବା (ମାର୍ଚ୍ଚ 2011) ଓକାକ୍ ଦର୍ଶାଇଥିଲା (ମାର୍ଚ୍ଚ 2018) । ଉକ୍ତ ରାଶିରୁ ପ୍ରତ୍ୟେକ କାର୍ଯ୍ୟାଳୟରେ କାର୍ଯ୍ୟକାରିତା ବାବଦକୁ 5,000 ଟଙ୍କା ଏବଂ ବଳକା ରାଶିକୁ ନିର୍ଦ୍ଦେଶାଳୟ ସ୍ତରୀୟ କାର୍ଯ୍ୟାଳୟ ଓ ଅଧସ୍ତନ କାର୍ଯ୍ୟାଳୟରେ ପ୍ରଶିକ୍ଷଣ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ଯଥାକ୍ରମେ 5,000 ଟଙ୍କା ଓ 2,500 ଟଙ୍କାରେ ବିଭକ୍ତ କରାଯାଇଥିଲା । ବିଭିନ୍ନ ପ୍ରକାରର ଖର୍ଚ୍ଚରେ ପୃଥକତା କରିବାକୁ ଯାଇ କାର୍ଯ୍ୟାନ୍ୱୟନ ଖର୍ଚ୍ଚକୁ ଲାଇସେନସ୍ ଫିରେ ନାମିତ କରାଯାଇଥିଲା ।

ଉତ୍ତରଟି ପ୍ରକୃତ ତଥ୍ୟ ଭିତ୍ତିକ ନଥିଲା କାରଣ ସଚିବ ସ୍ତରୀୟ କମିଟି ମାତ୍ର ଦୁଇ ପ୍ରକାରର ମୂଲ୍ୟ ନିର୍ଦ୍ଧାରଣ କରିଥିଲେ ଯଥା (i ) ଏକକାଳୀନ ଲାଇସେନସ୍ ଫି ଏବଂ (ii) କାର୍ଯ୍ୟକାରିତା ଓ ପ୍ରଶିକ୍ଷଣ ମୂଲ୍ୟ । ପୁନଶ୍ଚ, ଯଦି ରାଜିନାମାରେ କୌଣସି ଅଲଗା ଅର୍ଥର ଉଲ୍ଲେଖ କରାଯାଇନାହିଁ, ତେବେ ଲାଇସେନ୍ସ ଫି ର ସଜ୍ଞାକୁ ବିଧିବଦ୍ଧ ନିରୂପଣ କରାଯାଇଥିବା ସଜ୍ଞାଠାରୁ ପୃଥକ କରାଯାଇ ପାରିବ ନାହିଁ । ସିଏସ୍‌ଏମ୍ ସହିତ ରାଜିନାମାରେ ଉକ୍ତ ବିଷୟରେ କିଛି ଉଲ୍ଲେଖ କରାଯାଇ ନଥିଲା ।

ତେଣୁ, ସତ୍ତ୍ୱାଧିକାରୀ ଥାଇ ଇ-ପ୍ରେରଣ ପଦ୍ଧତିର ବ୍ୟବହାର ପାଇଁ ଲାଇସେନ୍ସ ଫି ବାବଦକୁ 2.32 କୋଟି ଟଙ୍କା ପ୍ରଦାନ କରିବା ଭଡ଼ାଟିଆ ମାନଙ୍କୁ ଅନୁଚିତ୍ ଅନୁକମ୍ପା ଭାବେ ପରିଗଣିତ କରାଯାଇପାରେ ।

ଉକ୍ତ ବିଷୟ ସରକାରଙ୍କୁ ଅବଗତ କରାଯାଇଥିଲା (ମଇ 2018) ଏବଂ ଉତ୍ତରକୁ ଅପେକ୍ଷା ଅଛି (ମାର୍ଚ୍ଚ 2020) ।

---

83 ସରକାରଙ୍କର ଗୃହ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ, ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ସଚିବ ସମୂହ ଏବଂ ସୂଚନା ପ୍ରଯୁକ୍ତିର ଅନ୍ତର୍ଜାତୀୟ ସଂସ୍ଥାର ନିର୍ଦ୍ଦେଶକ

## ଗ୍ରାମ୍ୟ ଉନ୍ନୟନ ବିଭାଗ

### 2.6 ଅନାଦାୟ ଜରିମାନା / ଲିକୁଇଡେଟେଡ୍ କ୍ଷତି

**ଠିକାଦାରମାନେ ଠିକ୍ ସମୟରେ କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ କରିବାରେ ବିଫଳ ହେବାରୁ ଚୁକ୍ତି ରଦ୍ଦଜନିତ ନଅ କୋଟି ଟଙ୍କାର ଜରିମାନା / ଲିକୁଇଡେଟେଡ୍ କ୍ଷତି ଠିକାଦାରମାନଙ୍କ ଠାରୁ ନିର୍ବାହୀ ଯନ୍ତ୍ରୀମାନେ ଆଦାୟ କରିନଥିଲେ ।**

ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଅଧିନରେ ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ କରିବା, ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ, ଓଡ଼ିଶା ସରକାରଙ୍କ ଦାୟିତ୍ୱ । ସାଧାରଣ ଚୁକ୍ତିନାମାର ସର୍ତ୍ତ(ଜିସିସି) ଧାରା 52[84] ଅନୁଯାୟୀ ଯଦି ଜଣେ ଠିକାଦାର ଅନଧିକୃତ ଭାବେ 28 ଦିନ କାର୍ଯ୍ୟ ବନ୍ଦ ରଖନ୍ତି, ତେବେ ଧାରା ଅନୁସାରେ ଚୁକ୍ତିନାମା ରଦ୍ଦ କରାଯାଇପାରିବ । ସେହି କ୍ଷେତ୍ରରେ, ଠିକାଦାରଙ୍କୁ ଅବଶିଷ୍ଟ କାର୍ଯ୍ୟ ମୂଲ୍ୟର 20 ପ୍ରତିଶତ ଜରିମାନା ଆକାରରେ ଦେବାକୁ ପଡ଼ିବ । ପୁନଶ୍ଚ, ସାଧାରଣ ଚୁକ୍ତିନାମାର ସର୍ତ୍ତ ଧାରା 44.1 ଅନୁଯାୟୀ ଯଦି ନିର୍ଦ୍ଧାରିତ ଲକ୍ଷ୍ୟ ହାସଲରେ ବିଫଳତା/ କାର୍ଯ୍ୟ ସଂପୂର୍ଣ୍ଣ କରିବାରେ ବିଳମ୍ବ ଘଟେ, ତେବେ ପ୍ରତି ସପ୍ତାହରେ ପ୍ରାରମ୍ଭିକ ଚୁକ୍ତିନାମା ମୂଲ୍ୟର ଏକ ପ୍ରତିଶତ ହାରରେ ଲିକ୍ୱିଡେଟେଡ୍ କ୍ଷତିକୁ ଅଟକାଇ ଦିଆଯିବ ।

ଅଡିଟ୍ ଅବଲୋକନ କଲା (ମଇ 2015-ଅଗଷ୍ଟ 2018) ଯେ ଚାରୋଟି[85] ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀ ଯନ୍ତ୍ରୀମାନେ(ଇଇ) 2008 ରୁ 2011 ମଧ୍ୟରେ ନଅ ଜଣ ଠିକାଦାରଙ୍କୁ 51.67 କୋଟି ଟଙ୍କା ମୂଲ୍ୟର 17 ଟି ସଡ଼କ ନିର୍ମାଣ କାର୍ଯ୍ୟ[86] ପ୍ରଦାନ କରିଥିଲେ । କାର୍ଯ୍ୟଗୁଡ଼ିକ ସମାପ୍ତ କରିବା ପାଇଁ ନିର୍ଦ୍ଧାରିତ ତାରିଖ ମାର୍ଚ୍ଚ 2009 ରୁ ଅକ୍ଟୋବର 2011 ମଧ୍ୟରେ ଥିଲା । ନିର୍ବାହୀ ଯନ୍ତ୍ରୀମାନେ ବାରମ୍ବାର ନୋଟିସ୍[87] ଜାରିକରିବା ସତ୍ତ୍ୱେ, ଠିକାଦାରମାନେ କାର୍ଯ୍ୟସୂଚୀ ଅନୁଯାୟୀ କାର୍ଯ୍ୟଗୁଡ଼ିକ ସମାପ୍ତ କରିବାରେ ବିଫଳ ହୋଇଥିଲେ । ଏହା ଠିକାଦାରମାନଙ୍କର ମୌଳିକ ଚୁକ୍ତିର ଉଲ୍ଲଙ୍ଘନ ଥିଲା । ନିର୍ବାହୀଯନ୍ତ୍ରୀମାନେ ଚୁକ୍ତିନାମାଗୁଡ଼ିକ ରଦ୍ଦ କରିବା ପାଇଁ 28 ମାର୍ଚ୍ଚ 2009 ରୁ 13 ସେପ୍ଟେମ୍ବର 2013 ମଧ୍ୟରେ ପ୍ରସ୍ତାବ ଦେଇଥିଲେ । ତଦନୁଯାୟୀ, ସାଧାରଣ ଚୁକ୍ତିନାମା ସର୍ତ୍ତର ଧାରା 52.2 ଆଧାରରେ ମୁଖ୍ୟଯନ୍ତ୍ରୀମାନଙ୍କ କମିଟି ଦ୍ୱାରା ସମସ୍ତ ଚୁକ୍ତିନାମାଗୁଡ଼ିକ ରଦ୍ଦ କରାଯାଇଥିଲା (ମଇ 2009 ରୁ ଅକ୍ଟୋବର 2014) । ଚୁକ୍ତିନାମା ରଦ୍ଦ ତାରିଖ ସୁଦ୍ଧା, ଠିକାଦାର ମାନେ ପ୍ରଦାନ କରାଯାଇଥିବା 51.67 କୋଟି ଟଙ୍କାର କାର୍ଯ୍ୟ ମଧ୍ୟରୁ 16.58 କୋଟିର (32 ପ୍ରତିଶତ) କାର୍ଯ୍ୟ ସମ୍ପାଦନ କରିଥିଲେ । 35.09 କୋଟି ମୂଲ୍ୟର ଅସମାପ୍ତ କାର୍ଯ୍ୟଗୁଡ଼ିକୁ ପୁନଶ୍ଚ 48.04 କୋଟି ଟଙ୍କାରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପ୍ରଦାନ କରାଯିବା (ଅଗଷ୍ଟ 2013 ରୁ ନଭେମ୍ବର 2016 ପର୍ଯ୍ୟନ୍ତ) ଫଳରେ 12.95 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା । ଠିକାଦାରମାନଙ୍କ ଠାରୁ ଜରିମାନା/ ଲିକ୍ୱିଡେଟେଡ୍ କ୍ଷତି 12.17 କୋଟି ଟଙ୍କା ଆଦାୟ ଯୋଗ୍ୟ ଥିବା ଜଣାପଡ଼ିଥିଲା । ଏଥି ମଧ୍ୟରୁ, ବିଭାଜନ ଗୁଡ଼ିକ ସୁରକ୍ଷା/ ବିବିଧ ଜମା ବାବଦକୁ 1.64 କୋଟି ଟଙ୍କା ରଖିଥିଲେ ଏବଂ ଆଉ 1.53 କୋଟି ଟଙ୍କା ଆଦାୟ କରିଥିଲେ (ମଇ

---

84 ଠିକାଦାର 28 ଦିନ କାମ ବନ୍ଦ କରିଦିଏ ଚୁକ୍ତିନାମା ଏକ ଯୁକ୍ତିଯୁକ୍ତ ସମୟ ମଧ୍ୟରେ ତ୍ରୁଟି ସଂଶୋଧନ କରିବାରେ ବିଫଳ ହୁଏ, ଠିକାଦାର କାର୍ଯ୍ୟ ସମାପ୍ତ କରିବାରେ ବିଳମ୍ବିତ ଦିବସ, ଯେଉଁଥିପାଇଁ ତାକୁ ସର୍ବାଧିକ ପରିମାଣର ଲକ୍ୟୁଡେଟେଡ୍ କ୍ଷତି ପ୍ରଦାନ କରିବା ପାଇଁ ପଡ଼ିପାରେ ଇତ୍ୟାଦି ମୌଳିକ ଚୁକ୍ତିନାମା ଉଲ୍ଲଙ୍ଘନ ଅନ୍ତର୍ଭୁକ୍ତ

85 ଜଗତସିଂହପୁର, କେନ୍ଦ୍ରାପଡ଼ା-1, ପୁରୀ ଏବଂ ରାଉରକେଲା

86 ଗ୍ରାମ୍ୟ ନିର୍ମାଣ ବିଭାଜନ, ଜଗତସିଂହପୁର: ପ୍ୟାକେଜ୍ ନଂ ଅଧିନସ୍ଥ ଚାରୋଟି ରାସ୍ତା କାର୍ଯ୍ୟ ଓଆର୍-12-43(ଏ), ଓଆର୍-12-65, ଓଆର୍-12-71 ଏବଂ ଓଆର୍-12-57; କେନ୍ଦ୍ରାପଡ଼ା-I: ପ୍ୟାକେଜ୍ ନଂ ଅଧିନସ୍ଥ ଚାରୋଟି ରାସ୍ତା କାର୍ଯ୍ୟ ଓଆର୍-16-66, ଓଆର୍-16-108 ଏବଂ ଓଆର୍-16-126; ପୁରୀ: ପ୍ୟାକେଜ୍ ନଂ ଅଧିନସ୍ଥ ଦୁଇଟି ରାସ୍ତା କାର୍ଯ୍ୟ ଓଆର୍-26-44 (ବି) ଏବଂ ଓଆର୍-26-145; ରାଉରକେଲା: ପ୍ୟାକେଜ୍ ନଂ ଅଧିନସ୍ଥ ସାତଟି ରାସ୍ତା କାର୍ଯ୍ୟ ଓଆର୍-30- ଏଡିବି -13-11, ଓଆର୍-30- ଏଡିବି -13-108, ଓଆର୍-30- ଏଡିବି13-119, ଓଆର୍-30- ଏଡିବି -13-140, ଓଆର୍-30-70 ଏ /VII ଏବଂ ଓଆର୍-30-123

87 ଜଗତସିଂହପୁର: 14-12-2009 ରୁ 08-08-2013, କେନ୍ଦ୍ରାପଡ଼ା-I: 07-05-2012 ରୁ 22-03-2014, ପୁରୀ: 21-08-2008 ରୁ 08-04-2012 ଏବଂ ରାଉରକେଲା: 01-03-2011 ରୁ 15-09-2014

2011 ଏବଂ ଅଗଷ୍ଟ 2018) । ଏହିପରି ଭାବରେ, ଜୁଲାଇ 2018 ସୁଦ୍ଧା ଠିକାଦାରମାନଙ୍କ ଠାରୁ ନଅ କୋଟି ଟଙ୍କା ଅନାଦାୟ ରହିଥିଲା (***ପରିଶିଷ୍ଟ-2.6.1***) । ନିର୍ବାହୀ ଯନ୍ତ୍ରୀମାନେ ଜରିମାନା/ ଲିକ୍ୱିଡେଟେଡ୍ କ୍ଷତି ଆଦାୟ କରିବା ପାଇଁ କୌଣସି ପଦକ୍ଷେପ ନେଇନଥିଲେ ।

ଏହିପରି, ଜରିମାନା/ ଲିକ୍ୱିଡେଟେଡ୍ କ୍ଷତି ଆଦାୟ କରିବା ପାଇଁ ନିର୍ବାହୀ ଯନ୍ତ୍ରୀମାନେ ପଦକ୍ଷେପ ନେଇନଥିବା ହେତୁ ଠିକାଦାରମାନେ 9[88] କୋଟି ଟଙ୍କାର ଅନୁଚିତ୍ ଲାଭବାନ ହୋଇଥିଲେ (ମଇ 2011) ।

ନିର୍ବାହୀ ଯନ୍ତ୍ରୀ[89] ମାନେ ଦର୍ଶାଇଥିଲେ (ଜୁଲାଇ/ ଅଗଷ୍ଟ 2018) ଯେ ଜରିମାନା / ଲିକ୍ୱିଡେଟେଡ୍ କ୍ଷତି ବାବଦକୁ ଅର୍ଥ ଠିକାଦାର ମାନଙ୍କ ଠାରୁ ଆଦାୟ କରାଯିବ ।

ଏହି ବିଷୟ ସରକାରଙ୍କୁ ଅବଗତ କରାଯାଇଥିଲା (ସେପ୍ଟେମ୍ବର 2018), ଯାହାର ଉତ୍ତରକୁ ଅପେକ୍ଷା କରାଯାଇଅଛି (ମାର୍ଚ୍ଚ 2020) ।

## 2.7 5.31 କୋଟି ଟଙ୍କାର ନିଷ୍ଫଳ ବ୍ୟୟ

**ଜମି ଉପଲବ୍ଧତାକୁ ସୁନିଶ୍ଚିତ ନକରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) କାର୍ଯ୍ୟାରମ୍ଭ କରିବା ଦ୍ୱାରା କାର୍ଯ୍ୟ ଅଧାରୁ ବନ୍ଦ୍ ହେବା ସହିତ 5.31 କୋଟି ଟଙ୍କା ନିଷ୍ଫଳ ବ୍ୟୟ ହୋଇଥିଲା ।**

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 8.4 ଅନୁଯାୟୀ, ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍) ପ୍ରସ୍ତୁତି ଆରମ୍ଭ କରିବା ସମୟରେ ସଡ଼କ ଗୁଡ଼ିକର ସବୁଠାରୁ ଉପଯୁକ୍ତ ଶ୍ରେଣୀବଦ୍ଧତା ନିର୍ଣ୍ଣୟ କରାଯିବା ଉଚିତ୍ ଏବଂ ଜମି ଉପଲବ୍ଧତା ଏବଂ ଜଙ୍ଗଲ ମଞ୍ଜୁର ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ସମାଧାନ କରାଯିବା ଉଚିତ୍ । ପୁନଶ୍ଚ, ଓପିଡବ୍ଲୁଡି ସଂହିତାର ଅନୁଚ୍ଛେଦ 3.2.3 ସହିତ ଅନୁଚ୍ଛେଦ 3.4.16 ରେ ଦର୍ଶାଯାଇଛି ଯେ ଡିପିଆର୍ ପ୍ରସ୍ତୁତି ପାଇଁ ସର୍ବେକ୍ଷଣ ଏବଂ ତଦନ୍ତ କରିବାକୁ ହେବ ।

ନିର୍ବାହୀ ଯନ୍ତ୍ରୀ (ଇଇ), ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା 55 ଟି କାର୍ଯ୍ୟ ମଧ୍ୟରୁ 15 ଟିର (27 ପ୍ରତିଶତ) ନମୁନା ଯାଞ୍ଚରେ ଦେଖାଗଲା (ମଇ 2018) ଯେ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସର୍ବେକ୍ଷଣ/ ତଦନ୍ତ କିମ୍ବା ପ୍ରଭାବିତ ବିଭାଗଗୁଡ଼ିକ ସହିତ ପରାମର୍ଶ କରାଯାଇ ନଥିଲା । ଯାହାଫଳରେ, ମଇ 2018 ସୁଦ୍ଧା 5.31 କୋଟି ଟଙ୍କା ଖର୍ଚ୍ଚ ହେବା ପରେ ମଧ ତିନିଗୋଟି ରାସ୍ତା (16.995 କି.ମି) କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରି ନଥିଲା, ଯାହାକି ଛଅଟି ଜନବସତିର 4,834 ଲୋକଙ୍କୁ ସର୍ବକାଳୀନ ରାସ୍ତା ସଂଯୋଗୀକରଣରୁ ବଞ୍ଚିତ କରିଥିଲା, ଯାହା ନିମ୍ନରେ ଆଲୋଚନା କରାଗଲା :

- 'ଉର ଗ୍ରାମ[90]କୁ ଗ୍ରାମ୍ୟ ଉନ୍ନୟନ (ଆରଡି) ରାସ୍ତା' କ୍ଷେତ୍ରରେ ଏହିପରି ଚାରୋଟି ପ୍ଲଟ୍[91] ଅନ୍ତର୍ଭୁକ୍ତ ଥିଲା, ଯାହା ପୂର୍ବରୁ ପ୍ରସ୍ତାବିତ ବେଦାନ୍ତ ବିଶ୍ୱ ବିଦ୍ୟାଳୟ ପାଇଁ ସରକାର ଅଧିଗ୍ରହଣ କରିସାରିଥିଲେ । ଜାନୁଆରୀ 2011 ରେ ପ୍ଲଟଗୁଡ଼ିକରେ ପୂର୍ବାବସ୍ଥା ବଜାଇ ରଖିବାକୁ ସୁପ୍ରିମକୋର୍ଟ ମଧ ନିର୍ଦ୍ଦେଶ ଦେଇଥିଲେ । ଫେବୃଆରୀ 2011 ରେ ପ୍ରସ୍ତୁତ ଡିପିଆର୍‌ରେ ଜମିର ଉପଲବ୍ଧତା ବିଷୟରେ ଉଲ୍ଲେଖ କରାଯାଇ ନଥିଲା । ନିର୍ବାହୀ ଯନ୍ତ୍ରୀ ଅପ୍ରେଲ 2013 ରେ ସେହି ତ୍ରୁଟିପୂର୍ଣ୍ଣ ଡିପିଆରକୁ ଆଧାର କରି କାର୍ଯ୍ୟକୁ 5.41 କୋଟି ଟଙ୍କାରେ ପ୍ରଦାନ କରିଥିଲେ । କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନ ସମୟରେ, ସଂପୃକ୍ତ ଜମି ଅଧିଗ୍ରହଣ ଅଧିକାରୀ (ଏଲ୍‌ଏଓ) ଜମିର ସ୍ଥିତି ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ, ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ମଇ 2014 ରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ନଜରକୁ ଆଣିଥିଲେ । ସେହି ସମୟ ସୁଦ୍ଧା 2.59 କୋଟି

---

88 12.17 କୋଟି ଟଙ୍କା-(1.64 କୋଟି ଟଙ୍କା +1.53 କୋଟି ଟଙ୍କା)

89 ଜଗତସିଂହପୁର: ମନୋରଞ୍ଜନ ପଟ୍ଟନାୟକ, କେନ୍ଦ୍ରାପଡ଼ା-I: ଗିରୀଶ ଚନ୍ଦ୍ର ରାୟ ଏବଂ ନଳିନୀକାନ୍ତ ସେନାପତି, ପୁରୀ: ଅନାଦି ଚରଣ ସାହୁ ଓ ପଞ୍ଚାନନ ମହାନ୍ତି ଏବଂ ରାଉରକେଲା: କିଶୋର କୁମାର ମିଶ୍ର

90 ଏକ ବିଦ୍ୟମାନ ଆରଡି ରାସ୍ତା ସହ ଉର ଗ୍ରାମ / ଜନବସତି ସହିତ ସଂଯୋଗ କରୁଥିବା ଲିଙ୍କ୍ ରାସ୍ତା

91 ପ୍ଲଟ ସଂଖ୍ୟା 608, 763, 717 ଏବଂ 765

ଟଙ୍କାର 50.6 ପ୍ରତିଶତ କାର୍ଯ୍ୟ ସମାପ୍ତି ହୋଇସାରିଥିଲା । କିନ୍ତୁ, ତାପରେ ମଧ୍ଯ ନିର୍ବାହୀ ଯନ୍ତ୍ରୀ 1.79 କୋଟି ଟଙ୍କା ମୂଲ୍ୟର କାର୍ଯ୍ୟ କରିଥିଲେ । ମାର୍ଚ୍ଚ 2017 ସୁଦ୍ଧା, 9.74 କିଲୋମିଟର ବ୍ୟାପି ମାଟିକାମ/ ବିଟୁମେନ୍ କାର୍ଯ୍ୟ 4.38 କୋଟି ଟଙ୍କା ବ୍ୟୟରେ କରାଯାଇଥିଲା । ଏଥିରେ ବିବାଦୀୟ ପ୍ଲଟ୍ ଗୁଡ଼ିକ ଉପରେ 1.94 କିଲୋମିଟର ମାଟି କାମ ଅନ୍ତର୍ଭୁକ୍ତ ଥିଲା । ଜମି ଉପଲବ୍ଧ ନଥିବା ହେତୁ ନିର୍ବାହୀ ଯନ୍ତ୍ରୀ ଶେଷରେ ମଇ 2017 ରେ କାର୍ଯ୍ୟ ବନ୍ଦ୍ କରିଥିଲେ । ଏହିପରି, ଜମିର ଉପଲବ୍ଧତାକୁ ବିଚାର ନକରି ଡିପିଆର୍ ପ୍ରସ୍ତୁତି ଏବଂ ରାସ୍ତା କାର୍ଯ୍ୟ ନିର୍ବାହ କରିବା ଦ୍ୱାରା 4.38 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା । ଏତଦ୍‌ବ୍ୟତୀତ ଉର ଗ୍ରାମକୁ ସର୍ବକାଳିନ ରାସ୍ତା ସଂଯୋଗୀକରଣ ଉଦ୍ଦେଶ୍ୟ ହାସଲ ହୋଇପାରି ନଥିଲା ।

- ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା 'ସତୀପୁରକୁ ଆର୍‌ଡି ରାସ୍ତା' ନିର୍ମାଣ ପାଇଁ ପ୍ରସ୍ତୁତ କରାଯାଇଥିବା ଡିପିଆର୍‌ରେ ଜମିର ଉପଲବ୍ଧତା ସୂଚିତ କରାଯାଇଥିଲା (ସେପ୍ଟେମ୍ବର 2012) । ତଦନୁସାରେ ମାର୍ଚ୍ଚ 2015 ରେ ନିର୍ବାହୀ ଯନ୍ତ୍ରୀ 3.38 କୋଟି ଟଙ୍କାରେ କାର୍ଯ୍ୟକୁ ପ୍ରଦାନ କରିଥିଲେ । କାର୍ଯ୍ୟ ଆରମ୍ଭ ପରେ, ସଂପୃକ୍ତ ଜମି ଅଧିଗ୍ରହଣ ଅଧିକାରୀ (ଏଲ୍‌ଏଓ) ସୂଚିତ କରିଥିଲେ (ମଇ 2015) ଯେ, ଯେଉଁ ଜମି ଉପରେ ପିଏମ୍‌ଜିଏସ୍‌ୱାଇ ଅଧିନରେ ଧୋରାବ ଓ ନାଲିହନା ଗ୍ରାମରେ ନୂତନ ରାସ୍ତା ନିର୍ମାଣ କରାଯାଉଛି ସେହି ଜମି ପୂର୍ବରୁ, ବେଦାନ୍ତ ବିଶ୍ୱ ବିଦ୍ୟାଳୟ ପାଇଁ ପୁରୀ ଜିଲ୍ଲାପାଳଙ୍କ ଦ୍ୱାରା ଅଧିଗ୍ରହଣ ହୋଇସାରିଛି । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ଯ ଜମିର ବର୍ତ୍ତମାନ ସ୍ଥିତି ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସୂଚାଇଲା ଯେ ଜମିର ଉପଲବ୍ଧତା ବିଷୟରେ କୌଣସି ନିର୍ଦ୍ଧାରଣ/ ସର୍ବେକ୍ଷଣ ବିନା ଡିପିଆର୍ ପ୍ରସ୍ତୁତ ହୋଇଥିଲା । ତାପରେ, ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟ ବନ୍ଦ କରିଥିଲେ (ଜୁଲାଇ 2015) ଏବଂ ଚୁକ୍ତିନାମା ବନ୍ଦ କରାଯାଇଥିଲା (ଫେବୃଆରୀ 2017) । ସେହି ସମୟ ମଧ୍ଯରେ 54.78 ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ସାରିଥିଲା, ଯାହାକି ନିଷ୍ଫଳ ବ୍ୟୟ ଥିଲା ।

- 'ଏନ୍.ଜେ.ସଡ଼କ ରୁ କରମଲା ଭୋଇପଡ଼ା ପର୍ଯ୍ୟନ୍ତ ଆର୍‌ଡି ରାସ୍ତା' କ୍ଷେତ୍ରରେ, ଡିପିଆରରେ ଦର୍ଶାଯାଇଥିଲା (ଅକ୍ଟୋବର 2008) ଯେ ବିଦ୍ୟମାନ ରାସ୍ତାଟି ନୀଚା ସ୍ଥାନରେ ଅଛି ଏବଂ ବର୍ଷାଋତୁରେ ରାସ୍ତାଟି ପାଣିରେ ବୁଡ଼ିଯାଉଛି । ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟଟିକୁ 6 ସେପ୍ଟେମ୍ବର 2010 ସୁଦ୍ଧା ଶେଷ କରିବାକୁ 1.74 କୋଟି ଟଙ୍କାରେ ପ୍ରଦାନ କରିଥିଲେ (ସେପ୍ଟେମ୍ବର 2009) । ପରବର୍ତ୍ତୀ ସମୟରେ ଜମିରେ ପାଣି ଜମି ରହିବା ଆଧାରରେ ନିର୍ବାହୀ ଯନ୍ତ୍ରୀ 31 ମାର୍ଚ୍ଚ 2012 ପର୍ଯ୍ୟନ୍ତ କାର୍ଯ୍ୟ ସମାପ୍ତ ସମୟ ବଢ଼ାଇବା ପାଇଁ ଅନୁମତି ଦେଇଥିଲେ (ସେପ୍ଟେମ୍ବର 2011) । 1.2 କିଲୋମିଟର ପର୍ଯ୍ୟନ୍ତ ମାଟି କାମ କରିବା ପରେ, ଠିକାଦାର 10 ନଭେମ୍ବର 2012 ରେ କାର୍ଯ୍ୟ ବନ୍ଦ କରିଥିଲା । ପରବର୍ତ୍ତୀ ସମୟରେ ଏହି ସ୍ଥାନଟି ନୀଚା ଅଞ୍ଚଳ ଏବଂ ବର୍ଷକୁ ପ୍ରାୟ 11 ମାସ ଧରି ପାଣି ଜମି ରହୁଥିବା ଦର୍ଶାଇ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟ ବନ୍ଦ୍ କରିବା ପାଇଁ ପ୍ରସ୍ତାବ ଦେଇଥିଲେ (ନଭେମ୍ବର 2014) । ତେଣୁ, ଡିପିଆର୍ ରେ ଉଲ୍ଲେଖ କରାଯାଇଥିବା ଜମିର ସ୍ଥିତି ସଠିକ୍ ସର୍ବେକ୍ଷଣ ଏବଂ ତଦନ୍ତ ଉପରେ ଆଧାରିତ ନଥିଲା । ପ୍ରକଳ୍ପର କାର୍ଯ୍ୟ ବନ୍ଦ୍ ସମୟରେ 38 ଲକ୍ଷ ଟଙ୍କା (ସମୁଦାୟ ଅର୍ଥର 23 ପ୍ରତିଶତ) ଖର୍ଚ୍ଚ କରାଯାଇସାରିଥିଲା । ଯେହେତୁ ବର୍ଷ 2012 ରୁ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଥିଲା, ଉକ୍ତ କାର୍ଯ୍ୟରେ ବ୍ୟୟ ହୋଇଥିବା 37.51 ଲକ୍ଷ ଟଙ୍କା ନିଷ୍ଫଳ ବ୍ୟୟ ହେଲା ।

  ତେଣୁ, ରାସ୍ତା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଜମିର ଉପଯୁକ୍ତ ସର୍ବେକ୍ଷଣ ଏବଂ ତଦନ୍ତ ନହେବା ଯୋଗୁଁ ବ୍ୟୟ ହୋଇଥିବା 37.51 ଲକ୍ଷ ଟଙ୍କା ନିଷ୍ଫଳ ହୋଇଥିଲା । ଏତଦ୍ ବ୍ୟତୀତ, ଲକ୍ଷ୍ୟ ରଖାଯାଇଥିବା ଜନବସତିଗୁଡ଼ିକ, କରମଲା ବଜାର ଏବଂ ବ୍ରହ୍ମଗିରି ବ୍ଲକ୍ ମୁଖ୍ୟାଳୟକୁ ଯିବା ପାଇଁ ସର୍ବକାଳୀନ ରାସ୍ତାରୁ ବଞ୍ଚିତ ହେଲେ ।

ଉପରୋକ୍ତରୁ ଏହା ସ୍ପଷ୍ଟ ହେଲା ଯେ ସଡ଼କ କାର୍ଯ୍ୟ ଆରମ୍ଭ ପୂର୍ବରୁ ଡିପିଆର୍ ପ୍ରସ୍ତୁତି ପାଇଁ ଜମିର ଉପଲବ୍ଧତା ସମ୍ବନ୍ଧରେ ଆବଶ୍ୟକ ସର୍ବେକ୍ଷଣ ଏବଂ ତଦନ୍ତ କରାଯାଇ ନଥିଲା । ଯାହାଫଳରେ, ସର୍ବମୋଟ 5.31 କୋଟି ଟଙ୍କା ନିଷ୍ଫଳ ବ୍ୟୟ ହୋଇଥିଲା ।

ନିର୍ବାହୀ ଯନ୍ତ୍ରୀ ସତ୍ୟତାକୁ ସ୍ୱୀକାର କରି ବ୍ୟକ୍ତ କଲେ (ମଇ 2018) ଯେ, ଉର ଏବଂ ସତୀପୁର ଗ୍ରାମକୁ ସର୍ବକାଳୀନ ରାସ୍ତା ଯୋଗାଇବା ପାଇଁ ବିକଳ୍ପ ବ୍ୟବସ୍ଥାର ଅନୁସନ୍ଧାନ କରୁଛନ୍ତି । କିନ୍ତୁ ଉତ୍ତର ଏହି ସତ୍ୟତାକୁ ସ୍ପଷ୍ଟ କଲା ନାହିଁ ଯେ ଜମିର ଉପଲବ୍ଧତା ସୁନିଶ୍ଚିତ ନକରି ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଇଥିଲା, ଯାହାଫଳରେ ବ୍ୟୟ ହୋଇଥିବା ଅର୍ଥ ନିଷ୍ଫଳ ହୋଇଥିଲା । ସେହିପରି ଉର ଗ୍ରାମକୁ ଆର୍‌ଡି ରାସ୍ତା କ୍ଷେତ୍ରରେ ମଇ 2014 ରେ ଜମି ଅଧିଗ୍ରହଣ ଅଧିକାରୀଙ୍କ କାର୍ଯ୍ୟ ବନ୍ଦ କରିବା ଅନୁରୋଧକୁ ନିର୍ବାହୀ ଯନ୍ତ୍ରୀ ଧ୍ୟାନ ଦେଇନଥିଲେ, ଯେଉଁଥିରେ 1.79 କୋଟି ଟଙ୍କା ସଞ୍ଚୟ ହୋଇପାରିଥାନ୍ତା ।

ଏହି ବିଷୟରେ ସରକାରଙ୍କୁ ଅବଗତ କରାଯାଇଥିଲା (ସେପ୍ଟେମ୍ବର 2018), ଯାହାର ଉତ୍ତରକୁ ଅପେକ୍ଷା କରାଯାଇଅଛି (ମାର୍ଚ୍ଚ 2020) ।

**ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ**

## 2.8 ସରକାରୀ ଅର୍ଥର ଆତ୍ମସାତ୍

**ନିଅଣ୍ଟିଆ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଓ ବ୍ୟାଙ୍କ ଖାତା ସହିତ କ୍ୟାସ୍ ବହିର ମେଳକ ନ ହେବା ଫଳରେ 1.03 କୋଟି ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍**

ଓଡ଼ିଶା ଟ୍ରେଜେରୀ ସଂହିତା ଖଣ୍ଡ-I ର ନିୟମ 37 ଅନୁଯାୟୀ ସମସ୍ତ ଆର୍ଥିକ ଦେଣନେଣ ହେବା ପରେ ଏହା କ୍ୟାସ୍ ବହିରେ ଲିପିବଦ୍ଧ ହେବ ଏବଂ ଏହା ଯାଞ୍ଚ୍ ହୋଇଛି ବୋଲି କାର୍ଯ୍ୟାଳୟର ମୁଖ୍ୟଙ୍କ ଦ୍ୱାରା ଅନୁପ୍ରମାଣିତ ହେବ । କ୍ୟାସ୍ ବହି ନିୟମିତ ଭାବରେ ପୂର୍ଣ୍ଣାଙ୍ଗ ହେବ ଏବଂ ପ୍ରତ୍ୟେକ ମାସ ଶେଷରେ କାର୍ଯ୍ୟାଳୟ ମୁଖ୍ୟ, କ୍ୟାସ୍ ବହି ଅନୁଯାୟୀ ନଗଦ ରାଶିର ସତ୍ୟାପନ କରିବା ସହିତ ସ୍ୱାକ୍ଷର ଓ ତାରିଖ ସହିତ ଏକ ପ୍ରମାଣପତ୍ର ଲିପିବଦ୍ଧ କରିବେ । ପୁନଶ୍ଚ, ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ କ୍ଷେତ୍ରରେ ଜିଲ୍ଲା ପଞ୍ଚାୟତ ଅଧିକାରୀ (ଡିପିଓ)ଙ୍କ ଦ୍ୱାରା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ କ୍ୟାସ୍ ବହି ସହିତ ବ୍ୟାଙ୍କ୍ ପାସ୍ ବହିର ମେଳକ କରାଯିବ ଏବଂ ଏଥି ସକାଶେ ଏକ ପ୍ରମାଣ ପତ୍ର କ୍ୟାସ୍ ବହିରେ ଉଲ୍ଲେଖ କରାଯିବା ପାଇଁ ପଞ୍ଚାୟତି ରାଜ ବିଭାଗ ନିର୍ଦ୍ଦେଶ ଦେଇଥିଲେ (ଜୁଲାଇ 2012) ।

ନୂଆପଡ଼ା ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ନଥିପତ୍ର ଯାଞ୍ଚରୁ (ସେପ୍ଟେମ୍ବର 2017) ଜଣାପଡ଼ିଥିଲା ଯେ ଡିପିଓଙ୍କ ବରିଷ୍ଠ କିରାଣୀ ନଭେମ୍ବର ଏବଂ ଡିସେମ୍ବର 2016 ମଧ୍ୟରେ ନୂଆପଡ଼ାସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ପ୍ରବଞ୍ଚନାତ୍ମକ ଭାବେ ଦୁଇଟି ଚେକ୍ ପ୍ରଦାନ କରି 7,08,550 ଟଙ୍କା କୁ ସେଣ୍ଟ୍ରାଲ ବ୍ୟାଙ୍କ, ନୂଆପଡ଼ା ଶାଖାର ନିଜସ୍ୱ ସଞ୍ଚୟ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର କରିଥିଲେ । ବ୍ୟାଙ୍କରେ ଉପସ୍ଥାପିତ କରିବା ପୂର୍ବରୁ ସେ କାରସାଦି କରି ଚେକ୍‌ରେ ଉଲ୍ଲିଖିତ ରାଶିର ପୂର୍ବରୁ ସଂଖ୍ୟା ଯୋଡ଼ି ଦେଇଥିଲେ । ସେ କ୍ୟାସ୍ ବହିରେ ମାତ୍ର 8,550 ଟଙ୍କା ଦରଜ କରି ବଳକା ଅର୍ଥକୁ ଆତ୍ମସାତ୍ କରିଥିଲେ । ପୁନଶ୍ଚ, କର୍ମଚାରୀଙ୍କ ଟିଏ/ ଡିଏ ବାବଦକୁ ଟ୍ରେଜେରୀରୁ 78.72 ଲକ୍ଷ ଟଙ୍କା ଉଠାଯାଇଥିଲା (ଜାନୁଆରୀ 2017) । ଏହି ରାଶି ମଧ୍ୟରୁ 68.72 ଲକ୍ଷ ଟଙ୍କା ନୂଆପଡ଼ାସ୍ଥିତ ସେଣ୍ଟ୍ରାଲ୍ ବ୍ୟାଙ୍କରେ ଡିପିଓଙ୍କ ସରକାରୀ ହିସାବ ଖାତାରେ 27 ଜାନୁଆରୀ 2017 ରେ ଜମା କରାଯାଇଥିଲା । ବଳକା 10.00 ଲକ୍ଷ ଟଙ୍କାକୁ ଉକ୍ତ ବ୍ୟାଙ୍କରେ ଥିବା ବରିଷ୍ଠ କିରାଣୀଙ୍କ ନିଜସ୍ୱ ହିସାବ ଖାତାରେ ଡାଇରେକ୍ଟଟ୍ରାନ୍ସଫର କ୍ରେଡିଟ୍ ଦ୍ୱାରା ଜମା କରାଯାଇଥିଲା । ଏହି ପ୍ରବଞ୍ଚନା ବିଷୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ 15 ଫେବୃୟାରୀ 2017 ରେ ଡିପିଓଙ୍କୁ ଅବଗତ କରାଇଥିଲେ । ଏହା ପରେ ଡିପିଓ କ୍ୟାସ୍ ବହି ସହିତ ବ୍ୟାଙ୍କ୍ ପାସ୍ ବହିର ମେଳକ କରାଇଥିଲେ ଏବଂ ବରିଷ୍ଠ କିରାଣୀ 17.00 ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ଜାଣିବାକୁ ପାଇଥିଲେ । ସରକାରୀ ଅର୍ଥର ଆତ୍ମସାତ୍ କରିଥିବାରୁ ସେ ଏହି ବରିଷ୍ଠ କିରାଣୀଙ୍କ ନାମରେ ଏକ ଏଫ୍‌ଆଇଆର୍ ଦାଖଲ କରିଥିଲେ (28 ଫେବୃଆରୀ 2017) ଏବଂ ପରବର୍ତ୍ତୀ ସମୟରେ ଏହି ପଦାଧିକାରୀଙ୍କୁ ଚାକିରିରୁ ନିଲମ୍ବନ କରିଥିଲେ ।

ନୂଆପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ (28 ଫେବୃଆରୀ 2017) ରେ, ଉପ-ଜିଲ୍ଲାପାଳ ଜାନୁଆରୀ 2014 ଠାରୁ ଫେବୃଆରୀ 2017 ମଧ୍ୟରେ ନୂଆପଡ଼ା ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ହୋଇଥିବା ଦେଣନେଣ କାରବାରକୁ ସତ୍ୟାପନ କରିଥିଲେ । ସେ ରିପୋର୍ଟ ଦେଇଥିଲେ (ମାର୍ଚ୍ଚ 2017) ଯେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଖାତାରୁ ଉଠାଯାଇଥିବା 1.47 କୋଟି ଟଙ୍କାରୁ 0.75 କୋଟି ଟଙ୍କା ଆତ୍ମସାତ୍ କରାଯାଇଥିଲା । ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ନୂଆପଡ଼ା ସେଣ୍ଟ୍ରାଲ ବ୍ୟାଙ୍କର ବରିଷ୍ଠ କିରାଣୀଙ୍କ ନିଜସ୍ୱ ହିସାବ ଖାତାକୁ ସ୍ଥାନାନ୍ତର ହୋଇଥିବା 7.00 ଲକ୍ଷ ଟଙ୍କା ଏହି 0.75 କୋଟିରେ ଅନ୍ତର୍ଭୁକ୍ତ ଥିଲା । ସେଣ୍ଟ୍ରାଲ ବ୍ୟାଙ୍କ ଖାତାକୁ ପ୍ରପଞ୍ଚ କରି ସିଧାସଳଖ ସ୍ଥାନାନ୍ତର କରାଯାଇଥିବା 10.00 ଲକ୍ଷ ଟଙ୍କାକୁ ମିଶାଇ ସମୁଦାୟ 0.85 କୋଟି ଟଙ୍କା ଆତ୍ମସାତ୍ ହୋଇଥିବା କମିଟି ନିର୍ଣ୍ଣୟ କରିଥିଲା ।

ସମୀକ୍ଷା ସମୟରେ ଏହା ପୁନଃପରିଲକ୍ଷିତ ହୋଇଥିଲା ଯେ ମଇ 2014 ରୁ ଜାନୁଆରୀ 2016 ମଧ୍ୟରେ ନୂଆପଡ଼ା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ସାତଟି ଖାତାରୁ ଡିପିଓ 0.18 କୋଟି ଟଙ୍କା ଉଠାଇଥିଲେ । କିନ୍ତୁ ଉକ୍ତ ରାଶି ସଂପୃକ୍ତ କ୍ୟାସ୍ ବହି ଗୁଡ଼ିକରେ ଦରଜ କରାଯାଇ ନଥିଲା । ଡିପିଓ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଓ ଜଣେ ଚପରାଶିଙ୍କ ଦ୍ୱାରା ଏହି ରାଶି ଉଠାଯାଇଥିଲା । ସମୁଦାୟ ଆତ୍ମସାତ୍ ହୋଇଥିବା ରାଶିର ବିଶ୍ଳେଷଣ ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

***ସାରଣୀ 2.8.1: ଆତ୍ମସାତ୍ ରାଶିର ସବିଶେଷ ବିବରଣୀ***

| ଉଠାଣ ତାରିଖ | ଆତ୍ମସାତ୍ ହୋଇଥିବା ରାଶି (ଟଙ୍କାରେ) | ସଂପୃକ୍ତ ଅଧିକାରୀଙ୍କ ପଦବୀ |
|---|---|---|
| 21 ନଭେମ୍ବର 2016 | 200000 | ବରିଷ୍ଠ କିରାଣୀ |
| 16 ଡିସେମ୍ବର 2016 | 500000 | |
| 27 ଜାନୁଆରୀ 2017 | 1000000 | ବରିଷ୍ଠ କିରାଣୀ |
| 6 ଜାନୁଆରୀ 2014 ରୁ 14 ଫେବୃଆରୀ 2017 | 6816688 | ବରିଷ୍ଠ କିରାଣୀ |
| 8 ଡିସେମ୍ବର 2014 ଏବଂ 13 ଫେବୃଆରୀ 2015 | 42000 | ପିଅନ |
| 12 ମଇ 2014 ରୁ 4ନଭେମ୍ବର 2015 | 275000 | ବରିଷ୍ଠ କିରାଣୀ<br>ପିଅନ |
| 10 ନଭେମ୍ବର.2015 ରୁ 14 ଡିସେମ୍ବର 2015 | 92000 | ବରିଷ୍ଠ କିରାଣୀ<br>ପିଅନ |
| 30 ଅକ୍ଟୋବର 2014 ରୁ 12 ଜାନୁଆରୀ 2016 | 296500 | ପିଅନ |
| 11 ଅପ୍ରେଲ 2015 ରୁ 18 ଅଗଷ୍ଟ 2015 | 716000 | ବରିଷ୍ଠ କିରାଣୀ<br>ପିଅନ |
| 24 ମାର୍ଚ୍ଚ 2015 ରୁ 5 ଡିସେମ୍ବର 2015 | 395500 | ବରିଷ୍ଠ କିରାଣୀ<br>ପିଅନ |
| 12 ମଇ2014 ରୁ 29 ଜାନୁଆରୀ 2016 | 6000 | ବରିଷ୍ଠ କିରାଣୀ |
| **ମୋଟ** | **10339688** | |

***(ଉତ୍ସ: କ୍ୟାସ୍ ବହି ଏବଂ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ହିସାବ ବିବରଣୀ)***

ଡିପିଓ କ୍ୟାସ୍ ବହିରେ ଲିଖିତ ସଂଖ୍ୟାକୁ ନା ନିୟମିତ ଭାବରେ ସତ୍ୟାପିତ କରିଥିଲେ ନା କ୍ୟାସ୍ ବହି ଓ ବ୍ୟାଙ୍କ୍ ପାସ୍ ବହିର ମାସିକ ମେଳକ କରାଯାଇଥିଲା । ଏହା ଡିପିଓ ଙ୍କର ଆଭ୍ୟନ୍ତରୀଣ ନିୟନ୍ତ୍ରଣରେ ଏକ ଗୁରୁତର ତୃଟି ଯାହା ଫଳରେ 1.03 କୋଟି ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ ହୋଇଥିଲା ।

ଡିପିଓ ଏହି ତଥ୍ୟକୁ ଗ୍ରହଣ କରି ଦର୍ଶାଇଥିଲେ (ସେପ୍ଟେମ୍ବର 2017) ଯେ ପୂର୍ବତନ କୋଷାଧ୍ୟକ୍ଷ ଓ ଜଣେ ଚପରାଶି ମିଶି ଦସ୍ତଖତକୁ ଜାଲିଆତି କରି ଏବଂ ଚେକ୍‌ର ରାଶିକୁ କାରସାଦି କରି ଏହି ସମୁଦାୟ ଅର୍ଥକୁ ଉଠାଇ ନେଇଥିଲେ ।

ନିୟମ ନିର୍ଦ୍ଧାରିତ ଦୃଢ଼ ଯାଞ୍ଚ୍ ପଦ୍ଧତିର ଅନୁପସ୍ଥିତି ଯୋଗୁ ଏହି ବହୁଳ ପରିମାଣର ସରକାରୀ ଅର୍ଥ ଆତ୍ମସାତ୍ ହୋଇପାରିଥିଲା । ନିଜ କର୍ତ୍ତବ୍ୟରେ ଅବହେଳା ଯୋଗୁ ଡିପିଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ଏକାନ୍ତ ଜରୁରୀ ।

ଏହି ବିଷୟ ଅର୍ଦ୍ଧ-ସରକାରୀ ପତ୍ର ଦ୍ୱାରା ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବଙ୍କୁ ଅବଗତ କରାଯାଇଥିଲା (ଜୁଲାଇ 2018) । ଡ଼ିସେମ୍ବର 2018 ରେ ଏକ ସ୍ମାରଣପତ୍ର ପ୍ରେରଣ କରାଯାଇଥିଲା । ଉତ୍ତରକୁ ଅପେକ୍ଷା କରାଯାଇଛି (ମାର୍ଚ୍ଚ 2020) ।

## 2.9 ଗ୍ରାମ ପଞ୍ଚାୟତ ଅଧିକାରୀଙ୍କ ଦ୍ୱାରା ଅର୍ଥ ଆତ୍ମସାତ୍

**ନୂଆପଡ଼ାର କୁରେଶ୍ୱର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା 3.28 ଲକ୍ଷ ଟଙ୍କା ବାର୍ଦ୍ଧକ୍ୟ ଭତ୍ତାର ଆତ୍ମସାତ୍ ।**

ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମ, 2014 ର ନିୟମ 93 (2) ଅନୁଯାୟୀ, ଗ୍ରାମ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ମାନେ ଅର୍ଥ ପ୍ରାପ୍ତି ବା ଅର୍ଥ ପ୍ରଦାନ କରାଯିବାର ସମସ୍ତ ଦେଣନେଣକୁ ସେହି ଦିନ ହିଁ କ୍ୟାସ୍ ବହିରେ ଲିପିବଦ୍ଧ କରିବେ । ନିୟମ 93 (4), ଅନୁଯାୟୀ, ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ (ଜିପିଇଓ) ଅତି କମ୍‌ରେ ମାସକୁ ଥରେ କ୍ୟାସ୍ ବହି ଓ ହାତରେ ଥିବା ରାଶିର ଯାଞ୍ଚ୍ କରିବେ । ପୁନଶ୍ଚ, ଓଡ଼ିଶା ଟ୍ରେଜେରୀ ସଂହିତା ଖଣ୍ଡ-I ର ନିୟମ 242 ଅନୁଯାୟୀ, ତୁରନ୍ତ ବ୍ୟୟ କରାଯିବାର ଆବଶ୍ୟକତା ନଥିଲେ କୌଣସି ଅର୍ଥ ଟ୍ରେଜେରୀରୁ ଉଠାଣ କରାଯାଇ ପାରିବ ନାହିଁ ।

କୁରେଶ୍ୱର ଗ୍ରାମ ପଞ୍ଚାୟତ (ନୂଆପଡ଼ା ଜିଲ୍ଲାର କୋମନା ପଞ୍ଚାୟତ ସମିତି ଅଧିନ)ର 2015-17 ମଧ୍ୟରେ କ୍ୟାସ୍ ବହିଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଲା(ସେପ୍ଟେମ୍ବର 2017) ଯେ ଦୁଇଟି ଅବସରରେ ହାତରେ ଥିବା ନଗଦ ରାଶିକୁ ଆତ୍ମସାତ୍ କରାଯାଇଥିଲା, ଯାହାର ସବିଶେଷ ବିବରଣୀ ନିମ୍ନ ସାରଣୀରେ ଦର୍ଶାଗଲା ।

***ସାରଣୀ 2.9.1: ଦେଣନେଣରେ ଆତ୍ମସାତ୍ ହୋଇଥିବା ଅର୍ଥର ବିବରଣୀ***

| ଦେଣନେଣର ତାରିଖ | ହାତ ଜମା ରାଶି | କାରବାର କରିଥିବା ବ୍ୟକ୍ତି[92] | ଦେଣନେଣର ପରବର୍ତ୍ତୀ ତାରିଖ | ହାତଜମା ରାଶି |
|---|---|---|---|---|
| 14 ଜୁଲାଇ 2015 | 2.48 ଲକ୍ଷ ଟଙ୍କା | ପୂର୍ବତନ ସରପଞ୍ଚ | 14 ଅଗଷ୍ଟ 2015 | ନାହିଁ |
| 18 ଡିସେମ୍ବର 2015 | 0.80 ଲକ୍ଷ ଟଙ୍କା | ପୂର୍ବତନ ପିଇଓ | 12 ଜାନୁଆରୀ 2016 | ନାହିଁ |
| **ମୋଟ** | **3.28** ଲକ୍ଷ ଟଙ୍କା | | | ନାହିଁ |

***(ଉତ୍ସ: କୁରେଶ୍ୱର ଗ୍ରାମ ପଞ୍ଚାୟତର କ୍ୟାସ୍ ବହି ଏବଂ ବ୍ୟାଙ୍କ୍ ପାସ୍ ବହି)***

ବାର୍ଦ୍ଧକ୍ୟ ଭତ୍ତା ବାବଦରେ ଆବଶ୍ୟକତା ଠାରୁ ଅଧିକ ଅର୍ଥ ଉଠାଯିବା କାରଣରୁ ବହୁଳ ଭାବରେ ନଗଦ ଅର୍ଥ ପୁଞ୍ଜୀଭୂତ ହୋଇଥିଲା । ଦୁଇଟି ଅବସରରେ କ୍ୟାସ୍ ବହିରେ ନଗଦ ଅର୍ଥ "ଶୁନ୍ୟ" ଦର୍ଶାଯାଇଥିବା ବେଳେ, ବ୍ୟାଙ୍କ୍ ହିସାବ ଖାତାର ତନଖିରୁ ସମୀକ୍ଷା ଦେଖିଥିଲା ଯେ କୌଣସି ରାଶି ବ୍ୟାଙ୍କରେ ଜମା କରାଯାଇ ନଥିଲା । ଉକ୍ତ ଅର୍ଥର ବଣ୍ଟନ (ପେନସନ୍ ପ୍ରଦାନ) ସପକ୍ଷରେ ମଧ୍ୟ କୌଣସି ପ୍ରମାଣ ପତ୍ର ନଥିଲା । ଏଥିରୁ ଏହା ପ୍ରମାଣ

[92] 1) ଶ୍ରୀମତୀ ନେପୁରା ମାଝୀ, 2) ଏମ୍‌ଡି. ସିଦିକ୍

ସିଦ୍ଧ ହେଲା ଯେ ଉକ୍ତ 3.28 ଲକ୍ଷ ଟଙ୍କା ଅର୍ଥ ଆତ୍ମସାତ୍ ହୋଇଛି । ସରକାରୀ ଅର୍ଥର ଆତ୍ମସାତ୍ ପାଇଁ ଉଭୟ ପୂର୍ବତନ ସରପଞ୍ଚ ଓ ପୂର୍ବତନ ପିଇଓ ଦାୟୀ ଥିଲେ ।

ଜୁଲାଇ 2015 ରୁ ଜୁନ୍ 2017 ମଧ୍ୟରେ ଜିପିଇଓ, କ୍ୟାସ୍ ବହି ଓ ହାତଜମାର ତନଖି କରିନଥିବା ମଧ ପରିଲକ୍ଷିତ ହୋଇଥିଲା । ଏହା ପୂର୍ବତନ ସରପଞ୍ଚ ଓ ପୂର୍ବତନ ପିଇଓଙ୍କୁ ଗ୍ରାମ ପଞ୍ଚାୟତ ହିସାବ ରକ୍ଷଣାବେକ୍ଷଣର ନିୟମ ଉଲ୍ଲଙ୍ଘନ କରିବାରେ ସହାୟକ ହୋଇଥିଲା ।

ଉତ୍ତରରେ ସଂପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦର୍ଶାଇଥିଲେ ଯେ ଏହି ଅର୍ଥକୁ ଅସୁଲ କରିବାକୁ ପୂର୍ବତନ ସରପଞ୍ଚ ଓ ପୂର୍ବତନ ପିଇଓଙ୍କୁ ନୋଟିସ୍ ପ୍ରେରଣ କରାଯିବ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଡିଓଙ୍କୁ ଅନୁରୋଧ କରାଯିବ ।

ଏହି ବିଷୟ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବଙ୍କୁ ଅର୍ଦ୍ଧ ସରକାରୀ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା (ଜୁନ୍ 2018), ସେପ୍ଟେମ୍ବର 2018 ରେ ଏକ ସ୍ମରଣ ପତ୍ର ମଧ ପଠାଯାଇଥିଲା । ଉତ୍ତରକୁ ଅପେକ୍ଷା କରାଯାଇଛି (ମାର୍ଚ୍ଚ 2020) ।

## 2.10 ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନରେ 2.79 ଲକ୍ଷ ଟଙ୍କା ଆତ୍ମସାତ୍

**ନଅଟି ପଞ୍ଚାୟତ ସମିତିରେ ମୃତ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ଆଳରେ 2.79 ଲକ୍ଷ ଟଙ୍କା ଆତ୍ମସାତ୍**

ମଧୁବାବୁ ପେନ୍‌ସନ୍ ଯୋଜନା (ଏମ୍‌ବିପିଓ୍ୱାଇ) ନିୟମ 2008 ର ନିୟମ 16 ର ବ୍ୟବସ୍ଥା ଅନୁଯାୟୀ କୌଣସି ହିତାଧିକାରୀଙ୍କ ମୃତ୍ୟୁ ହେବା ବିଷୟକୁ ସଂପୃକ୍ତ ଗ୍ରାମ ପଞ୍ଚାୟତ / ପଞ୍ଚାୟତ ସମିତିର ନିର୍ବାହୀ ଅଧିକାରୀ/ ସଂପ୍ରସାରଣ ଅଧିକାରୀ ତୁରନ୍ତ ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ) ଏବଂ ଉପ-ଜିଲ୍ଲାପାଳଙ୍କୁ ଅବଗତ କରାଇବେ । ଏମ୍‌ବିପିଓ୍ୱାଇ ର ନିୟମ 19 ଏବଂ ଜାତୀୟ ସାମାଜିକ ସହାୟକ କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି) ନିୟମାବଳୀ ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଦ୍ୱାରା ପ୍ରତ୍ୟେକ ବର୍ଷ ଅପ୍ରେଲ ମାସର ପ୍ରଥମ ସପ୍ତାହର ହିତାଧିକାରୀମାନଙ୍କର ବାର୍ଷିକ ସତ୍ୟତା ପ୍ରମାଣିତ କରାଯିବ । ପୁନଶ୍ଚ, ଏମ୍‌ବିପିଓ୍ୱାଇ ର ନିୟମ 22 ଅନୁଯାୟୀ, ପେନ୍‌ସନ୍‌ଧାରୀଙ୍କ ମୃତ୍ୟୁ ଘଟିବା ପରେ ପରବର୍ତ୍ତୀ ବଣ୍ଟନ ତାରିଖ ଠାରୁ ତାଙ୍କର ପେନ୍‌ସନ୍ ବିତରଣ ବନ୍ଦ୍ ହେବ ।

ନଅଟି ପଞ୍ଚାୟତ ସମିତି[93] ଅଧିନସ୍ଥ 19 ଟି ଗ୍ରାମ ପଞ୍ଚାୟତର 15,497 ଜଣ ପେନ୍‌ସନ୍‌ଧାରୀଙ୍କର 2014-15 ରୁ 2016-17 ପର୍ଯ୍ୟନ୍ତ ବଣ୍ଟନ ରେଜିଷ୍ଟର ଓ କ୍ୟାସ୍ ବହି ଗୁଡ଼ିକୁ ସମୀକ୍ଷା ଯାଞ୍ଚ୍ କରିଥିଲା (ମଇ 2017 ଠାରୁ ଫେବୃଆରୀ 2018 ମଧ୍ୟରେ) । ପେନ୍‌ସନ୍ ଓ ବକେୟା ପେନ୍‌ସନ୍ ରାଶି ବାବଦକୁ 2.79 ଲକ୍ଷ ଟଙ୍କା 72 ଟି ଗ୍ରାମର 150 ଜଣ ମୃତ ନେପସନ୍ ଧାରୀଙ୍କୁ ପ୍ରଦାନ କରାଯାଇଥିବା ପରିଲକ୍ଷିତ ହୋଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ରେ ପରିଚାଳନା କରାଯାଉଥିବା ମୃତକ ରେଜିଷ୍ଟର ଅନୁଯାୟୀ ଏମାନେ ଏକ ରୁ 36 ମାସ ପୂର୍ବରୁ ମରିସାରିଥିଲେ । ସିଏଚ୍‌ସି ରୁ ମୃତକର ପ୍ରକୃତ ତାରିଖକୁ ସତ୍ୟାପନ ନକରି ବିତରଣ ଅଧିକାରୀ ଅର୍ଥ ପ୍ରଦାନ କରିଚାଲିଥିଲେ । ସଂପୃକ୍ତ ପିଏଚ୍‌ସି ରୁ ଏବଂ ହରିଶ୍ଚନ୍ଦ୍ର ସହାୟତା ଯୋଜନା[94] ନଥିପତ୍ରରୁ ମୃତ୍ୟୁର ପ୍ରକୃତ ତାରିଖକୁ ସମୀକ୍ଷା ଦ୍ୱାରା ନିଶ୍ଚିତ କରାଯାଇଥିଲା । ପେନ୍‌ସନ୍‌ଧାରୀଙ୍କ ମୃତ୍ୟୁ ପରେ ବିତରଣ ଅଧିକାରୀ ବିତରଣ ପୁସ୍ତିକାରେ ଅନ୍ୟ ଲୋକମାନଙ୍କର ମିଥ୍ୟା ଆଙ୍ଗୁଠି ଛାପ ନେଇ ପେନ୍‌ସନ୍ ବିତରଣ କରିଥିଲେ । ପଞ୍ଚାୟତ ସମିତି ଅନୁଯାୟୀ ମୃତକକୁ ପେନ୍‌ସନ୍ ବିତରଣର ସବିଶେଷ ତଥ୍ୟ ***ପରିଶିଷ୍ଟ 2.10.1*** ରେ ଦର୍ଶାଗଲା ।

[93] ଭଦ୍ରକ, ବୋଲଗଡ଼, ଚିଲିକା, କୁଆଁରମୁଣ୍ଡା, କୁଜଙ୍ଗ, ନୂଆଗାଁ (ସୁନ୍ଦରଗଡ଼), ଓଡ଼ଗାଁ, ପାଟଣାଗଡ଼ ଏବଂ ସାନଖେମୁଣ୍ଡି

[94] ହରିଶ୍ଚନ୍ଦ୍ର ସହାୟତା ଯୋଜନା (ଏଚଏସ୍‌ୱାଇ): ରାଜ୍ୟ ସରକାରଙ୍କର ଏକ ଯୋଜନା ଯାହା ମାଧ୍ୟମରେ ପରିବାରର ମୃତ ବ୍ୟକ୍ତିଙ୍କର ଶେଷକୃତ୍ୟ ସମ୍ପନ୍ନ କରିବାକୁ ଗରିବ ଓ ଅସହାୟଲୋକଙ୍କୁ ଏବଂ ଦାବୀ ଦାର ନଥିବା ଶବର ଅନ୍ତିମ ସଂସ୍କାର କରିବା ପାଇଁ 1000 ଟଙ୍କା ରୁ 3000 ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯାଇଥାଏ ।

ପେନ୍‌ସନଧାରୀଙ୍କର ବାର୍ଷିକ ସତ୍ୟାପନ ନ କରିବା ଏବଂ ବିଡିଓମାନଙ୍କର ବିତରଣ ଅଧିକାରୀଙ୍କ ଉପରେ ନିୟନ୍ତ୍ରଣ ନଥିବା ଯୋଗୁଁ ଏହି ଆତ୍ମସାତ୍ ସମ୍ଭବ ହୋଇପାରିଥିଲା । କର୍ତ୍ତବ୍ୟ ସଂପାଦନରେ ଅବହେଳା ଯୋଗୁଁ ବିଡିଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ।

ଏହି ବିଷୟରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବଙ୍କୁ ଅର୍ଦ୍ଧ ସରକାରୀ ପତ୍ର ମାଧ୍ୟମରେ ଅବଗତ କରାଯାଇ ଥିଲା (ଜୁନ୍ 2018) ଏବଂ ସ୍ମରଣ ପତ୍ର ମଧ୍ୟ ସେପ୍ଟେମ୍ବର 2018 ରେ ପଠାଯାଇଥିଲା, ଯାହାର ଉତ୍ତରକୁ ଅପେକ୍ଷା କରାଯାଇଛି (ମାର୍ଚ୍ଚ 2020) ।

**ଭୁବନେଶ୍ୱର** **(ବିଭୁଦତ୍ତ ବସନ୍ତିଆ)**
**ତାରିଖ:** **ମହାଲେଖାକାର (ସାଧାରଣ ଓ ସାମାଜିକ କ୍ଷେତ୍ର ଲେଖାପରୀକ୍ଷା)**
**ଓଡିଶା**

**ପ୍ରତିସ୍ୱାକ୍ଷରିତ**

**ନୂଆ ଦିଲ୍ଲୀ** **(ରାଜୀବ ମେହେର୍ଷି)**
**ତାରିଖ:** **ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**